R.N.I.REGD.NO. ORIORI/2005/15069,
POSTAL REGD. NO. BHADRAK/001/2023-2026
ଓଡ଼ିଆ ସାପ୍ତାହିକୀ
Odia Weekly
ଭାଗ-୨୧, ସଂଖ୍ୟା-୦୯
Vol-21, Isssue-08
୨ ମାର୍ଚ୍ଚ - ୮ ମାର୍ଚ୍ଚ ୨୦୨୬
9th Jan - 8th Jan 2026
ଭଦ୍ରକ Bhadrak
ମୂଲ୍ୟ -୫ ଟଙ୍କା
Price -Rs.5/-

# ସାଲନ୍ଦୀ ସମାଚାର

THE SALANDI SAMACHAR
ପ୍ରତିଷ୍ଠାତା - ସାହିତ୍ୟରତ୍ନ ଅପୂର୍ବ ରଂଜନ ରାୟ

ଇଂଲଣ୍ଡକୁ ହରାଇ ଭାରତ ଫାଇନାଲରେ

# ଗାନ୍ଧୀଘାଟ ଅବହେଳିତ

ଭଦ୍ରକ: ଭଦ୍ରକଜିଲ୍ଲା ବାସୁଦେବପୁର ବ୍ଲକ୍ ବାଲିମେଦ ପଂଚାୟତ ଅନ୍ତର୍ଗତ ମନ୍ତେଇ ନଦୀକୂଳରେ ଥିବା ଐତିହାସିକ ଚାରବାଟିଆ ଗାନ୍ଧୀଘାଟ ଏବେ ଅବହେଳିତ। ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି ବ୍ଲକ୍ ପୀରହାଟଠାରୁ ୮ କିମି ଗଲାପରେ ସାହାପୁର ପଂଚାୟତ ନିକଟରେ ରହିଛି ଚାରବାଟିଆ ଘାଟ। ୧୮୨୭ ଡିସେମ୍ବର ୧୭ ତାରିଖରେ ମହାତ୍ମା ଗାନ୍ଧୀ ମାଳମାଳ କୁମ୍ଭୀର ଆତଙ୍କ ଭିତରେ ଏହି ଘାଟ ପାର ହୋଇଥିଲେ। ସେତେବେଳେ ଇଂରେଜମାନେ ଏହି ଅଂଚଳରେ ଅଧିକ କର ଲାଗୁ କରିଥିବାରୁ ଗାନ୍ଧୀଜୀ ଏହି ଅଂଚଳ ବୁଲିବା ସହ ଅସହାୟ ଲୋକଙ୍କର ସମସ୍ୟା ବୁଝିଥିଲେ। ଯେଉଁ ମାଟିରେ ଦିନେ ଜାତିର ପିତାଙ୍କ ପାଦ ପଡ଼ିଥିଲା ତାହା ଆଜି ଅବହେଳିତ ହୋଇ ରହିଛି। ଏହି ଘାଟକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିନାହିଁ। କେବଳ କଂଗ୍ରେସ ସରକାର ସମୟରେ ତତ୍କାଳୀନ ଚାନ୍ଦବାଲି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନେତ୍ରାନନ୍ଦ ମଲ୍ଲିକଙ୍କ ଉଦ୍ୟମରେ ଗାନ୍ଧୀଙ୍କର ପ୍ରତିମୂର୍ତ୍ତିଟିଏ କରାଯାଇଥିଲା। ଏହାବାଦ୍ ଗାନ୍ଧୀଜୀଙ୍କ ସ୍ମୃତିରକ୍ଷା ପାଇଁ ଏଠାରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ରାଜ୍ୟ କିମ୍ବା କେନ୍ଦ୍ର ସରକାର ଏହି ଐତିହାସିକ ପୀଠକୁ ଆଦୌ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଚାରବାଟିଆ ଘାଟ ଦେଇ ତିହିଡ଼ିରୁ ବାସୁଦେବପୁର ବ୍ଲକକୁ ଶହଶହ ଲୋକ ଯାତାୟାତ କରୁଥିଲେ ସୁଦ୍ଧା ସେତୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନି। ଏଠାରେ ସେତୁ ନିର୍ମାଣ କାମ ଦୁଇବର୍ଷ ହେଲା ଦୁଇଟି ଖମ୍ବରେ ଅଟକିଛି। ଆହୁରି ୩ଟି ଖମ୍ବ କାମ ବାକି ରହିଛି। ସେହିପରି, ଏଠାରେ ମହାତ୍ମା ଗାନ୍ଧୀଙ୍କ ସ୍ମୃତିପୀଠ ପ୍ରତିଷ୍ଠା ସହ ପାର୍କ, ପାନ୍ଥ ନିବାସ, ଯାତ୍ରୀ ବିଶ୍ରାମାଗାର, ଆଲୋକୀକରଣ ବ୍ୟବସ୍ଥା, ତିହିଡ଼ି-ବାସୁଦେବପୁର ରାସ୍ତା ପ୍ରଶସ୍ତୀକରଣ, ପାଠାଗାର ପ୍ରତିଷ୍ଠା ପାଇଁ ଦାବି ହେଉଛି। ଏହା ସହ ଗାନ୍ଧୀ, ଗୋପବନ୍ଧୁ, ମହତାବଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରି ଏହି ଐତିହାସିକ ପୀଠର ବିକାଶ ପାଇଁ ମତ ପ୍ରକାଶ ପାଉଛି।

# ସ୍ୱଚ୍ଛହେବ ଭୋଟର ତାଲିକା : ଶତ ପ୍ରତିଶତ ସଂଶୋଧନ ଲକ୍ଷ୍ୟ

ଭୁବନେଶ୍ୱର: ରାଜ୍ୟରେ ଆସନ୍ତା ଏପ୍ରିଲ ୧ ତାରିଖରୁ ଆରମ୍ଭ ହେବ ସ୍ୱତନ୍ତ୍ର ସଂଶୋଧନ ବା ଏସ୍.ଆଇ.ଆର । ରାଜ୍ୟରେ ଏସ୍.ଆଇ.ଆର ଆରମ୍ଭକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ. ଗୋପାଳନ ସୂଚନା ଦେଇଛନ୍ତି । ସେ କହିଛନ୍ତି, ରାଜ୍ୟରେ ୯୦ ପ୍ରତିଶତ ଭୋଟର ତାଲିକାରେ ସଂଶୋଧନ ହୋଇସାରିଛି। ବାକି ୧୦ ପ୍ରତିଶତ ମଧ୍ୟରୁ ଅତିକମ୍‌ରେ ୮ ପ୍ରତିଶତ ସଂଶୋଧନ ହେବ। ଆମେ ଚେଷ୍ଟା କରୁଛୁ ଶତ ପ୍ରତିଶତ ସଂଶୋଧନ ପାଇଁ। ଏହା ୨୦୦୨ ଆଧାରରେ ସଂଶୋଧନ କରାଯିବ। ୨୦୦୨ ମସିହାରେ ଯେଉଁ ବୁଥ୍‌ରେ ମତଦାନ କରିଥିଲେ ତାର ବୁଥ୍ ନମ୍ବର କହିଲେ ବି ସଂଶୋଧନ ହେବ। କିନ୍ତୁ ଯଦି ଜଣକ ପାଖରେ କିଛି ବି ଲିଷ୍ଟ ନାହିଁ ତେବେ ତାକୁ ୧୧ ନମ୍ବର ବିଶିଷ୍ଟ ଫର୍ମ ଦିଆଯିବ। ତାକୁ ପୂରଣ କଲେ ବି ସଂଶୋଧନ ହୋଇପାରିବ। ଉଦ୍ଦେଶ୍ୟ ହେଉଛି ଯେମିତି ଭୋଟର ତାଲିକା ପୂରା ସ୍ୱଚ୍ଛ ହେବା ଦରକାର। ଯଦି କାହାର ଦୁଇ ଆଡେ ଭୋଟର ତାଲିକାରେ ନାଁ ଥାଏ ତେବେ ସେ ଗୋଟିଏ ଜାଗାରେ ରଖିପାରିବେ। ଦୁଇଟି ବା ଏକାଧିକ ଜାଗାରେ ରଖିଲେ ତାହା ଦଣ୍ଡନୀୟ ଅପରାଧ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ କହିଛନ୍ତି। ଭୋଟର ତାଲିକା ନେଇ ବାରମ୍ବାର ବିଭିନ୍ନ ଅଭିଯୋଗ ହସ୍ତଗତ ହେଉଥିବାରୁ ଆଗାମୀ ନିର୍ବାଚନ ପୂର୍ବରୁ ଏହାକୁ ସ୍ୱଚ୍ଛ ଓ ସଂଶୋଧିତ କରାଯିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି।




# ମଣ୍ଡିକୁ ବାଟ ଦେଖି ନାହାନ୍ତି ଭଦ୍ରକ ଜିଲାର ଅଫସର !

ଭଦ୍ରକ: 'ଧାନକିଣା ଦାୟିତ୍ୱରେ ଥିବା ଭଦ୍ରକ ଜିଲାର ଯୋଗାଣ ଓ ସମବାୟ ବିଭାଗର ଅଧିକାରୀମାନେ ମଣ୍ଡିକୁ ରାସ୍ତା ଦେଖିନାହାନ୍ତି। ସେମାନେ ନିୟମିତ ମଣ୍ଡିକୁ ଗସ୍ତ କରୁନାହାନ୍ତି କି ମଣ୍ଡି ସଞ୍ଚାଳନ ବାବଦରେ ସେମାନେ ସଚେତନ ବି ନୁହନ୍ତି।' ଭଦ୍ରକ ଜିଲାରେ ଧାନକିଣା କେମିତି ଚାଲିଛି ତାହାର କ୍ଷେତ୍ରୀୟ ଅନୁଧ୍ୟାନ କରିଥିବା ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ଅତିରିକ୍ତ ସଚିବ ଡ.ଚିତ୍ରସେନ ରାଉତ ଏମିତିକା ଅନୁଭୂତି ନେଇଛନ୍ତି। ସୂଚନାଥାଉକି; ଡ.ରାଉତ ଗତ ଫେବୃଆରୀ ୧୦ ଓ ୧୧ ତାରିଖ ଦୁଇଦିନ ଧରି କଟକ,ଢେଙ୍କାନାଳ, ଅନୁଗୁଳ, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ ଆଦି ଜିଲା ଗସ୍ତ କରି ଧାନକିଣାର କ୍ଷେତ୍ରୀୟ ଅନୁଧ୍ୟାନ କରିଥିଲେ। ୧୧ ତାରିଖରେ ଡ.ରାଉତ ଭଦ୍ରକର ଚରମ୍ପା ଓ ରମ୍ଭିଳା ମଣ୍ଡି ପରିଦର୍ଶନ କରିଥିଲେ। ପରେ ଡ.ରାଉତ ଯୋଗାଣ ବିଭାଗର ପ୍ରମୁଖ ସଚିବଙ୍କୁ କ୍ଷେତ୍ରୀୟ ଅନୁଧ୍ୟାନ ବାବଦରେ ଏକ 'ନୋଟସିଟ' ପ୍ରଦାନ କରିଥିଲେ। ଉକ୍ତ 'ନୋଟସିଟ'ର ନକଲ ଇତିମଧ୍ୟରେ ଭଦ୍ରକ ଜିଲା ପ୍ରଶାସନକୁ ମିଳିଛି। ନାମ ଗୋପନ ସର୍ତରେ ଜଣେ ଜିଲାସ୍ତରୀୟ ଅଧିକାରୀଙ୍କ କହିବା କଥା ହେଲା; ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର ଅଧିକାରୀଙ୍କ ନୋଟସିଟରେ ଭଦ୍ରକ ଜିଲା ବାବଦରେ ଟିପ୍ପଣୀ 'ନକରାତ୍ମକ' (ନେଗେଟିଭ) ରହିଛି। ଭଦ୍ରକ ଜିଲାରେ ସିଏସଓ, ଏସିଏସଓ, ଡିଆରସିଏସ, ଏଆରସିଏସଙ୍କ ଭଳି ଅଫିସରମାନେ ମଣ୍ଡିକୁ ରାସ୍ତା ଦେଖିନାହାନ୍ତି କି ମଣ୍ଡି ପରିଚାଳନା ବାବଦରେ ସଚେତନ ନୁହନ୍ତି ଏକଥାର ପ୍ରମାଣ ମିଳିଥିବା ନୋଟସିଟରେ ଦର୍ଶାଯାଇଛି। ସେହିଭଳି ଅତିରିକ୍ତ ସଚିବ ଡ.ରାଉତ ତାଙ୍କ ଅନୁଧ୍ୟାନ (ଅବଜରଭେସନ) ରିପୋର୍ଟରେ ଚାଷୀକୁ ଓଜନରେ ଶୋଷଣ କରାଯିବା ଉଚିତ ନୁହେଁ ବୋଲି ଦର୍ଶାଇଛନ୍ତି। ଧାନର ଓଜନ ଚାଷୀ ଓ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ହେବା ଦରକାର, କେବଳ ମିଲର ପ୍ରତିନିଧିଙ୍କ ଦ୍ୱାରା ଓଜନ କରାଯିବା ଉଚିତ ନୁହେଁ ବୋଲି ସେ ଦର୍ଶାଇଛନ୍ତି। ସେହିଭଳି ମଣ୍ଡି ପରିଚାଳନାରେ ସରକାରୀ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ, 'ଟୋକନ' ଅନୁଯାୟୀ ସମ୍ପୂର୍ଣ୍ଣ ଧାନ କିଣାଯିବା ଉପରେ ଗୁରୁତ୍ୱ ସହ ଆହୁରି ଅନେକ ପରାମର୍ଶ ଅତିରିକ୍ତ ସଚିବ ତାଙ୍କ ନୋଟସିଟରେ ଦେଇଥିବା କଥା ଉକ୍ତ ଅଫିସର ଆଲୋଚନା ବେଳେ କହିଛନ୍ତି। ଏଠାରେ ସୂଚନାଥାଉକି: ମଣ୍ଡି ଦାୟିତ୍ୱରେ ଥିବା ନୋଡାଲ ଅଫିସର ଓ ସୁପରଭିଜନ ଅଫିସର ମାନେ ମଣ୍ଡି ବୁଲୁ ନାହାନ୍ତି ବୋଲି ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ଇତମିଧ୍ୟରେ ଏକାଧିକବାର ଜିଲା ପ୍ରଶାସନକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଜିଲାରେ ୧୪୯ ମଣ୍ଡି ପାଇଁ ୧୪୯ ଏମଏନଓ ଏବଂ ୬୮ ଜଣ ଏମଏସଓଙ୍କୁ ନିୟୋଜିତ କରାଯାଇଛି। ତହିଁରୁ ମାତ୍ର ୨୦ରୁ ୩୦ ଜଣ ମଣ୍ଡି ବୁଲିଥିବା ଓ ଅନ୍ୟମାନେ ଅନୁପସ୍ଥିତ ରହୁଥିବା ନେଇ ବିଭାଗୀୟ ଉପସ୍ଥାନ ତଥ୍ୟ ଆଧାରରେ ରାଜ୍ୟ ନିଗମ ପକ୍ଷରୁ ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲା। ଏବେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର କ୍ଷେତ୍ରୀୟ ଅନୁଧ୍ୟାନ ପରର 'ନୋଟସିଟ' ସରକାରୀ ଅଧିକାରୀ ମହଲରେ ଆଲୋଚନାର ବିଷୟ ହୋଇଛି।

ମୁଖ୍ୟମନ୍ତ୍ରୀଙ୍କ ଦପ୍ତରର କ୍ଷେତ୍ରୀୟ ଅନୁଭୂତି

# ଓଡିଶାରେ ଆରମ୍ଭ ହେଲା ନୂଆ ରାଜନୈତିକ ସମୀକରଣ: ଏକାଠି ହେଲେ ନବୀନ ଭକ୍ତ

**ରାଜ୍ୟ ରାଜନୀତିରେ ଦେଖିବାକୁ ମିଳିଲା ରୋଚକ ଦୃଶ୍ୟ । ରାଜ୍ୟସଭା ପାଇଁ ଏକାଠି ହେଲେ ଦୁଇ ପାରଂପରିକ ପ୍ରତିଦ୍ୱନ୍ଦୀ ବିଜେଡି ଓ କଂଗ୍ରେସ । ଗତ ୨୫ ବର୍ଷ ଧରି ଯାହା କେବେ ଦେଖାନଥିଲା କି ଚିନ୍ତା ବି କରାଯାଇ ନଥିଲା ସେ ଦୃଶ୍ୟକୁ ସମସ୍ତେ ଦେଖିଲେ।**

ଭୁବନେଶ୍ୱର: ବିଜେଡି କ୍ଷମତାରୁ ଯିବାର ମାତ୍ର ଦୁଇ ବର୍ଷ ହୋଇନି କିନ୍ତୁ ରାଜ୍ୟରାଜନୀତି କଡ ଲେଉଟାଇଛି । ରାଜ୍ୟସଭା ୪ର୍ଥ ସିଟ୍ ପାଇଁ ଡାକ୍ତର ଦତେଶ୍ୱର ହୋତାଙ୍କୁ କମନ୍ କ୍ୟାଣ୍ଡିଡେଟ ଭାବେ ଘୋଷଣା କରିଥିଲା ବିଜେଡି । ଆଉ କଂଗ୍ରେସ ଏହାକୁ ନିସର୍ତ୍ତ ସମର୍ଥନ କରିଛି। ଆଜି ପ୍ରାର୍ଥୀପତ୍ର ଦାଖଲ ବେଳେ ଗୋଟିଏ ଧାଡ଼ିରେ ବସିଥିଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ପ୍ରମୁଖ। ଏହି ରୋଚକ ଦୃଶ୍ୟ ରାଜ୍ୟ ରାଜନୀତିରେ ଚର୍ଚ୍ଚା ପାଇଁ ବେଶ୍ ଖୋରାକ ଯୋଗାଇଛି। ଏହାକୁ ନେଇ ନବୀନ ପଟ୍ଟନାୟକ କହିଛନ୍ତି ସମୟ କହିବ ଭବିଷ୍ୟତ ଇତିହାସ କଣ ହେବ ? ପିସିସି ସଭାପତି ଭକ୍ତ ଦାସ କହିଛନ୍ତି ରାଜ୍ୟର ସ୍ୱାର୍ଥ ପାଇଁ ଏକାଠି ହୋଇଛନ୍ତି ଦୁଇଦଳ। ଏଥିପାଇଁ ଏଆଇସିସିର ବି ମୋହର ବାଜିଛି। ବିଜେପି କହିଛି ବିଜେଡ଼ି ଓ କଂଗ୍ରେସ ପୂର୍ବରୁ ମିଶିକି ଅଛନ୍ତି। ଏଥିରେ କୌଣସି ନୂଆ କଥା ନାହିଁ। ଓଡିଶାରେ ଆରମ୍ଭ ହେଲା ନୂଆ ରାଜନୈତିକ ସମୀକରଣ। ଏକାଠି ହେଲେ ବିଜେଡି ଓ କଂଗ୍ରେସ। ପ୍ରାୟ ୨୯ ବର୍ଷ ଧରି ଯେଉଂ କଥା ଦେଖିବାକୁ ମିଳିନଥିଲା ଆଜି ତାହା ବିଧାନସଭାରେ ଦେଖିବାକୁ ମିଳିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ପିସିସି ସଭାପତି ଭକ୍ତ ଦାସ ପାଖାପାଖି ସିଟ୍‌ରେ ବସି ଜଣେ ରାଜ୍ୟସଭା ପ୍ରାର୍ଥିଙ୍କୁ ସମର୍ଥନ ଦେଇଛନ୍ତି । କେବଳ ନବୀନ କି ଭକ୍ତ ନୁହଁନ୍ତି, ବିଜେଡି ଓ କଂଗ୍ରେସର ତମାମ ବିଧାୟକ ମଧ୍ୟ ଗୋଟିଏ ସ୍ଥାନରେ ଏକାଠି ହୋଇଛନ୍ତି । ଆଗକୁ ରାଜ୍ୟ ରାଜନୀତିରେ ଏକ ବଡ ସମୀକରଣ ତିଆରି କରିବାକୁ ଯାଉଛି । ଅର୍ଥାତ ଯେଉଁ ଅଣ କଂଗ୍ରେସ ରାଜନୀତିରୁ ବିଜେଡିର ଜନ୍ମ ଆଜି ସେଇ କଂଗ୍ରେସ ସହ ହାତ ମିଳାଇଛି ବିଜେଡି। ବିରୋଧିଙ୍କ ଏଭଳି ଯୁଗଳବନ୍ଦିକୁ ଦେଖି ବିଜେପି କହିଛି କଂଗ୍ରେସ ଓ ବିଜେଡ଼ି ପୂର୍ବରୁ ମିଶିକି ଥିଲେ। ଏଥିରେ କୌଣସି ନୂଆ କଥା ନାହିଁ । ଏଠାରେ ପ୍ରଶ୍ନ ଉଠୁଛି ଏହି ମେଣ୍ଟ କେବଳ ରାଜ୍ୟସଭା ପାଇଁ ନା ୨୦୨୯ରେ ବିଜେପିକୁ ଚେକ ଦେବା ପାଇଁ । ପଂଚାୟତ ନିର୍ବାଚନରେ ବି କଣ ଏଭଳି ଦୁଇ ଦଳ ହାତମିଳାଇବେ କି । ବିଜେପି ସାରା ଦେଶରେ ଓ ରାଜ୍ୟରେ ବଢୁଥିବାରୁ ଏଥିରେ ବ୍ରେକ୍ ଦେବା ପାଇଁ ଏକାଠି ହେଉଛନ୍ତି କି ବିଜେଡି ଓ କଂଗ୍ରେସ। ଏଭଳି ଅନେକ ଆକଳନକୁ ନେଇ ଏବେ ଠାରୁ ଆରମ୍ଭ ହୋଇଗଲାଣି ଚର୍ଚ୍ଚା ଓ ଆଲୋଚନା। ସମୀକ୍ଷକଙ୍କ ଆକଳନ, କଂଗ୍ରେସ-ବିଜେଡିର ଏହି ସଂପର୍କ ଯଦି ଆଗାମୀ ଦିନରେ ବଳବତ୍ତର ରହେ ତେବେ ଓଡ଼ିଶା ରାଜନୀତିରେ ବହୁତ କିଛି ପରିବର୍ତ୍ତନ ହେବାର ସଂକେତ ମିଳିବ। ବିଜେଡି ଗଠନ ଆରମ୍ଭରୁ କଂଗ୍ରେସ ବିରୋଧି ନାରା ଦେଇ ୨୫ ବର୍ଷ କ୍ଷମତାରେ ରହିଥିଲା ଦଳ । ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ଆଜି ଗୋଟିଏ ମଂଚରେ ଏକାଠି ହୋଇଛନ୍ତି। ଆଗକୁ ପଂଚାୟତ ଓ ପୌର ନିର୍ବାଚନ ଥିବାରୁ ବିଜେପିକୁ ଦୁଇ ଦଳ କିଭଳି ଚେକ୍ ଦେଉଛନ୍ତି ତାକୁ ଦେଖିବାକୁ ପଡିବ।

# ଭଦ୍ରକରେ ଖୋଲିଲା ସାଇବର ପୋଲିସ ଷ୍ଟେସନ

ଭଦ୍ରକ: ଦିନକୁ ଦିନ ବଢ଼ି ଚାଲିଛି ସାଇବର ଫ୍ରଡ। ବିଭିନ୍ନ ଉପାୟରେ ସାଇବର ଠକମାନେ ଲୁଟୁଛନ୍ତି ଲୋକଙ୍କ ଝାଳବୁହା ଧନ। ଏମିତିରେ ଏଭଳି କାର୍ଯ୍ୟକଳାପକୁ ରୋକିବା ପାଇଁ ସରକାର ସାଇବର ଥାନାର ସ୍ଥାପନ ଉପରେ ଧ୍ୟାନ ଦେଉଛନ୍ତି। ଏହି କ୍ରମରେ ଭଦ୍ରକରେ ଉଦଘାଟିତ ଜିଲ୍ଲାର ପ୍ରଥମ କରି ସାଇବର ଓ ଅର୍ଥନୈତିକ ଅପରାଧ ଥାନା। ଭଦ୍ରକ ସହରର ବାଇପାସ୍ ସ୍ଥିତ ପୁରୁଣା ଗ୍ରାମାଂଚଳ ଥାନାକୁ ସାଇବର ଥାନାରେ ପରିଣତ କରାଯାଇଛି । ଭିଡିଓ କନଫରେନ୍ସ ମାଧ୍ୟମରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଏହି ଥାନାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଏସପି ମନୋଜ ରାଉତଙ୍କ ସମେତ ବହୁ ଅତିଥି ଯୋଗ ଦେଇଥିଲେ। ତେବେ, ଭଦ୍ରକବାସୀଙ୍କ ପାଇଁ ଏହି ସାଇବର ଓ ଅର୍ଥନୈତିକ ଅପରାଧ ଥାନା ବେଶ୍ ସହାୟକ ହେବ। ପୂର୍ବରୁ କୌଣସି ସାଇବର ସମ୍ବନ୍ଧୀୟ ମାମଲା ପାଇଁ ଭୁବନେଶ୍ୱର ସ୍ଥିତ ସାଇବର ଥାନାକୁ ଯିବାକୁ ପଡୁଥିଲା। ଏହି ସାଇବର ଥାନା ସ୍ଥାପନ ପରେ ସାଧାରଣ ଲୋକେ ସାଇବର ଠକେଇ କିମ୍ବା ଅର୍ଥନୈତିକ ଅପରାଧ ସଂପର୍କୀୟ ଘଟଣାକୁ ନେଇ ସାଇବର ଥାନାର ଦ୍ୱାରସ୍ଥ ହୋଇପାରିବେ ବୋଲି କହିଛନ୍ତି ଏସପି। ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ନେଇଥିବା ଜଣେ ଡିଏସପି, ୬ ଜଣ ଇନ୍ସପେକ୍ଟର ଓ ୧୮ ଜଣ ଅନ୍ୟ କର୍ମଚାରୀଙ୍କୁ ନେଇ ଏହି ସାଇବର ଥାନା କାର୍ଯ୍ୟ କରିବ। ତେବେ ସାଇବର ଥାନାରେ କାର୍ଯ୍ୟରତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ କେବଳ ସାଇବର ଅପରାଧ ସହ ଅର୍ଥନୈତିକ ଅପରାଧ ନେଇ ମାମଲା ରୁଜୁ ସହ ତଦନ୍ତ କରିବ, ତେଣୁ ଅଭିଯୋଗକାରୀମାନେ ଉତ୍ତମ ସେବା ପାଇବେ।

# ଚାନ୍ଦବାଲିରୁ ମୁହଁ ମୋଡିବେ କି ମନମୋହନ ?

ଭଦ୍ରକ: ଚାନ୍ଦବାଲିରୁ ମୁହଁ ମୋଡିବେ କି ମନମୋହନ ? ଏମିତିକା ପ୍ରଶ୍ନ ଏବେ ଚାନ୍ଦବାଲି ବିଧାନସଭା କ୍ଷେତ୍ରର ବିଜେପି କର୍ମୀଙ୍କୁ ଆନ୍ଦୋଳିତ କରୁଛି। ଖୋଲାଖୋଲି ଭାବେ କେତେକ କର୍ମୀ ସାମାଜିକ ଗଣମାଧ୍ୟମରେ ଏନେଇ ଆଶଙ୍କା ବ୍ୟକ୍ତ କରୁଥିବା ବେଳେ ଏଠାକାର ରାଜନୈତିକ ମହଲ ବି ଏଭଳି ଚର୍ଚ୍ଚାକୁ ସମୂଳେ ଅସ୍ୱୀକାର କରୁନାହାନ୍ତି। ଉଲ୍ଲେଖନୀୟ ଯେ: ଭଦ୍ରକ କଲେଜର ଛାତ୍ର ସଂସଦର ସଭାପତି ଭାବେ ଛାତ୍ର ଜୀବନରୁ ରାଜନୀତିକୁ ଆସିଥିବା ମନମୋହନ ଇତିମଧ୍ୟରେ ତିନିଥର ରାଜ୍ୟ ବିଜେପିର ସଭାପତି ହୋଇ ସାରିଛନ୍ତି ଓ ଏବେ ଦ୍ୱିତୀୟ ଥର ଲାଗି ରାଜ୍ୟସଭାକୁ ଯାଉଛନ୍ତି। ଏଇଥିରୁ ବିଜେପି ଭିତରେ ତାଙ୍କର କାଟତି ସୁସ୍ପଷ୍ଟ। ମାତ୍ର ପ୍ରତ୍ୟକ୍ଷ ରାଜନୀତିରେ ସେତେଟା ସଫଳକାମ ନୁହନ୍ତି ମନମୋହନ। ୧୯୮୫ ମସିହାରୁ ୨୦୦୦ ମସିହା ମଧ୍ୟରେ ୪ଥର ଧାମନଗର ବିଧାନସଭା ଆସନରୁ ଲଢି ପରାସ୍ତ ହୋଇଥିଲେ। କେବଳ ୨୦୦୪ ରେ ପଞ୍ଚମ ଥର ଲାଗି ଲଢ଼ି ଜିତିବା ତାଙ୍କ କ୍ୟାରିୟରରେ ଏକମାତ୍ର ନିର୍ବାଚନୀ ସଫଳତା ଥିଲା। ଧାମନଗର ଆସନ ସଂରକ୍ଷିତ ହେବା ପରେ ୨୦୦୯ରେ ଭଣ୍ଡାରିପୋଖରୀରୁ ଓ ପରେ ୨୦୧୪ରୁ କ୍ରମାଗତ ଭାବେ ଚାନ୍ଦବାଲି ଆସନରୁ ଲଢୁଥିବା ମନମୋହନଙ୍କୁ ଆଉ ସଫଳତା ମିଳିନାନି। ୨୦୨୪ରେ ଚାନ୍ଦବାଲି ଆସନରୁ ଅଳ୍ପକେ ହାରିଥିବା ମନମୋହନ ଜିତିଥିଲେ ଯେ ମୁଖ୍ୟମନ୍ତ୍ରୀ ହୋଇଥା'ନ୍ତେ ଏକଥା ତାଙ୍କ ବିରୋଧୀ ବି ସ୍ୱୀକାର କରନ୍ତି। ତେବେ ରାଜ୍ୟରେ ସରକାର ଆଣିବା ଶ୍ରେୟ ନେଉଥିବା ମନମୋହନ ନିଜେ ନିର୍ବାଚନ ହାରିବା ପରଠାରୁ ତାଙ୍କ ମନ ଭାଙ୍ଗିଯାଇଛି ଓ ଚାନ୍ଦବାଲି ପ୍ରତି ସେ ଆଉ ସେତେଟା ମୋହ ରଖୁନଥିବା ଆଲୋଚନା ହେଉଛି। ପୂର୍ବଭଳି ଆଉ ଚାନ୍ଦବାଲି ଗସ୍ତ ନକରିବା, ଚାନ୍ଦବାଲିରେ ନିୟମିତ ବ୍ୟବଧାନରେ ଦଳୀୟ ବୈଠକ ନହେବା, ଚାନ୍ଦବାଲି ବିଜେପିରେ କଥିତ କଳି ତୁଟାଇବା ଲାଗି ପ୍ରୟାସ ନକରିବା ଓ ସକଳ ବ୍ୟସ୍ତତା ସତ୍ୱେ ଚାନ୍ଦବାଲିର ଦାୟିତ୍ୱ ନିର୍ଦ୍ଦିଷ୍ଟ ଭାବେ କେହି ନେତାଙ୍କ ଉପରେ ନ୍ୟସ୍ତ ନକରିବା ଆଦିକୁ ନେଇ କର୍ମୀ ମହଲ ଦ୍ୱନ୍ଦ୍ୱରେ ଅଛନ୍ତି। 'ରାଜ୍ୟ ସଭାପତି ରାଜ୍ୟକଥା ବୁଝୁଛନ୍ତି, ଚାନ୍ଦବାଲି ପାଇଁ ଅଧିକ ସମୟ ପାଉନାହାନ୍ତି' ବୋଲି ଦର୍ଶାଇ ତୃଣମୂଳସ୍ତରର କର୍ମୀ ଓ ନେତାମାନେ ନିଜମନକୁ ଏବଂ ଭୋଟରଙ୍କୁ ବୁଝାଇ ଦେଉଥିଲେ। କିନ୍ତୁ ଏବେ ରାଜ୍ୟସଭାକୁ ଯିବା ଥୟ ହେବା ପରେ ମନମୋହନ ସମ୍ଭବତଃ ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇ ଯିବେ ବୋଲି ଅନେକ କର୍ମୀ ଆଶଙ୍କା କରୁଛନ୍ତି। ଆଉ କେହି କେହି ପ୍ରସ୍ତାବିତ ନିର୍ବାଚନମଣ୍ଡଳୀ ସୀମା ପୁନର୍ନିର୍ଦ୍ଧାରଣ ପରିପ୍ରେକ୍ଷୀରେ ଚାନ୍ଦବାଲି ଆସନ ସଂରକ୍ଷିତ ହେବାର ସମ୍ଭାବନା ରଖୁଥିବାରୁ ମନମୋହନ ଆଗତୁରା ବାଟ କାଟିନେଲେ ବୋଲି ମଧ୍ୟ ଚର୍ଚ୍ଚା କରୁଛନ୍ତି। କିନ୍ତୁ ଏନେଇ ନିଜେ ମନମୋହନ କିମ୍ବା ଦଳ ପକ୍ଷରୁ କୌଣସି ସୂଚନା ନାହିଁ। ପ୍ରକୃତରେ ମନମୋହନଙ୍କ ମନର କଥା କେବଳ ତାଙ୍କୁ ହିଁ ଜଣା ଏଥିନେଇ ବି ଦ୍ୱିମତ ନାହିଁ।

# ୨୪ କିଲୋ ଚୋରା ଗଞ୍ଜେଇ ଜବତ ୩ ମହିଳାଙ୍କ ସମେତ ୪ ଗିରଫ

ଭଦ୍ରକ: ଚୋରା ଗଞ୍ଜେଇ କାରବାର କରୁଥିବା ଏକ ରାକେଟର ୪ ଜଣଙ୍କୁ ଗିରଫ କରିଛି ଟାଉନ ପୁଲିସ । ଗିରଫ ୪ଜଣଙ୍କ ମଧ୍ୟରେ ୩ଜଣ ମହିଳା ଅଛନ୍ତି । ସେମାନଙ୍କ ନିକଟରୁ ୨୪ କିଲୋ ଗଂଜେଇ ଜବତ କରାଯାଇଛି । ଏଥିସହ ସେମାନେ ବ୍ୟବହାର କରୁଥିବା ୪ ଟି ମୋବାଇଲ ଫୋନ ସହ ନଗଦ ୨ ହଜାର ଟଙ୍କା ଜବତ ହୋଇଛି । ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଟାଉନ ପୁଲିସ ସୂତ୍ରରୁ ଜଣାଯାଇଛି । ଏହି ଗଞ୍ଜେଇ ଚୋରା କାରବାର କରୁଥିବା ରାକେଟକୁ ଧରିବା ଲାଗି ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଖେଖର ମିଶ୍ର କିଛିଦିନ ହେବ ଜାଲ ବିଛାଇଥିଲେ । ଉକ୍ତ ରାକେଟ ଭଦ୍ରକରେ ପହଞ୍ଚୁଥିବା ନେଇ ପୁଲିସ ପାଖେ ଠୋସ ଖବର ରହିଥିଲା । ଅତିରିକ୍ତ ଆଇଆଇସି ମନୋହର ପାତ୍ର, ଏସଆଇ ପ୍ରବୀଣ ଗିରି, କନେଷ୍ଟବଳ ମନୋଜ ପ୍ରଧାନ ଓ ସୁଶାନ୍ତ ପାଣିଙ୍କୁ ନେଇ ଗଠିତ ଟିମ ଅପରାହ୍ନ ପ୍ରାୟ ୩ଟା ବେଳେ ଚରମ୍ପା ରେଳଷ୍ଟେସନ ନିକଟରେ ଏହି ରାକେଟକୁ ଠାବ କରିଥିଲେ । ସୁଟକେସରେ ଗଞ୍ଜେଇ ଭର୍ତି କରି ଏମାନେ ଅନାୟସରେ କାରବାର ଜାରି ରଖିଥିଲେ । ଗିରଫ ୩ ଜଣ ମହିଳା ହେଲେ ଗଞ୍ଜାମର ରଜନୀ ବିଶୋଇ, ଯାଜପୁର ଅଞ୍ଚଳର ଝିଲି ମଲ୍ଲିକ ଓ କଟକ ଜିଲାର ଲିଲି ମଲ୍ଲିକ । ଏମାନଙ୍କ ସହ ଚନ୍ଦ୍ରକାନ୍ତ ମଲ୍ଲିକଙ୍କୁ ମଧ୍ୟ ଗିରଫ କରିଛି ପୁଲିସ । ମିଳିଥିବା ସୂଚନାନୁଯାୟୀ; ରଜନୀ ଏହି ରାକେଟର ମୁଖ୍ୟ ସଦସ୍ୟା । ଗଞ୍ଜାମରୁ ଅଟୋ ଯୋଗେ ଗଞ୍ଜେଇ ନେଇ ଭଦ୍ରକରେ ପହଞ୍ଚିବା ପରେ ଝିଲି ଓ ଲିଲି ତା'ନିକଟରୁ ଗଞ୍ଜେଇ ନେଇ ବେପାର କରିଥାନ୍ତି । ଏମାନଙ୍କ ସହ ଆଉ କେଉଁମାନେ ଏହି ରାକେଟରେ ଅଛନ୍ତି ତାହାର ଖୋଳତାଡ କରୁଛି ପୁଲିସ । ଜବତ ଗଞ୍ଜେଇର ମୂଲ୍ୟ ଆନୁମାନିକ ୩ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି ।

# କୃଷ୍ଣଚୂଡ଼ା

## ସୁରେନ୍ଦ୍ର ମହାନ୍ତି

'ସଂଗ୍ରାମ' ଖବର କାଗଜର ଅଫିସ ।

ସଦାନନ୍ଦ ପ୍ରୁଫ୍ ଦେଖୁଚି । କେବେକାର ପୁରୁଣା କୋଠା । ଛାତ ଫାଟି ବର୍ଷା ଝରୁଚି । ତଳର ଚଟାଣରେ ପାଣିର ସୁଅ ବହି ଚାଲିଚି । ଗୋଟାଏ ପାଖ କାନ୍ଥରେ ମାଡ଼ିଯାଇଚି ଶିଉଳୀର ନେଳୀ ଆସ୍ତରଣ ।

ବାହାରେ ଆଦ୍ୟ ଆଷାଢ଼ର ଅବିରାମ ବର୍ଷାର ଧାରା ଟିକିଏ କମି ଆସିଛି । କ୍ଳାନ୍ତିରେ, ଅବସାଦରେ ସଦାନନ୍ଦ କାଗଜର ପ୍ରୁଫ୍ ଟେବୁଲର ଗୋଟାଏ ପାଖକୁ ଠେଲିଦେଲା । ପ୍ରୁଫ୍ ଦେଖି ଦେଖି, ଗତ କେଇଟା ବର୍ଷ ଭିତରେ ସେ କିପରି ଅସ୍ୱାଭାବିକ ଭାବରେ ନୈରାଶ୍ୟବାଦୀ ସିନିକ୍ ପାଲଟି ଯାଇଚି । ଜୀବନରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଠି ଖାଲି ଭୁଲ୍ ଆଉ ଭୁଲ୍, ପୁଣି ଭୁଲ୍ ।

କାଗଜ ବାହାରିବା ପାଇଁ ଆଉରି ଚାରିପୃଷ୍ଠା ବାକି ଅର୍ଥାତ୍ ଷୋଳ କଲମ୍ । ଷୋଳ କଲମ୍ ପୁଣି ପୂର୍ଣ୍ଣ କରିବାକୁ ପଡ଼ିବ । କ୍ଳାନ୍ତି ଓ ବିରକ୍ତିରେ ସଦାନନ୍ଦ ପକେଟରୁ ଖଣ୍ଡେ ସିଗାରେଟ କାଢ଼ି ନିଆଁ ଲାଗାଇଲା ।

ସଦାନନ୍ଦ ସବୁ; ଏକାଧାରରେ ସମ୍ପାଦକ, ପ୍ରୁଫ୍ ରିଡ଼ର । ଆଉ ଜଣେ ସହକର୍ମୀ ଅଛି । କିନ୍ତୁ ସେ ବାହାରର କଥା ବୁଝିବା ପାଇଁ ।

ସଦାନନ୍ଦ କେଜାଣି କାହିଁକି ଅକାରଣରେ ପଛକୁ ଫେରି ଖୋଲା ଝରକାବାଟେ ଚାହିଁଲା, ବାହାରର ପୃଥିବୀକୁ ।

ଅନେକ ଦିନ ଧରି ସେ ଭୁଲ୍‌ରେ ସୁଦ୍ଧା, କେବେ ଥରେ ହେଲେ ଏମିତି ଚାହିଁନି । କେତେଦିନ ଧରି ସେ ଜାଣେନା, କିନ୍ତୁ ଅନେକ ଦିନ ଧରି ।

ଝରକା ଦେହକୁ ଲାଗି ଗୋଟିଏ କୃଷ୍ଣଚୂଡ଼ାର ଗଛ । ସାବଜା ଗଛର ଶ୍ୟାମଳ ଶୀର୍ଷ ଲୁଚିଯାଇଛି କୃଷ୍ଣଚୂଡ଼ାର ଛବିଳ ଆବରଣ ତଳେ ।

ସୁନ୍ଦର...ନା ଖାଲି ସୁନ୍ଦର କହିଲେ ଅନେକ କିଛି ଅସମ୍ପୂର୍ଣ୍ଣ ରହିଯିବ । ସୁନ୍ଦର, କୋମଳ, କାନ୍ତ, ମଧୁର ଓ କମନୀୟ କୃଷ୍ଣଚୂଡ଼ାର ସେ ରକ୍ତିମ ବିକାଶ ।

ଆଷାଢ଼ର ଆକାଶରେ କଳାହାଣ୍ଡିଆ ମେଘ ଯେପରି ମାଟି ଛୁଉଁଚି, ଆଉ ମେଘର କୋଳରେ କୃଷ୍ଣଚୂଡ଼ା । ବୈଷ୍ଣବ-ସାଧକର ଚିର-ଶ୍ୟାମ କୃଷ୍ଣ, ଚୂଡ଼ାରେ ଯେପରି ପିନ୍ଧିଛନ୍ତି ସଦ୍ୟ ଫୁଟନ୍ତ କୃଷ୍ଣଚୂଡ଼ାର ଗୁଚ୍ଛ ।

ସିଗାରେଟ୍ ସରିଗଲା । ସଦାନନ୍ଦ ଜଳନ୍ତା ସିଗାରେଟଟ ଫିଙ୍ଗିଦେଲା ବାହାରକୁ ।

... ଆହୁରି ଷୋଳ କଲମ୍ ବାକୀ ।

ସଦାନନ୍ଦ କିପରି ହିଂସ୍ର ଭାବରେ ଝରକାଟା ବନ୍ଦ କରିଦେଲା । କ୍ରୀତଦାସର ପୃଥିବୀରେ ଜୀବନମାନେ ବଞ୍ଚିବା ନୁହେଁ, କିନ୍ତୁ ଏକ ଅର୍ଥହୀନ ଜୀଇ ରହିବା । କ୍ରୀତଦାସର ଏ ପୃଥିବୀ । ଏହାର ପ୍ରତ୍ୟେକ ଅଧିବାସୀର ଅସ୍ଥି ମଜ୍ଜାରୁ ବଞ୍ଚିବାର ଆନନ୍ଦ ଶୋଷଣ କରିନେଇଛି ଦାସତ୍ୱ ।

ସହରତଳୀ କୁଲିବସ୍ତିର କୁଲୀ ଆଉ ସଦାନନ୍ଦ ଭିତରେ କଣ ବା ତଫାତ୍ ଅଛି ? କୁଲୀ, କାରଖାନା ମାଲିକର କ୍ରୀତଦାସ, ଆଉ ଆଦର୍ଶବାଦୀ ସଦାନନ୍ଦ, କ୍ରୀତଦାସ ଏକ ଆଦର୍ଶର ବା ଆଦର୍ଶବାଦର ।

ବରଂ କୁଲୀର ଜୀବନରେ ପୂର୍ଣ୍ଣତାର ଆସ୍ୱାଦ ଅଛି । ସପ୍ତାହରେ ମଜୁରୀ ମିଳିଲା ଦିନ, ଅନ୍ତତଃ ଦିନକ ଲାଗି ସୁଦ୍ଧା ପାଣିମିଶା ସରାପ ପିଇ, ସେ ଜୀବନରେ ଶାନ୍ତି ପାଏ । କିନ୍ତୁ ସଦାନନ୍ଦର ସେତକ ନାହିଁ ଯେ । ଜୀବନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ବିରାଟ ଅତୃପ୍ତି । ଆଦର୍ଶର ପୂର୍ଣ୍ଣତା କାହିଁ ?

ଦମକାଏ ପବନରେ ଝରକାଟା ଆପେ ଆପେ ପୁଣି ଖୋଲିଗଲା ।

କ୍ରୀତଦାସର ମୁମୂର୍ଷୁ ଜୀବନ ପ୍ରତି ଜୀବନୋଚ୍ଛଳ କୃଷ୍ଣଚୂଡ଼ାର ସେଇ ରଙ୍ଗା ଉପହାସ ।

ଏହା ଭିତରେ ଅନେକ, ଅନେକ ବର୍ଷ ବିତିଯାଇଛି । ଦିନେ ତମସାର ଜୁଡ଼ାରେ ନିଜ ହାତରେ ସେ ପିନ୍ଧାଇଥିଲା କୃଷ୍ଣଚୂଡ଼ାର ସ୍ତବକ । ସେ ଅନେକ ଦିନ ତଳେ, ଯେଉଁଦିନ ତମସା ଆସିଥିଲା ନବବଧୂ ସାଜି । ସେଦିନ ଏମିତି ହୁଏତ ବର୍ଷଣ କ୍ଳାନ୍ତ ଆଷାଢ଼ର ଗୋଟିଏ ଅଳସ ମଧ୍ୟାହ୍ନ ।

ଆଜି ହାତରୁ ସେ ଚପଳତା ମରିଗଲାଣି ।

ଷୋଳଟି ସ୍ତମ୍ଭ ଆଉରି ବାକୀ ।

ସଦାନନ୍ଦ ପୁଣି ଆସି ଟେବୁଲ ପାଖରେ ବସିପଡ଼ିଲା । କିନ୍ତୁ କ'ଣ ଦେଇ ବା ସେ ପୂର୍ଣ୍ଣ କରିବ ଏ ବାକୀ ଷୋଳଟି ସ୍ତମ୍ଭ ? ବିଲାତର ଦଲାଲୀ ? ରୁଷିଆର ଜମିଦାରୀ ବୃଦ୍ଧି ? ଆମେରିକାର ମହାଜନୀ ? ଭାରତର ମାନବିକ ଦାରିଦ୍ର୍ୟ ? ... ସେ ସବୁ ଲେଖିବା ପାଇଁ ସଦାନନ୍ଦର ଆଉ ଧୈର୍ଯ୍ୟ ନାହିଁ ଯେପରି ।

ଆଚ୍ଛା ଏଇ କୃଷ୍ଣଚୂଡ଼ାର କଥା ଖବର କାଗଜରେ ଲେଖିହୁଏନା ? ଏଇ କାନ୍ତ, ଲଳିତ ରଙ୍ଗା କୃଷ୍ଣଚୂଡ଼ା... ଯାହାର ରକ୍ତିମ ବିଳାସରେ ଆଷାଢ଼ର ଏଇ ନୀରବ, ମେଦୁର ମଧ୍ୟାହ୍ନ ଚପଳ ହୋଇଉଠିଛି ।

ନାଁ, ସମ୍ପାଦକର ପୃଥିବୀରେ କୃଷ୍ଣଚୂଡ଼ା ଏକ ଅବାନ୍ତର ସୃଷ୍ଟି । ସମୁଦାୟ ପୃଥିବୀ ହୁଏତ ଉପହାସ କରିବ, ଖବର କାଜଗର ସ୍ତମ୍ଭରେ କୃଷ୍ଣଚୂଡ଼ାର ବର୍ଣ୍ଣନା ।

କିନ୍ତୁ ଏପରି ରାଜନୀତିର କଣ ପରିକଳ୍ପନା ହୁଏନା, ଯେଉଁଥିରେ ଜୀବନର ଅର୍ଥ ଖାଲି ବଞ୍ଚିବା ନୁହେଁ, ଲକ୍ଷ୍ୟ ଖାଲି ସାମ୍ରାଜ୍ୟ ନୁହେଁ, ଆଧିପତ୍ୟ ନୁହେଁ, କ୍ଷମତା ନୁହେଁ, ଅନ୍ୟକୁ ଶୋଷଣ କରି ଅଭିବୃଦ୍ଧି ନୁହେଁ । ଯୋଉ ଜୀବନରେ କୃଷ୍ଣଚୂଡ଼ାର ମଧ୍ୟ ସ୍ଥାନ ଅଛି ।

ସଦାନନ୍ଦ ପୁଣି ଆସି ପ୍ରୁଫବିଡ଼ା ପାଖରେ ବସିପଡ଼ିଲା ।

କିନ୍ତୁ ଏ ସଂକୀର୍ଣ୍ଣ କୋଣ ବିରୁଦ୍ଧରେ ମନ ଆଜି ତାର ଯେମିତି ବିପ୍ଳବ କରି ଉଠିଛି । କୃଷ୍ଣଚୂଡ଼ା ସେଇ ବିପ୍ଳବର ଗୈରୀକ ପତାକା ଉଡ଼ାଇ ଦେଇଯାଇଛି ବାହାରର ପୃଥିବୀରେ ।

ସଦାନନ୍ଦ ଚଉକୀ ଛାଡ଼ି ଉଠି ଆସିଲା ସମ୍ମୋହିତ ପରି । ତା'ପରେ ଅଫିସ ଛାଡ଼ି ପଳାଇ ଆସିଲା ବାହାରକୁ । ବାହାରେ ବର୍ଷା ବନ୍ଦ ହୋଇଆସିଛି । ସଦାନନ୍ଦ ଠିଆ ହେଲା ଆସି କୃଷ୍ଣଚୂଡ଼ାର ସେହି ଗଛ ତଳେ । ତଳର ସବ୍‌ଜା ଘାସ ଶେଯ ଉପରେ ପବନରେ ବିଛେଇ ହୋଇପଡ଼ିଛି, କୃଷ୍ଣଚୂଡ଼ାର ନାଲି ପାଖୁଡ଼ା ।

ସଦାନନ୍ଦର ଦେହର ପ୍ରତି ଧମନୀରେ ଜାଗିଉଠିଲା ଯେପରି ଆଦ୍ୟ ଯୌବନର ମୃତ ଚପଳତା । ଗଛରେ ଚଢ଼ି ଇଚ୍ଛାହେଲା ତାର ମନଭରି କୃଷ୍ଣଚୂଡ଼ା ତୋଳିବା ପାଇଁ ।

ଭିତରେ କିନ୍ତୁ, ସଦାନନ୍ଦ ଖୋଜି ପାଇଲା ନାହିଁ ସାହସ । ସଦାନନ୍ଦ ଏ ବୟସରେ ଗଛରେ ଚଢ଼ି କୃଷ୍ଣଚୂଡ଼ା ତୋଳୁଛି - ପୃଥିବୀ ଉପହାସ କରିବ । ସଦାନନ୍ଦ ଚାରିଆଡ଼କୁ ଚାହିଁଲା । ଚାରିଆଡ଼େ ମଣିଷ । ଚାରିଆଡ଼େ ଖାଲି ଅଗଣିତ ଘୃଣ୍ୟ କୁତ୍ସିତ ଦ୍ୱିପଦ ପଶୁ ।

ଏଇ ରମେଶ ଆସୁଛି, ଆସୁଛି ନିଶ୍ଚୟ କଣ ଗୋଟାଏ ନୂଆ ଅସୁବିଧାର ଅଭିଯୋଗ ନେଇ ।

ରମେଶ କହିଲା... ପ୍ରେସ ବନ୍ଦ । ଆପଣ ଏଣେ ବୁଲୁଛନ୍ତି, କିନ୍ତୁ କାଲି କମ୍ପୋଜିଟରମାନେ କେମିତି ଦରମା ପାଇବେ କହନ୍ତୁ ତ ।

ସଦାନନ୍ଦ କହିଲା...ଜାଣେ ନା ।

ରମେଶ ପଚାରିଲା... ମାନେ ?

ସଦାନନ୍ଦ କହିଲା... ଜାଣେ ନା । ତମେ ଯାଅ ରମେଶ । ମୋତେ ଆଉ ବିବ୍ରତ କରନା ।

ରମେଶ ଅଭିଭୂତ ପରି ସେଠୁ ଚାଲି ଆସିଲା ।

କିଛି ସମୟ ପରେ ସଦାନନ୍ଦ ମଧ ଫେରି ଆସିଲା ।

ଚାରିଆଡ଼େ ମଣିଷ । ଗଛରେ ଚଢ଼ି କୃଷ୍ଣଚୂଡ଼ା ତୋଳିବା ପାଇଁ ସାହସ ହେଲା ନାହିଁ ତାର ।

ରାତି ଅନେକ ହୋଇଛି ।

ମେଘାକ୍ରାନ୍ତ ଆକାଶରେ ହୋଇଛି କୃଷ୍ଣାତିଥିର ମଳିନ, ବିଳମ୍ବିତ ଚନ୍ଦ୍ରୋଦୟ ।

ସେଇ ମଳିନ ଜ୍ୟୋତ୍ସ୍ନାର ଗୋଟିଏ ଫଳକ ପଡ଼ିଛି ଆସି ସୁପ୍ତା ତମସା ଉପରେ ।

ସଦାନନ୍ଦର ଆଖିରେ ନିଦ ନାହିଁ ଦୁଇ ଆଖିରେ ତାର କୃଷ୍ଣଚୂଡ଼ାର ରକ୍ତିମ ଚପଳତା ।

ଏଇ ସେଇ ତମସା...ଯାହାର କବରୀରେ ସଦାନନ୍ଦ ଦିନେ ଖୋସି ଦେଇଥିଲା କୃଷ୍ଣଚୂଡ଼ାର ସ୍ତବକ ? ନା ଏ ତମସା, ସେ ନବବଧୂ ତମସା ନୁହେଁ, ଯାହାର କବରୀରେ ସେ ଦିନ ପୁଞ୍ଜିଭୂତ ହୋଇ ରହିଥିଲା ତମସାବୃତ ରାତ୍ରିର ମାୟା । ସେ ତମସା ମରିଯାଇଛି ।

ମଣିଷ ମରିଯାଏ, କୋଉଦିନ ନିଜର ଅଲକ୍ଷିତରେ ମରିଯାଏ । ତା'ପରେ ଯେଉଁ ଅବଶିଷ୍ଟ ଜୀବନ ପଡ଼ିରହେ, ସେ ଖାଲି କ୍ରୀତଦାସର ବୈଚିତ୍ର୍ୟହୀନ ବଞ୍ଚିବା ।

ତମସା ମରିଯାଇଛି, ସଦାନନ୍ଦ ମରିଯାଇଛି ।

ସଦାନନ୍ଦ ବିଛଣା ଛାଡ଼ି ଅତି ସନ୍ତର୍ପଣରେ ଘରୁ ବାହାରିଲା । ସେଇ କୃଷ୍ଣଚୂଡ଼ା ଗଛ ।

ସୁପ୍ତା ପୃଥିବୀର ଶଯ୍ୟା ଉପରେ କୃଷ୍ଣଚୂଡ଼ା ଯେପରି ଚାମର ଦୋଳାଉଛି ।

ସଦାନନ୍ଦ ଗଛତଳେ ଯାଇ ଠିଆ ହେଲା । ଦେହରେ ଲୁଗାପଟା ଭିଡ଼ିଲା, ଗଛରେ ଚଢ଼ିବା ପାଇଁ; କିନ୍ତୁ ମନେହେଲା ତାର ସେ ଯେମିତି ଅଥର୍ବ, ପଙ୍ଗୁ ହୋଇଯାଇଛି । ଦେହର ପ୍ରତି ଅଙ୍ଗ ପ୍ରତ୍ୟଙ୍ଗରୁ ଆଗର ସେ ଜୀବନ୍ତ ଚପଳତା ମରିଯାଇଛି ।

ତଥାପି ସଦାନନ୍ଦ ଗଛରେ ଚଢ଼ିବାକୁ ଆରମ୍ଭ କଲା ସମସ୍ତ ଶକ୍ତି ଓ ସାମର୍ଥ୍ୟ ପ୍ରୟୋଗ କରି ।

ହଠାତ୍ ପଛରୁ ଶୁଭିଲା...କୋନ୍ ହାୟ ।

ରାତି ବିଟ୍‌ର କନେଷ୍ଟବଲ । ବେକରୁ ପାଦ ପର୍ଯ୍ୟନ୍ତ ବର୍ଷାତୀ । ହାତରେ ଖଣ୍ଡେ ଠେଙ୍ଗା । ଓଠରେ ଖଣ୍ଡେ ବିଡ଼ି ।

ସଦାନନ୍ଦ ଗଛରୁ ଖସି ଆସିଲା ।

କନେଷ୍ଟବଲ ଟର୍ଚ୍ଚ ମାରିଲା ସଦାନନ୍ଦ ଉପରକୁ ।

"...ଓ ଆପଣ । ଏତେ ରାତିରେ ?"

ସଦାନନ୍ଦ ଅପ୍ରତିଭ ହୋଇ କହିଲା... "ନା- ଏମିତି - କିଛି ନୁହେଁ ।"

କନେଷ୍ଟବଲ ଆଉ କିଛି କହିବା ଆଗରୁ ସଦାନନ୍ଦ ଦ୍ରୁତପଦରେ ସେଠୁ ଚାଲିଆସିଲା ।

ମନେହେଲା ତାର ଏ ପୃଥିବୀ ମରିଯାଇଛି । ସଦାନନ୍ଦ ମରିଯାଇଛି । କୃଷ୍ଣଚୂଡ଼ା କେବଳ ସେଇ ଏକଦା-ଛବିଳ ଜୀବନର ଅଶ୍ଳୀଳ ସ୍ମାରକୀ ।

---

## ହୋଲି
### ନାରାୟଣଚନ୍ଦ୍ର ପାଢ଼ୀ

ଆସ ଭାଇ ଖେଳିବା ହୋଲି
ନାଲିନେଳି ରଙ୍ଗ ପସରା ମେଲି
ବୟସ ବେଢ଼ିରୁ ଯିବା ବାହାରି
ହିଂସା, ରାଗ ମନୁ ଦେବା ପାଶୋରି
ଦେଖ ରାଧାକୃଷ୍ଣ ଖେଳନ୍ତି ହୋଲି
ପ୍ରେମ ରଙ୍ଗ ତାଙ୍କ ଦେହରେ ବୋଳି
ସେ ରଙ୍ଗର ଭିକ୍ଷା ତାଙ୍କୁ ମାଗିବା
ହୋଲି ରଙ୍ଗ ସାଥେ ମିଶାଇ ଦେବା
ରଙ୍ଗ ସାଥେ ସ୍ନେହ ପ୍ରେମ ମିଶିବ
ସଭିଙ୍କର ମନ ପ୍ରାଣ ଛୁଇଁବ
ଘର ଘର ବୁଲି ରଙ୍ଗ ମାରିବା
ମିଠା ସରବତେ ମିତ୍ର ବନିବା
ରଙ୍ଗ ସାଥେ ସ୍ନେହ ପ୍ରେମ ମିଳିବ
ମମତା ଡ଼ୋରିରେ ବାନ୍ଧି ରଖିବ
ପ୍ରଭୁ ରାଧାକୃଷ୍ଣ ବିମାନେ ବସି
ଦେଖି ଭକ୍ତମାନେ ହୋଇବେ ଖୁସି
ରଙ୍ଗ ଖେଳି ଆମ୍ଭେ ପ୍ରିତ ହୋଇବା
ଆଗାମୀ ପିଢ଼ିଙ୍କୁ ବାରତା ଦେବା
ରାଧାକୃଷ୍ଣ ପାଦେ କୋଟି ପ୍ରଣାମ
ସଂସାରର ଦୁଃଖ କର ତାରଣ ।

**ବାଗୁରାଇ, ଭଦ୍ରକ**

## ଫୁଲେଇ ଫଗୁଣ
### ରମାକାନ୍ତ ଜେନା

ଫୁଲେଇ ଫଗୁଣ ସଜେଇ ଆଣିଛି
ଋତୁରାଜ ବସନ୍ତକୁ
ଶାହାନାଇ ପାଇଁ ଚୂତ ତରୁ ଡାଳେ
ବସାଇଛି କୋକିଳକୁ
କୋକିଳ ପିନ୍ଧିଛି ଆମ୍ବ ବଉଳର
ରୂପେଲି ପାଉଁଜି ଆଜି
କୋରେଇ ଫୁଲର ଚିତ୍ରିତ ଝୋଟିରେ
ପଳାଶର ଶୋଭାରାଜି
ମଧୁ ମକ୍ଷିକାକୁ କାନେ କହିଅଛି
ଫୁଲେ ଫୁଲେ ଶୋଷି ମହୁ
ଗୁଣୁଗୁଣୁ ଗୀତ ଗାଇ ଚାଲିଥିବୁ
ଚିତ୍ତ ରସମୟ ହେଉ ।
ପତ୍ରଝରା ତରୁ ନବ ପଲ୍ଲବରେ
ପଲ୍ଲବିତ ବୃକ୍ଷରାଜି
ସୁମନ ସୁରଭି ନବ କିଶଳୟ
ନବ ଯଉବନେ ହସି
କବି ଭାବୁକର ହୃଦୟର ଭାଷା
ବିକଶିତ ହେବାପାଇଁ
ମନୋରମ ଦୃଶ୍ୟ ତାର ଚିତ୍ରପଟେ
ଭାବନାର ଅନ୍ତନାହିଁ ।
ପ୍ରକୃତିରାଣୀର ବର୍ଣ୍ଣିଳ ଶୋଭା
ବିଚିତ୍ର ମନୋହର
ଫଗୁଣର ଫଗୁ ମଧୁ ମହୋତ୍ସବ
ଦୋଳ ମେଳଣ ଯାତରା ।
ପ୍ରୀତି ଏକତାର ପରବ ପାଇଁ କି
ରାଧାମାଧବ ଝୁଲିବେ
ପ୍ରେମର ଠାକୁର ପ୍ରେମ ଅବିରରେ
ସମସ୍ତଙ୍କୁ ରଙ୍ଗାଇବେ
ଭଲଲାଗେ ବୋଲି ବସନ୍ତର ରାସ
ଶ୍ରୀ ରାଧାକୃଷ୍ଣ ଚରିତ
ଭକ୍ତଗାନ କରେ ଆନନ୍ଦ ମନରେ
ଗୋପୀ ଭାଷା ଭାଗବତ
ଫୁଲର ଫଗୁଣ, ମୃଦୁ ମଳୟରେ
ହିଲ୍ଲୋଳରେ ନୃତ୍ୟରତା
ଏ ଧରାଧାମରେ ବିକସି ବସନ୍ତ
ଦେବ ବିଜୟ ବାରତା
ନୃତ୍ୟ ସଙ୍ଗୀତରେ ଖୋଳ କରତାଳେ
ସୁସଜ୍ଜିତ ବିମାନରେ
ରାଧାକୃଷ୍ଣଙ୍କ ଯୁଗଳ ମୁରତି
ଲୋଭ ଛତେରି ଭୋଗରେ
ଭକ୍ତ ବିଦୁରର ଶାଗଭଜା ଖିଆ
ଭକତର ଭଗବାନ
ହୋଲିକା ରାକ୍ଷସୀ ନିଧନ ପ୍ରତୀକ
ପୁରାଣର କଥା ମାନ ।

## ଆସିଲା ଆସିଲା ଦୋଳ
### ଶରତଚନ୍ଦ୍ର ଜେନା

ମାଘ ମାସ ଗଲା - ଫଗୁଣ ଆସିଲା
ଆସିଲା ଆସିଲା ଦୋଳ
ଗାଁରେ ସହରେ ପ୍ରତି ଘରେ ଘରେ
ଲାଗିଯିବ ହୁରିଖେଳ
ମନ୍ଦ ମନ୍ଦ ବହେ ମଳୟ ପବନ
ବସନ୍ତ ତ ଆସିଲାଣି
କୁହୁକୁହୁ ତାନେ ସୁ ମଧୁର ସ୍ୱରେ
ପିକ ଗୀତ ଗାଉଅଛି
ଗଉଡ଼ ଭାଇଙ୍କ ଲଉଡ଼ି ଖେଳରେ
କମ୍ପିଯିବ ଗାଁ ଦାଣ୍ଡ
ରାଧା କୃଷ୍ଣଙ୍କର ଗୀତ ଗପ ଶୁଣି
ଲୋକମାନେ ହେବେ ରୁଣ୍ଡ
ବାଜା ବାଣ ଭେରୀ ତୁରୀ ଘଣ୍ଟ ଘଣ୍ଟା
କାହାଳୀ, କୀର୍ତ୍ତନ ସ୍ୱର
ବିମାନ କାନ୍ଧେଇ ଚାଲୁଥିବେ ଭକ୍ତ
ହେଉଥିବେ ତର ବର
ମେଳଣ ପଡ଼ିଆ ଉଠିବ ପଡ଼ିବ
ବିମାନଙ୍କୁ ମାଳ ମାଳ
ରାଧା ମାଧବଙ୍କ ଯୁଗଳ ମୂରତୀ
ଭୋଗ ଖାଇ ହେବେ ମେଳ
ରାସ୍ତା ଘାଟ ଖାଲି ରଙ୍ଗରେ ରଙ୍ଗିନ
ରଙ୍ଗିଆ କଳା କହ୍ନେଇ
ରଙ୍ଗ ପିଚକାରୀ ଧରି ହୁରି ଖେଳ
ଖେଳିବେ ଆନନ୍ଦ ହୋଇ ।
ଦୋଳ ମଣ୍ଡପରେ ଦୋଳ ବିମାନରେ
ବସିବେ ଦୋଳ ଗୋବିନ୍ଦ
ହେବ ପାପ ନେତ୍ର ପବିତ୍ର
ଜୀବନମୁକ୍ତି ଦେବଟି ମୁକୁନ୍ଦ
ଫୁଲେଇ କୋଇଲି ଗେହ୍ଲେଇ କହୁଛି
ଏଇ ଆମ ଦୋଳ ପର୍ବ
ସ୍ନେହ, ପ୍ରେମ, ମୈତ୍ରୀ, ଭାଇଚାରା ନୀତି
ହିନ୍ଦୁ ସନାତନୀ ଧର୍ମ ।

## ଫଗୁ ମିଳନ
### କାଳନ୍ଦୀ ମଲ୍ଲିକ



ଫଗୁ ଆଉ ଫଗୁଣ ଦୋଳ ଆଉ ବିମାନ
କରନ୍ତି ସଭିଏଁ ମିଳି ରାଧାକୃଷ୍ଣ ମିଳନ ।
ବସନ୍ତର ଶିହରଣ, ପୁଲ୍‌ଲକିତ ତନୁମନ
ଫୁଲର ଫଗୁଣେ ବହେ ମନ୍ଦ ମଳୟ
ଶରୀର ହୁଏ ତଲ୍ଲୀନ, ଲଭିବାକୁ ମଧୁର ମିଳନ ।
ଋତୁରାଜ ଆଗମନେ ଚଂଚଳ କବିର ପ୍ରାଣ
ଶବ୍ଦ ବ୍ରହ୍ମ ସଙ୍ଗତରେ ଚଳାଏ ଲେଖନୀ ମୁନ
ରଚେ ପ୍ରେମର ସଂଗୀତ, ପ୍ରୀତି ମନ୍ତ୍ରେ କରେ ସମ୍ମୋହନ
ଡାକେ ପ୍ରେମିକାର ପ୍ରାଣେ ନମ୍ର ନିବେଦନ
ଫଗୁଖେଳେ କରିବାକୁ ପ୍ରେମ ଆଲିଙ୍ଗନ ।
ବ୍ରହ୍ମସ୍ୱରୂପ ରାଧାକୃଷ୍ଣ, ଦୋଳ ବିମାନେ ବିରାଜିତ
ବସନ୍ତର ମଧୁମାସେ, ରାଧା ଗୋବିନ୍ଦ ନାମେ ଖ୍ୟାତ
ଫଗୁ ହୋରି ଖେଳନ୍ତି, ଅବିର ରଙ୍ଗେ ନିତ୍ୟ
ମାନବ ଲୀଳାରେ ମଗ୍ନ, କରନ୍ତି ଫଗୁ ମିଳନ ।
ଗୋବିନ୍ଦ ସେ ରାଧାକୃଷ୍ଣ, ବ୍ରହ୍ମମୟ ସନାତନ
ବସନ୍ତ ସେ ଋତୁଶ୍ରେଷ୍ଠ, ଋତୁରାଜ ପରମବ୍ରହ୍ମ
ଦର୍ଶନେ ସବୁରି ପ୍ରାଣେ, ବ୍ରହ୍ମମୟ ଆସ୍ୱାଦନ
ଅନନ୍ତ ଶିଖର ଛୁଏଁ, ଭକ୍ତ ହୃଦ-ମନ-ପ୍ରାଣ
ବିଶ୍ୱାସେ ଜନ୍ମରେ ମହାଭାବ-ସମର୍ପଣ, ନ ହୁଏ ପୁର୍ନଜନମ ।
ହେ ବିଚିତ୍ର ବର୍ଣ୍ଣା ବ୍ରହ୍ମସ୍ୱରୂପା, ମୃଦୁମନ୍ଦ ମଳୟ ରୂପି ବକ୍ତା
ଫଗୁମିଳନର ସ୍ରଷ୍ଟା ଦେଉଛ ବସନ୍ତ ମିଳନ ବାର୍ତ୍ତା
ନଇଁଯାଏ ମୋର ମଥା, ଧାଇ ତୁମ ଅଭୟ ଚରଣ
ଫଗୁ ଆଉ ଫଗୁଣ..... ଦୋଳ ଆଉ.....

**ମଂଚ କଳାକାର,**
**ରାଜ୍ୟ ଅପେରା କଳାକାର ମହାସଂଘ**

## ରଙ୍ଗ
### ନାରାୟଣଚନ୍ଦ୍ର ଲେଙ୍କା

ଯେବେ ଚଇତାଳି ଫଗୁଣ ଛାତିରେ
କଡ଼ ଲେଉଟାଏ ଧୀରେ
ସୁନା ଦେହ ତୋର ଭଉଁରୀ ଖେଳାଏ
ପୀରତି ନଈର ଧାରେ ।
ଫଗୁ ପୁନେଇଁରେ ଇନ୍ଦ୍ରଧନୁ ଆଙ୍କି
ରଙ୍ଗର ମୁରୁଜ ହସେ
ସୁନେଲି ଗାଲରେ ରୂପେଲି ଅବିର
ଭସା ମେଘ ପରି ଭାସେ ।
ତନୁ ମନେ ବହେ ଉଜାଣି ଯମୁନା
ପ୍ରୀତିର ବରଷା ଝରି
ପ୍ରେମ ଅଠା ବୋଳି ସପନ ଖେଳାଏ
ନାଲି ନେଳି ବିଚକାରୀ ।
ମନ ବୃନ୍ଦାବନେ ହୃଦୟ କୁଞ୍ଜରେ
ପିଆସି ପରାଣ ଝୁରେ ।
ପୂର୍ଣ୍ଣମୀ ତିଥିରେ ବାସନ୍ତୀ ସଞ୍ଜରେ
ଖୋଜୁ ମିଳନ ଆଶାରେ
ବିମାନେ ରାହାସ ରାଧିକା ମୋହନ
ଦୋଳବେଦୀ ପଡ଼ିଆରେ
ବାଣ ରୋଷଣିରେ ହୋଲିରେ ମଜନ୍ତି
ବଇଁଶୀର ସାତ ସୁରେ
ସେହି ସୁରେ ହଜି ରଙ୍ଗ ପସରାରେ
ଭିଜାଇଲି ସାରା ଅଙ୍ଗ ।
ଚପଳା ଚମକେ ଅଙ୍ଗେ ଅଙ୍ଗେ ତୋର
ଶିହରି ଯାଏ ତରଙ୍ଗ
ଲାଜରେ ଝାଉଁଳି ସରମି ଲତିକା
ଛାତି ତଳେ ରଖୁ ମଥା ।
ମନେ ପଡ଼ିଯାଏ ମାନ ଭଞ୍ଜନରେ
ଶ୍ରୀରାଧା କୃଷ୍ଣ ଗାଥା ।

**ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,**
**ବନ୍ତ, ଭଦ୍ରକ**

## ହୋଲି
### ଶାନ୍ତିଲତା ବାରିକ

ବସନ୍ତ ଆସିଛି ମଳୟ ବହୁଛି
କୋଇଲି ଗାଉଛି ଗୀତ
ଫଗୁଣ ଧରାକୁ ରଙ୍ଗେଇ ଦେଲାଣି
ବିଦାୟ ନେଲାଣି ଶୀତ ।
ପତ୍ର କଅଁଳୁଛି ଆମ୍ବ ବଉଳୁଛି
ମହକୁଛି ତାର ବାସ
ଉପବନ ସାରା ସୁମନରେ ଭରା
ଝଲସୁଛି ଚଉପାସ ।
ଦେଖି ଫୁଲ ଦଳ ଭ୍ରମର ପାଗଳ
କରିବ ପିରତୀ ଖେଳ
ପଲ୍ଲୀବାସୀଙ୍କ ମନ ଆନନ୍ଦନରେ ପୂର୍ଣ୍ଣ
ଆସିଛି ବୋଲି ଏ ଦୋଳ
ଦୋଳ ବିମାନରେ ରାଧାଙ୍କ ସାଥୀରେ
ଆସିବେ ମୂରଲୀ ଧାରୀ
ପ୍ରୀତିର ଅବିର ପୁଣି ଘର ଘର
ମନକୁ କରିବେ ଚେରି
କୋଇଲି କୁହୁ ତାନରେ
ମୁଖରିତ ଗଗନ ପବନ
ଶୀତଳ ମଳୟ ପାଇ
ତନୁ ମନ ହୁଏ ଶିହରିତ
ଫଗୁଣର ରଂଗ ଭରିଦିଏ ମନ
ମନହୁଏ ଛନଛନ ।

## ଥରେ ବସନ୍ତରେ
### ଡ. ପୂଜାରାଣୀ ଘୋଷ

ମୋ ଚନ୍ଦରେ ନାହିଁଲୋ କଳଙ୍କ
ସେ'ତ ମଧୁମୟ ପ୍ରୀତି ପ୍ରେରକ
ମୋ ଅଙ୍ଗେ ଅଙ୍ଗେ ସମାହିତ ଧାରା
ଋତୁରାଜ ବନ୍ଧୁ ପ୍ରେମର ପସରା ।
ଫୁଲେ ଫୁଲେ ଝୁଲେ ଭ୍ରମରୀ ନୀତି
ମଦା ତୁମେ କେବେ କରି ପୀରତି
ଏ ମକରନ୍ଦ ଆଜି ନାଚି ଯାଉଛି
ସିରିସିରି କରି ଗୀତ ଗାଉଛି ।
ଫୁଲମତୀ ଲାଜେ ସରମିଯାଏ
ହସି ଦେଇ କାଣ୍ଡ ତଳକୁ ଚାହେଁ
ବସନ୍ତ ସାନ୍ଧ୍ୟର ରୁପେଲି ବିକଶ
ଥଟ୍ଟାକରେ ଦେଖି ମଞ୍ଜରୀ ବେଶ
ରୂପେ କିରଣାବଳୀକୁ ଝଡ଼ାଇଦିଏ
ସୁମନକୁ ଶୁଦ୍ଧ କିରଣେ ଭିଜାଏ ।

## ଫଗୁଣ ଆସିଲା ପରେ
### ଶ୍ରଦ୍ଧାଞ୍ଜଳୀ ମିଶ୍ର



ସେଦିନର ଗାଁ ଦୋଳ
ଆଜି ବି ଆଖିରେ ଆସେ
ଫଗୁଣ ଆସିଲା ପରେ
ତୁମେ ଲେଖୁଥିବ ଫଗୁ କବିତା
ସ୍ମୃତିକୁ ପାଶୋରି ଦେଇ
ମୁଁ ଦେଖୁଥିବି ତୁମେ ଆସିବାର ବାଟ
ସ୍ମୃତିର ମଲାଟ ପଟେ
ଫଗୁଣ ଆସିଲା ପରେ
ତୁମେ ଲେଖୁଥିବ ପ୍ରଣୟ କବିତା
ମେଘ ମହ୍ଲାର ସ୍ୱରେ
ମୁଁ ଜଳୁଥିବି ବିରହ ନିଆଁରେ
ଯନ୍ତ୍ରଣାର ଯଉ ଘରେ ।
ଫଗୁଣ ଆସିଲା ପରେ
ତୁମେ ଲେଖିଥିବ ପ୍ରଣୟ କବିତା
ମେଘ ମହ୍ଲାର ସ୍ୱରେ
ମୁଁ ଜଳୁଥିବି ବିରହ ନିଆଁରେ
ଯନ୍ତ୍ରଣାର ଯଉଘରେ
ଫଗୁଣ ଆସିଲା ପରେ
ତୁମେ ମାତିଥିବ ଫଗୁଣର ଫଗୁ ଖେଳେ
ମୁଁ ବସିଥିବି ସ୍ମୃତିର ଉନ୍ମାଦ କୋଳେ
ସେଦିନର ଫଗୁ ଖେଳ

# ମହାନ ଜନନାୟକ, ଓଡ଼ିଶାର ଗର୍ବ ଓ ଗୌରବ, ଭୂମିପୁତ୍ରଙ୍କୁ ମନେ ପକାଉଛି ସାରା ରାଜ୍ୟ

ଭୁବନେଶ୍ୱର: ସେବା, ତ୍ୟାଗ, ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ପଟ୍ଟନାୟକ । କୋଟି କୋଟି ଓଡିଆଙ୍କ ଜାତିପ୍ରାଣ । ମହାନ ରାଷ୍ଟ୍ରନୀତିଜ୍ଞ, କଳିଙ୍ଗର ସ୍ୱର୍ଣ୍ଣାଭ ସ୍ୱାକ୍ଷର ବିଜୁ ବାବୁ । ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ ସେବାର ମୂର୍ତ୍ତିମନ୍ତ ପ୍ରତୀକ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜନ୍ମ ତିଥୀ । ବିଜୁ ବାବୁ ୧୯୧୬, ମାର୍ଚ୍ଚ ୫ରେ କଟକରେ ଜନ୍ମ ଗ୍ରହଣ କରିଥିଲେ । ୧୯୯୭ ମସିହା ଏପ୍ରିଲ ୧୭ରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସେ ଏକାଧାରରେ ଜଣେ ଦକ୍ଷ ରାଜନେତା, ବିମାନ ଚାଳକ ଓ ଶିଳ୍ପପତି ଥିଲେ । ୧୯୯୦ ମାର୍ଚ୍ଚ ୫ରୁ ୧୯୯୫ ମସିହା ମାର୍ଚ୍ଚ ୧୫ ଯାଏଁ ଓ ୧୯୬୧ ଜୁନ ୨୩ରୁ ୧୯୬୩ ମସିହା ଅକ୍ଟୋବର ୨ ଯାଏଁ ସେ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ପ୍ରବାଦ ପୁରୁଷ, ଓଡ଼ିଶାର ବରପୁତ୍ର, ମହାନ ଜନନାୟକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହେଉଛନ୍ତି ବିଜୁ ପଟ୍ଟନାୟକ । କଟକରେ ଜନ୍ମିତ ବିଜୁ ବାବୁ ନିଜ ସୁଦକ୍ଷ ନେତୃତ୍ୱ, ବୀରତା, ସାହସିକତା ତଥା ମାଟି ମା'ର ସେବାରେ ଅତୁଳନୀୟ ଅବଦାନ ପାଇଁ ଚିରସ୍ମରଣୀୟ । ଭାରତୀୟ ରାଜନୈତିକ ଆକାଶରେ ବିଜୁ ପଟ୍ଟନାୟକ ସବୁବେଳେ ଧ୍ରୁବତାରା ହୋଇରହିଛନ୍ତି । ଓଡ଼ିଆ ଯୁବକ

ଯୁବତୀଙ୍କ ଉପରେ ବିଜୁ ବାବୁଙ୍କର ଥିଲା ପ୍ରଗାଢ଼ ବିଶ୍ୱାସ । ସେମାନଙ୍କ ମଧ୍ୟରେ ଏକ ନୂତନ ସମ୍ଭାବନାକୁ ସେ ବହୁ ଆଗରୁ ପରଖି ପାରିଥିଲେ । ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଶିଳ୍ପ କ୍ଷେତ୍ରରେ ଏକ ବୈପ୍ଳବିକ ଧାରାର ଆବଶ୍ୟକତାକୁ ହୃଦୟଙ୍ଗମ କରି ଆମ ରାଜ୍ୟରେ ଅନେକ ଶିଳ୍ପ ପ୍ରତିଷ୍ଠାନର ଗଠନ ଓ ସଂପାଦନ କ୍ଷେତ୍ରରେ ବିଜୁ ବାବୁ ଥିଲେ ଅଗ୍ରଦୂତ । ୧୯୪୬ ମସିହାରେ ଉତ୍ତର କଟକ ନିର୍ବାଚନ ମଣ୍ଡଳୀରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ଓଡ଼ିଶା ବିଧାନସଭାରେ ପାଦ ଦେଇଥିଲେ ବିଜୁ ପଟ୍ଟନାୟକ । ୧୯୫୨ ଓ ୧୯୫୭ରେ ଯଥାକ୍ରମେ ଜଗନ୍ନାଥ ପ୍ରସାଦ ଓ ସୋରଡ଼ାରୁ ପୁନଃ ନିର୍ବାଚିତ ହୋଇଥିଲେ ଆଧୁନିକ ଓଡ଼ିଶା ଗଠନର ଏହି କିମ୍ବଦନ୍ତୀ ପୁରୁଷ । ୧୯୬୧ରେ ବିଜୁ ବାବୁ ପ୍ରଥମଥର ପାଇଁ ଓଡ଼ିଶା ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୭ ଏପ୍ରିଲ୍ ୧୯୯୭ରେ ଏହି ମହାନ ଜନନାୟକ ନୂଆଦିଲ୍ଲୀରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ଏବଂ ସେହିଠାରେ ହିଁ ହୋଇଥିଲା ଏକ ଯୁଗର ଅବସାନ ।

# ବଦଳିବ ବାଲି, ଗୋଡ଼ି, ଇଟାର ମୂଲ୍ୟ

ଭୁବନେଶ୍ୱର : ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟରେ ଲାଗୁ ହୋଇଥିବା ନିର୍ମାଣ ସାମଗ୍ରୀର ମୂଲ୍ୟକୁ ତର୍ଜମା କରି ରାଜ୍ୟରେ କିଭଳି ନିର୍ମାଣ ସାମଗ୍ରୀର ସର୍ବଶ୍ରେଷ୍ଠ ମୂଲ୍ୟ ନିର୍ଦ୍ଧାରଣ କରିହେବ ସେନେଇ ଆଲୋଚନା ହୋଇଥିଲା । ପରିବହନ ଖର୍ଚ୍ଚକୁ ହିସାବକୁ ନେଇ ବାଲି, ଗୋଡ଼ି, ଇଟାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଇନ୍‌ଡୋର ଏବଂ ଆଉଟ୍‌ଡୋର ସାମଗ୍ରୀ, ବୈଦ୍ୟୁତିକ ସାମଗ୍ରୀ, ପ୍ରି-ଫେବ୍ରିକେଟେଡ୍ ସାମଗ୍ରୀ, କୋଠାବାଡ଼ିରେ ବ୍ୟବହୃତ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ନେଇ ଆଲୋଚନା ହୋଇଥିଲା । ନିର୍ମାଣ ସାମଗ୍ରୀର ଗୁରୁତ୍ୱ ଓ ଆବଶ୍ୟକତାକୁ ଉପଲବ୍ଧି କରି ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଶୀଘ୍ର ସମାପ୍ତି ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ ।

# କର୍ଣ୍ଣାଟକ ସରକାରଙ୍କ ବଡ ପଦକ୍ଷପ ; ୧୬ ବର୍ଷରୁ କମ ପିଲାଙ୍କୁ ସୋସିଆଲ ମିଡିଆ ବ୍ୟାନ୍

ନୂଆଦିଲ୍ଲୀ; କର୍ଣ୍ଣାଟକ ସରକାର ଏବେ ନୂଆ ନିୟମ ଆଣିବାକୁ ଯାଉଛନ୍ତି । ଯେଉଁଥିରେ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ ରୋକ ଲଗାଇବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ତାଙ୍କ ବଜେଟ ଭାଷଣ ସମୟରେ ଏହି ଘୋଷଣା କରି କହିଥିଲେ ଯେ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ, ଶିକ୍ଷା କ୍ଷମତା ଏବଂ ଡିଜିଟାଲ୍ ନିଶାକୁ ଦୃଷ୍ଟିରେ ରଖି କଠୋର ନିୟମାବଳୀ ଆବଶ୍ୟକ । ସରକାର ବିଶ୍ୱାସ କରନ୍ତି ଯେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏବଂ ଅନିୟନ୍ତ୍ରିତ ସ୍କ୍ରିନ୍ ଟାଇମିଂ ପିଲାମାନଙ୍କ ଆଚରଣ, ଧ୍ୟାନ ଦେବାର ସମୟ ଏବଂ ସୁରକ୍ଷା ଉପରେ ଗମ୍ଭୀର ଭାବରେ ପ୍ରଭାବ ପକାଉଛି । ଲକ୍ଷ୍ୟ ହେଉଛି ୧୬ ବର୍ଷରୁ କମ୍ ବୟସର ପିଲାମାନେ ସୋସିଆଲ ମିଡିଆର କ୍ଷତିକାରକ ଏବଂ ଅନୁପଯୁକ୍ତ ପ୍ରଭାବରୁ ସୁରକ୍ଷିତ ରହିବେ । ପିଲାମାନଙ୍କ ମଧ୍ୟରେ ମୋବାଇଲ୍ ଫୋନ୍ ବ୍ୟବହାର ବୃଦ୍ଧି ପାଇବାର ପ୍ରତିକୂଳ ପ୍ରଭାବକୁ ରୋକିବା ପାଇଁ, ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଘୋଷଣା କରିଥିଲେ ଯେ କର୍ଣ୍ଣାଟକ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ରୋକ ଲଗାଇବେ । ନିକଟରେ, ଭାଇସ ଚାନ୍ସେଲରମାନଙ୍କ ସହିତ ଏକ ବୈଠକରେ, ସେ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ମୋବାଇଲ୍ ଫୋନ୍ ଉପରେ ରୋକ ଲଗାଇବା ବିଷୟରେ ସେମାନଙ୍କ ମତାମତ ଲୋଡିଥିଲେ । ପୂର୍ବରୁ, ସ୍ୱାସ୍ଥ୍ୟମନ୍ତ୍ରୀ ଦିନେଶ ଗୁଣ୍ଡୁ ରାଓ ଏବଂ ଆଇଟି/ବିଟି ମନ୍ତ୍ରୀ ପ୍ରିୟାଙ୍କ ମଧ୍ୟ ସମାନ ବୟାନ ଦେଇଥିଲେ । ଏହା ପରେ ମୁଖ୍ୟମନ୍ତ୍ରୀ ଏହା ଘୋଷଣା କରିଥିଲେ । ଅନଲାଇନ୍ ନିଶା, ଅପବ୍ୟବହାର ଏବଂ ଡିଜିଟାଲ୍ କ୍ଷତି ସଂପର୍କରେ ବଢୁଥିବା ଚିନ୍ତା ମଧ୍ୟରେ, ଆନ୍ଧ୍ର ପ୍ରଦେଶ ସରକାର ପିଲାମାନଙ୍କ ସୋସିଆଲ ମିଡିଆ ବ୍ୟବହାର ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛନ୍ତି । ରାଜ୍ୟ ମନ୍ତ୍ରୀ ନାରା ଲୋକେଶ କହିଛନ୍ତି ଯେ ସୋସିଆଲ ମିଡିଆ ଉପରେ ବିଶ୍ୱାସ 'କ୍ଷୁର୍ଣ୍ଣ' ହେଉଛି ଏବଂ 'ପିଲାମାନେ ନିରନ୍ତର ଏହାକୁ ବ୍ୟବହାର କରିବାର ଫାଶରେ ପଡୁଛନ୍ତି । ତେଣୁ, ସରକାର ଆଇନଗତ ବିକଳ୍ପ ଗୁଡ଼ିକର ଅଧ୍ୟୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଲୋକେଶଙ୍କ ଅନୁଯାୟୀ, ରାଜ୍ୟ ସରକାର ମେଟା, ଗୁଗୁଲ୍, ଏକ୍ସ ଏବଂ ସେୟାର ଚ୍ୟାଟ୍ ଭଳି ପ୍ରମୁଖ କଂପାନୀଗୁଡ଼ିକୁ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସଗୁଡ଼ିକ ଉପରେ ଆଲୋଚନା କରିବା ଏବଂ ପ୍ରଭାବଶାଳୀ ମଡେଲ୍ ବିକଶିତ କରିବା ପାଇଁ ଆମନ୍ତ୍ରଣ କରିଛନ୍ତି । ତାଙ୍କର ୧୭ତମ ବଜେଟ୍ ଉପସ୍ଥାପନ କରି, ସିଦ୍ଧରମୈୟା କେନ୍ଦ୍ର ସରକାରଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ କେନ୍ଦ୍ର ସରକାର ସମ୍ବିଧାନରେ ଲିଖିତ ସଂଘୀୟ ଶାସନ ବ୍ୟବସ୍ଥାକୁ ଅନୁସରଣ ନ କରି ରାଜ୍ୟ ପ୍ରତି ଅନ୍ୟାୟ କରୁଛନ୍ତି । ରାଜ୍ୟ ସରକାର ଏକ ବିକାଶ ରଣନୀତି ଅନୁସରଣ କରୁଛନ୍ତି । ଯାହା ଭିତ୍ତିଭୂମିରେ ନିବେଶ ଏବଂ ଦୀର୍ଘକାଳୀନ ଆର୍ଥିକ ପରିବର୍ତ୍ତନ ସହିତ କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡ଼ିକୁ ସନ୍ତୁଳିତ କରୁଛି । ସେ କେନ୍ଦ୍ର ସରକାରଙ୍କୁ ରାଜ୍ୟର ଦାବି ପ୍ରତି ଅଧିକ ସମ୍ବେଦନଶୀଳ ହେବାକୁ ମଧ୍ୟ ନିବେଦନ କରିଛନ୍ତି । ଏହା ବ୍ୟତୀତ ସେ କହିଛନ୍ତି କର୍ଣ୍ଣାଟକ ଦେଶର ବିକାଶରେ ସବୁଠାରୁ ଆଗରେ ଅଛି ଏବଂ ଦେଶକୁ ଟିକସ ରାଜସ୍ୱର ସବୁଠାରୁ ବଡ଼ ଯୋଗଦାନକାରୀମାନଙ୍କ ମଧ୍ୟରୁ ଗୋଟିଏ ।

# ଗୋଟିଏ ଝଟ୍‌କାରେ ବୁଡ଼ିଯିବ ଶତ୍ରୁର ଜାହାଜ ! ସ୍ୱଦେଶୀ ପରମାଣୁ ସବମେରିନ୍ ତିଆରି କରିବ ଭାରତ

ନୂଆଦିଲ୍ଲୀ: ଭୟଙ୍କର ହେଉଛି ଇରାନ ସହ ଆମେରିକା ଓ ଇସ୍ରାଏଲୀ ଯୁଦ୍ଧ । ଶ୍ରୀଲଙ୍କା ନିକଟ

ଭାରତ ମହାସାଗରରେ ମିଲାନ-୨୦୨୬ ଅଭ୍ୟାସରୁ ଫେରିଥିବା ଇରାନୀ ବୁଡ଼ାଇ ଦେଇଛି ଆମେରିକା । ଘାତକ ମାର୍କ-୪୮ ହେଭିୱେଟ୍ ଟର୍ପେଡୋ ବ୍ୟବହାର କରି ଏହି ଅପରେସନ କରିଥିଲା ଆମେରିକୀୟ ନୌସେନା । ଆମେରିକା ପାଖରେ ଏକ ପରମାଣୁ-ଚାଳିତ ବୁଡାଜାହାଜ ଅଛି, ଯାହା ପାୱାରଫୁଲ ଗୁପ୍ତ ପ୍ରଯୁକ୍ତିବିଦ୍ୟା ସହିତ ସଜ୍ଜିତ । କିନ୍ତୁ ଭାରତକୁ ଏପରି ଏକ ସ୍ୱଦେଶୀ ବୁଡ଼ାଜାହାଜ ହାସଲ କରିବାକୁ ଭାରତକୁ ଆହୁରି ୧୦ ବର୍ଷ ଲାଗିପାରେ । ଆମେରିକା ପରି ପ୍ରଥମ ସ୍ୱଦେଶୀ ପରମାଣୁ ବୁଡାଜାହାଜ ୨୦୩୬ ସୁଦ୍ଧା ପ୍ରସ୍ତୁତ ହେବ । ଭାରତରେ ବର୍ତ୍ତମାନ କିଲୋ-କ୍ଲାସ୍, ଜର୍ମାନ ଏଇଚ.ଡି.ଡବ୍ଲୁ-କ୍ଲାସ୍ ଏବଂ ଫରାସୀ ସ୍କର୍ପିନ୍-କ୍ଲାସ୍ ପରମାଣୁ ଆକ୍ରମଣ ସବମେରିନ ଏସ୍.ଏସ୍.ଏନ୍. ଅଛି । ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ. ତ୍ରିପାଠି କହିଛନ୍ତି ଯେ ଭାରତୀୟ ନୌସେନା ୨୦୩୫ ସୁଦ୍ଧା ୨୦୦ରୁ ଅଧିକ ଜାହାଜର ଏକ ନୌବାହିନୀ ରଖିବାକୁ ଲକ୍ଷ୍ୟ ରଖିଛି । ୨୦୨୬ରେ ୧୫ଟି ଅତିରିକ୍ତ ଜାହାଜ ସାମିଲ କରିବାର ଯୋଜନା ଅଛି ।

# 'ଗୋ-ହୋମଷ୍ଟେ' ପୋର୍ଟାଲ୍ ଶୁଭାରମ୍ଭ

ଭୁବନେଶ୍ୱର: ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱରସ୍ଥିତ ଲାଇଫ୍ ହୋଟେଲରେ 'ଗୋ-ହୋମଷ୍ଟେ' ପୋର୍ଟାଲର ଶୁଭାରମ୍ଭ କରିଛନ୍ତି । ଓଡ଼ିଶାରେ ସମୁଦାୟ-ନେତୃତ୍ୱାଧୀନ ପର୍ଯ୍ୟଟନକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସ୍ଥାପନ କରିଛନ୍ତି । ଅଂଶୀଦାରମାନଙ୍କୁ ସଚେତନ କରିବା ଏବଂ 'ଓଡ଼ିଶା ହୋମଷ୍ଟେ ସ୍କିମ୍ ୨୦୨୫' କୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଆୟୋଜିତ 'ଓଡ଼ିଶା ହୋମଷ୍ଟେ କର୍ମଶାଳା' ସହିତ ଏହି ଶୁଭାରମ୍ଭ କରାଯାଇଥିଲା । ସମାବେଶକୁ ସମ୍ବୋଧିତ କରି ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ହୋମଷ୍ଟେଗୁଡ଼ିକ କେବଳ ରହିବା ପାଇଁ ସୁବିଧା ନୁହେଁ, ବରଂ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରଂପରା ଏବଂ ଆତିଥ୍ୟର ଏକ ଦ୍ୱାର । ସେ କହିଛନ୍ତି ଯେ 'ଗୋ-ହୋମଷ୍ଟେ' ପୋର୍ଟାଲ୍ ଆଶାୟୀ ହୋମଷ୍ଟେ ମାଲିକମାନଙ୍କ ପାଇଁ ସ୍ୱଚ୍ଛତା, ସୁଗମତା ଏବଂ ବ୍ୟବସାୟିକ ସହଜତା ନିଶ୍ଚିତ କରିବା ସହିତ ତୃଣମୂଳ ସ୍ତରରେ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପଦକ୍ଷେପ ପର୍ଯ୍ୟଟନ-ଭିତ୍ତିକ ବିକାଶ ମାଧ୍ୟମରେ ଗ୍ରାମାଂଚଳର ପରିବାର, ମହିଳା ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ସଶକ୍ତ କରି ଅନ୍ତର୍ଭୁକ୍ତ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ସହ ସମାନ୍ତରାଳ ରହିଛି । ଏହି କର୍ମଶାଳାରେ ଯୋଜନାର କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଉପରେ ବିସ୍ତୃତ ଉପସ୍ଥାପନା, ବୈଷୟିକ ଦଳ ଦ୍ୱାରା ପୋର୍ଟାଲର ପରିଚାଳନା ପ୍ରଦର୍ଶନ ଏବଂ 'ହୋମଷ୍ଟେଜ୍ ଅଫ୍ ଇଣ୍ଡିଆ' ଓ 'ସ୍ୱନିର ୱାଇଲ୍ଡରନେସ୍ ହୋମଷ୍ଟେ'ର ପ୍ରତିନିଧିମାନଙ୍କ ଦ୍ୱାରା ବିଶେଷଜ୍ଞ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଭିଜ୍ଞ ହୋମଷ୍ଟେ ମାଲିକମାନଙ୍କ ସହ ପ୍ୟାନେଲ୍ ଆଲୋଚନା ମଧ୍ୟ କରାଯାଇଥିଲା, ଯେଉଁଥିରେ ସେମାନେ ସଫଳତାର କାହାଣୀ ଏବଂ ଶ୍ରେଷ୍ଠ କାର୍ଯ୍ୟଶୈଳୀ ବାବଦରେ ଆଲୋକପାତ କରିଥିଲେ ।

## ସରିଲା ମାଟ୍ରିକ୍ : ମେ ରେ ବାହାରିବ ରେଜଲ୍ଟ

କଟକ: ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଶେଷ ହୋଇଛି । ମେ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଫଳାଫଳ ପ୍ରକାଶ ପାଇବ । ଏନେଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି । ଓଏମଆର ଖାତା ଦେଖା ଆରମ୍ଭ ହୋଇସାରିଲାଣି । ଆସନ୍ତା ୧୯ରୁ ସବଜେକଟିଭ୍ ଖାତା ଦେଖା ଆରମ୍ଭ ହେବ । ମୋଟ୍ ୫୫ କେନ୍ଦ୍ରରେ ୧୫ ହଜାର ନୀରିକ୍ଷକ ନିୟୋଜିତ ହୋଇଛନ୍ତି । ମେ ମାସରେ ରେଜଲ୍ଟ ବାହାରିବ । ପ୍ରାୟ ୫ ଲକ୍ଷ ୬୧ ହଜାର ୯୭୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ମୋଟ ୩ ହଜାର ୮୨ଟି ସେଂଟରରେ ସିସିଟିଭି ବ୍ୟବସ୍ଥା କରାଯାଇଥିଲା । ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପରୀକ୍ଷା ଲାଗି ଅତିରିକ୍ତ ୫୦ ମିନିଟ ସମୟ ଦିଆଯାଇଥିଲା । ପ୍ରତିଦିନ ଗୋଟିଏ ସିଟିଂରେ ପରୀକ୍ଷା ହୋଇଥିଲା । ପରୀକ୍ଷା ପରିଚାଳନା ତଦାରଖ ପାଇଁ ଚତୁଃସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଥିଲା । ଚଳିତବର୍ଷ ପ୍ରଶ୍ନପତ୍ର ଭାଇରାଲ ରୋକିବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ସମସ୍ତ ପରୀକ୍ଷା କେନ୍ଦ୍ର ସମେତ ନୋଡାଲ ସେଂଟରରେ ଲାଇଭଷ୍ଟ୍ରିମିଂ ବ୍ୟବସ୍ଥା ହୋଇଥିଲା ।

# ୧କିଲୋ ସୁନା ଓ ୪ କିଲୋ ରୂପା ସହ ଚାରି ଗିରଫ

ଭଦ୍ରକ : ବାହାର ରାଜ୍ୟର ଗାଡ଼ି ନମ୍ବର ପ୍ଲେଟ ବ୍ୟବହାର କରି ଘରୁ ସୁନା ଓ ରୂପା ଅଳଙ୍କାର ଲୁଟୁଥିଲେ ଦୁର୍ବୃତ୍ତ । ୧କିଲୋରୁ ଅଧିକ ସୁନା ଓ ୪କିଲୋ ରୂପା ଅଳଙ୍କାର ଜବତ ସହ ୪ଜଣ ଗିରଫ । ଭଦ୍ରକରେ କିଛିଦିନ ଧରି ସମାନ ଭାବରେ ଝରକା ତାଡି ଘରୁ ସୁନା ଓ ରୂପା ଅଳଙ୍କାର ଲୁଟ ହେଉଥିଲା । ଭଦ୍ରକ ଏସପି ସହରାଂଚଳ ଥାନା ଅଧିକାରୀଙ୍କ ସହ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ । ତଦନ୍ତରୁ କେନ୍ଦ୍ରାପଡ଼ା ଅଂଚଳରୁ ୪ଜଣଙ୍କୁ ଗିରଫ କରିଥିବା ବେଳେ ଘଟଣାରେ ସଂପୃକ୍ତ ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି । ଫେରାର ଦୁଇଜଣ ଯାଜପୁର ଅଂଚଳର ବୋଲି ଜଣାପଡିଛି । ସେମାନଙ୍କ ନାମରେ ରାଜ୍ୟରେ ୧୫ରୁ ଅଧିକ ଚୋରି, ଡକାୟତି ଓ ହତ୍ୟା ମାମଲା ଥିବା ଏସପି ମନୋଜ ରାଉତ କହିଛନ୍ତି । ସେମାନଙ୍କଠାରୁ ରାଜ୍ୟ ଓ ରାଜ୍ୟ ବାହାରର ୧୫ରୁ ଅଧିକ ନକଲି ନମ୍ବର ପ୍ଲେଟ ଜବତ୍ ହେବା ସହ ୯ଟି ମୋବାଇଲ ଫୋନ ଜବତ ହୋଇଛି । ମୁଖ୍ୟ ଅଭିଯୁକ୍ତ କେନ୍ଦ୍ରାପଡା ଅଂଚଳର ଦୟାନିଧି ଦାସକୁ ଏକ ଭଡାଘରୁ କାବୁ କରିଥିବା ବେଳେ ୩ ସହଯୋଗୀଙ୍କୁ କେନ୍ଦ୍ରାପଡା ଅଂଚଳରୁ ଗିରଫ କରିଛି ପୁଲିସ ।

## ପୂଜ୍ୟପୂଜା ସଂସଦର ୪୯ତମ ଫଗୁ ମିଳନ

# ବସନ୍ତ ରାସୋତ୍ସବ ଏକ ବର୍ଣ୍ଣିଳ ପ୍ରୀତିମୟ ମହୋତ୍ସବ

ଭଦ୍ରକ: ବସନ୍ତ ରାସୋତ୍ସବ ଏକ ମାର୍ମିକ ତଥା ବର୍ଣ୍ଣିଳ ପ୍ରୀତିମୟ ମହୋତ୍ସବ । ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ଅପୂର୍ବ ମିଳନର ଆଧ୍ୟାତ୍ମିକ ତଥା ଭବ୍ୟ ଏହି ଉତ୍ସବଟି ଏକ ବିଶିଷ୍ଟ ପର୍ବ ଭାବେ ପରିଗଣିତ । ଦୋଳ ଯାତ୍ରା ଶ୍ରୀକୃଷ୍ଣଙ୍କର ଗୋପଲୀଳାର ନିଦର୍ଶନ । ରାଧା ଦାମୋଦରଙ୍କ ଗୋପଗୋପୀମାନଙ୍କ ସହିତ ରଙ୍ଗ ପିଚକାରି ଖେଳ ଶ୍ରୀମଦ୍ ଭାଗବତ ବର୍ଣ୍ଣିତ ରାସଲୀଳାର ସ୍ମୃତି ବହନ କରିଥାଏ । କବି ଲେଖନୀରେ ଏହା ଜୀବନ୍ତ ଭାବରେ ରୂପ ନେଇଥାଏ । କବିର ଭାବବିଳାସୀ ମନ ଉପରେ ଏହାର ପ୍ରଭାବ ଯଥେଷ୍ଟ ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦ ପକ୍ଷରୁ ଆୟୋଜିତ ୪୯ତମ ସାରସ୍ୱତ ଫଗୁ ମିଳନ ଉତ୍ସବରେ ଗବେଷକ ଓ ସାହିତ୍ୟିକମାନେ ମତ ପ୍ରକାଶ କରିଛନ୍ତି । ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ କହିଲେ ଯଦି ଆମେ ସମସ୍ତେ ମନକୁ ଆଧ୍ୟାତ୍ମିକତା ରଙ୍ଗରେ ରଙ୍ଗିନ କରିବାକୁ ଚାହୁଁ ତେବେ ନିଜ ଭିତରେ ଥିବା ସମସ୍ତ ବିକାରକୁ ବିନାଶ କରିବାକୁ ହେବ । ମୁଖ୍ୟଅତିଥି ଭାବେ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଠିର କୁଅଁର ଯୋଗଦେଇ କବି ବସନ୍ତକୁ ଅତ୍ୟନ୍ତ ଆନ୍ତରିକତା ସହିତ ଚିତ୍ରଣ କରିବାରେ ତା'ର ସାଧନା ଓ ଅନୁଭବକୁ ପ୍ରୟୋଗ କରିଥାଏ ବୋଲି କହିଥିଲେ । ଡ. ଗୋଲକ ବିହାରୀ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଫଗୁ ମିଳନରେ ଅଧ୍ୟାପକ ଦତ୍ତାତ୍ରେୟ ଦାସ ମଂଚ ସଂଚାଳନ କରିଥିବା ବେଳେ, ଅନୁଷ୍ଠାନର ସହ ସଂପାଦକ ବୈକୁଣ୍ଠ ବିଶ୍ୱାଳ ଅତିଥିମାନଙ୍କୁ ମଂଚ ଆବାହନ ଓ ଅନୁଷ୍ଠାନର ସଂପାଦକ ରୂପକ ବିହାରୀ ରାୟ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ପଣ୍ଡିତ ଘନଶ୍ୟାମ ଲେଙ୍କାଙ୍କ ବେଦପାଠ ପରେ ପାରମ୍ପରିକ ସାରସ୍ୱତ ବସନ୍ତ ଉତ୍ସବର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ଅବସରରେ ଆୟୋଜିତ ବହୁଭାଷୀ କବି ସମ୍ମିଳନୀରେ ଗଙ୍ଗାଧର ନାୟକ, ଡ. ଅବନୀ ପ୍ରଧାନ, ସାବିତ୍ରୀ ବାନାର୍ଜୀ, କଳାକାର କାଳନ୍ଦୀ ମଲ୍ଲିକ, ନାରାୟଣ ଲେଙ୍କା, ରମାକାନ୍ତ ଜେନା, ଅବଦୁଲ ଦୟାନ, ଶରତଚନ୍ଦ୍ର ଜେନା, ନାରାୟଣଚନ୍ଦ୍ର ପାଢ଼ୀ, ଉମେଶ ଚନ୍ଦ୍ର ମହାପାତ୍ର, ବିଜୟ କୁମାର ବହଳି, ରତିକାନ୍ତ ବେହେରା, ଶଶାଙ୍କ ଶେଖର ପଣ୍ଡା, ଶ୍ରଦ୍ଧାଞ୍ଜଳି ମିଶ୍ର, ମନସ୍ମିତା ଦାସ, ଶାନ୍ତିଲତା ବାରିକ, ସାବିତ୍ରୀ ସେଠୀ, ପ୍ରଭାତ ନଳିନୀ ମହାପାତ୍ର, ପୂଜାରାଣୀ ଘୋଷ, ବସନ୍ତ ପାତ୍ର, ରମେଶଚନ୍ଦ୍ର ଦାସ, ଗଙ୍ଗାଧର ନାୟକ, ଉମେଶଚନ୍ଦ୍ର ମହାପାତ୍ର, ସଂଯୁକ୍ତା ଯାଦବ, ଶେଖ ଅବଦୁଲ ଦୟାନ, ମୁସ୍ତାକ ଗହ୍ୱର, ବିଜୟ ମିଶ୍ର ଶତାଧିକ କବି ଓ କବୟିତ୍ରୀଙ୍କ ସ୍ୱରଚିତ ଫଗୁ ଫଗୁଣ ଆଧାରିତ ବସନ୍ତ କବିତା ପରିବେଶକୁ ଉଲ୍ଲସିତ କରିଦେଇଥିଲା । ଋତୁରାଜ ଅକ୍ଷୟ ଓ ଅରୁପାନନ୍ଦ ନାୟକଙ୍କ ଉତ୍ସବ ସଂଯୋଜନା କରିଥିବା ବେଳେ କବି ଜଗନ୍ନାଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୋଳ ପର୍ବ ଓ ମେଣ୍ଢା ପୋଡି

ଭଦ୍ରକ: ଦୋଳ ପର୍ବରେ ମେଣ୍ଢା ପୋଡ଼ି ନୀତି ଅନ୍ୟତମ । ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀରେ ଏହି ମେଣ୍ଢାପୋଡି ନୀତି ଅନୁଷ୍ଠିତ ହୁଏ । ରାଧାଗୋବିନ୍ଦ ବିମାନରେ ବିଜେ ହୋଇ ନଗର ପରିକ୍ରମା କରିସାରିବା ପରେ କୁଟା, କାଠି, ଘଷିରେ ଅଗ୍ନି ସଂଯୋଗ କରାଯାଇ ଏହାର ଚାରିପାଖରେ ବିମାନ ପ୍ରଦକ୍ଷଣ କରିବା ପରେ ମନ୍ଦିରକୁ ପ୍ରବେଶ କରନ୍ତି । ଓଡ଼ିଶାର ବିଭିନ୍ନ ମନ୍ଦିର ମାନଙ୍କରେ ଏହି ନୀତି ହେଉଥିବା ବେଳେ ଶ୍ରୀମନ୍ଦିରରେ ମଧ୍ୟ ଏହି ନୀତି ସଂପନ୍ନ ହୋଇଥାଏ । ଦୋଳବେଦୀ ପରିସରରେ ସଂଧ୍ୟା ସମୟରେ ଏହି ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ । ସଂଧ୍ୟା ସମୟରେ ଦୋଳବେଦୀ ପରିସରରେ ଏହି ସ୍ୱତନ୍ତ୍ର ନୀତି ସମୟରେ ଦେଖିବାକୁ ମିଳେ ହଜାର ହଜାର ଭକ୍ତଙ୍କ ଭିଡ । ତେବେ କଣ ରହିଛି ଏହି ମେଣ୍ଢା ପୋଡ଼ି ନୀତି । ପୌରାଣିକ ଉପାଖ୍ୟାନ ଅନୁଯାୟୀ ପ୍ରଭୁ ବିଷ୍ଣୁଙ୍କ ମହାନ ଭକ୍ତ ହେଉଛନ୍ତି ପ୍ରହଲ୍ଲାଦ । ପ୍ରହଲ୍ଲାଦଙ୍କୁ ତାଙ୍କ ପିତା ହିରଣ୍ୟକଶ୍ୟପ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ହିରଣ୍ୟର ଭଉଣୀ ହୋଲିକାକୁ ବରପ୍ରାପ୍ତ ହୋଇଥିଲା କି ଅଗ୍ନି ତାକୁ ଜଳାଇପାରିବ ନାହିଁ । ତେଣୁ ହୋଲିକା ଭାଇ ହିରଣ୍ୟକଶ୍ୟପଙ୍କ ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ପ୍ରହଲ୍ଲାଦକୁ କୋଳରେ ଧରି ଅଗ୍ନିରେ ପ୍ରବେଶ କରିଥିଲେ । କିନ୍ତୁ ଫଳ ଓଲଟା ହେଲା । ହୋଲିକା ଅଗ୍ନିରେ ଦଗ୍ଧ ହୋଇଯାଇଥିବା ବେଳେ ପ୍ରହଲ୍ଲାଦ ଅଗ୍ନିଙ୍କ ଜ୍ୱାଳା ଉପରେ ବିଜୟ ଲାଭ କରିଥିଲେ । ମେଷ ତଥା ମେଣ୍ଢା ହେଲା ଅଗ୍ନିଙ୍କ ବାହନ । ଅଗ୍ନିଙ୍କ ଏହି ଭକ୍ତବତ୍ସଳତାକୁ ପ୍ରତିପାଦନ କରିବା ପାଇଁ ଶ୍ରୀମନ୍ଦିରରେ ମେଣ୍ଢାପୋଡ଼ି ନୀତି ହୁଏ । ଏହି କ୍ରମରେ ମଠସାହି ସ୍ଥିତ ଗୋପାଳଜୀଉ ମନ୍ଦିରରେ ମଧ୍ୟ ଏହି ନୀତି ପାଳିତ ହୋଇଛି ।

# କୋଣାର୍କ କ୍ଲବର ବାର୍ଷିକ ଉତ୍ସବ ପାଳିତ

ଭଦ୍ରକ : ପ୍ରତିବର୍ଷ ଭଳି ଫାଲ୍‌ଗୁନ ତ୍ରୟୋଦଶି ତିଥିରେ ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ମିଳନ ଉତ୍ସବ ସହ କ୍ଲବର ୪୩ତମ ବାର୍ଷିକ ଉତ୍ସବ ଭଦ୍ରକ ପୌରପାଳିକ ଅନ୍ତର୍ଗତ ବାଲିପାଟଣା ଗ୍ରାମ କୋଣାର୍କ କ୍ଲବ ପରିସରରେ ପାଳିତ

ହୋଇଯାଇଅଛି । କ୍ଲବର ଉପଦେଷ୍ଟା ଶ୍ରୀ ସୁଧାକର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଭଦ୍ରକର ବିଧାୟକ ଶ୍ରୀ ସିତାଂଶୁ ଶେଖର ମହାପାତ୍ର, ସମ୍ମାନିତ ଅତିଥିଭାବେ ତ୍ୟାଗଭୂମୀର ସଭାପତି ଅଜୟ ନାୟକ, ଖଣ୍ଡତଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶ୍ୱନାଥ ନାୟକ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସଂପାଦକ ଅଶୋକ କୁମାର ଦାସ, ଭାରତମାତା ମଣ୍ଡଳ ସଭାପତି ବାବୁଲା ଲେଙ୍କା ପ୍ରମୁଖ ଯୋଗ ଦେଇ ସମାଜ ଗଠନରେ ଯୁବକମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଆପଣମାନଙ୍କ ସ୍ନେହ ଶ୍ରଦ୍ଧା ମୋତେ ବିଧାୟକ ଭାବେ ଜୟଯୁକ୍ତ କରିଛି । ଭଦ୍ରକର ସର୍ବାଙ୍ଗିନ ଉନ୍ନତି ସହ, ସହରାଞ୍ଚଳ ଓ ପଞ୍ଚାୟତର ଯେଉଁ ସବୁ ଉନ୍ନତିମୂଳକ କାମ ଅବହେଳିତ ହୋଇ ରହିଛି ତାହା ପର୍ଯ୍ୟାୟ କ୍ରମେ ମୁଁ ପୂରଣ କରିବାକୁ ପ୍ରତିଶୃତି ବଦ୍ଧ । କୋଣାର୍କ କ୍ଲବର ପିଲାମାନେ ସମାଜ ସଂସ୍କାରରେ ଯେପରି ନିୟୋଜିତ ହୋଇଛନ୍ତି ସେଥିପାଇଁ ତାଙ୍କୁ ସାଧୁବାଦ ଜଣାଇଥିଲେ । କ୍ଲବର ସଭାପତି ମାୟାଧର ରାଉତ, ସଂପାଦକ ବିନୋଦ ନାୟକ, ପାଠାଗାରର ସଭାପତି ମୁକ୍ତିକାନ୍ତ ନାୟକ, ସଂପାଦକ ସତ୍ୟଜିତ୍ ନାୟକଙ୍କ ସହ ପ୍ରଫୁଲ୍ଲ ପରିଡ଼ା, ଓମ୍ ପ୍ରକାଶ ନାଥ, ସମୀର ପୃଷ୍ଟି, ପ୍ରକାଶ ପରିଡ଼ା, ଟିକନ ରାଉତ. ଦିବ୍ୟରଂଜନ ରାଉତ, ଅଭିଶେକ ପ୍ରଧାନ, ଅନିରୁଦ୍ଧ ନାୟକ, ଚଳନ ନାୟକ, ଶତୃଜୀତ୍ ନାୟକ, ରଂଜନ ପ୍ରଧାନ, ଗଦାଧର ନାୟକ, ଦେବେନ୍ଦ୍ର ରାଉତ୍ । ଚିନିମୟ ସ୍ୱାଇଁ ପ୍ରମୁଖ କାର୍ଯ୍ୟ କ୍ରମରେ ସକ୍ରିୟ ଅଂଶ କରିଥିଲେ । ଆମ ଗାଁ ଝିଅ ସୁଶ୍ରୀ ଦେବୀରାଣୀ ସାହୁ ଗତ ମେଟ୍ରିକ ପରୀକ୍ଷାରେ ଜିଲ୍ଲାରେ ପ୍ରଥମ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବାରୁ ତାକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡଲଫିନ୍ ଡେନ୍ସଗ୍ରୁପ, ମଙ୍ଗଳପୁର, ଯାଜପୁର ଦ୍ୱାରା ଆୟୋଜିତ ମନୋରଂଞ୍ଜନ କାର୍ଯ୍ୟକ୍ରମକୁ ଗ୍ରାମବାସୀ ଉପଭୋଗ କରିଥିଲେ । ବିଭିନ୍ନ ଗାଁରୁ ୧୦ ଗୋଟି ଠାକୁର ମେଢ଼ ଏ ମିଳନ ଉତ୍ସବରେ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କୁ ପୂଜା ଅର୍ଚ୍ଚନା ପୂର୍ବକ ମିଳନ ଉତ୍ସବ ସମାପ୍ତ ହୋଇଥିଲା ।

# ଆଧୁନୀକରଣ ପାଇଁ ବୃକ୍ଷ ଛେଦନ କ'ଣ ଅପରିହାର୍ଯ୍ୟ ?

ବିକାଶ ପାଇଁ ଗଛ କାଟିବା ଦ୍ୱାରା ଆମର ଅପରିବର୍ତ୍ତନୀୟ କ୍ଷତି ହୁଏ । ଯାହାଦ୍ୱାରା ବାସସ୍ଥାନ କ୍ଷତି, ମୃତ୍ତିକା କ୍ଷୟ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ଆହୁରି ଖରାପ ହୁଏ । ପ୍ରକୃତ ପ୍ରଗତି ପାଇଁ ସ୍ଥାୟୀ ସହରାଞ୍ଚଳ ଯୋଜନା ଆବଶ୍ୟକ । ଯେପରିକି ଗଛ କାଟିବା ପରିବର୍ତ୍ତେ ସ୍ଥାନାନ୍ତର ଏବଂ ଭବିଷ୍ୟତ ପିଢ଼ି ପାଇଁ ବାୟୁଗୁଣବତ୍ତା ଏବଂ ପରିବେଶଗତ ସନ୍ତୁଳନ ବଜାୟ ରଖିବା ପାଇଁ ସବୁଜ ସ୍ଥାନକୁ ପ୍ରାଥମିକତା । ଗଛ କାଟିବା ଦ୍ୱାରା ପ୍ରାକୃତିକ ଅମ୍ଳଜାନ ହ୍ରାସ ପାଇଥାଏ । ଯାହା ବିଶ୍ୱ ଉଷ୍ଣତାକୁ ତ୍ୱରାନ୍ୱିତ କରେ । ରାସ୍ତା ନିର୍ମାଣ ପାଇଁ ଗଛ କାଟିବା ଏକ ବିବାଦୀୟ ପ୍ରସଙ୍ଗ । ଯାହା ବିକାଶ ପାଇଁ ପ୍ରଯୁଜ୍ୟ ବୋଲି ବୁଦ୍ଧିଜୀବୀମାନେ ତର୍କ କରନ୍ତି । ସେମାନଙ୍କ ମତରେ ଏହା ପ୍ରଯୁଜ୍ୟ କାରଣ ଉନ୍ନତ ସଂଯୋଗୀକରଣ ଓ ଆର୍ଥିକ ଜୀବନ ଶକ୍ତି ସୁଧାର ପାଇଁ ଏହା ଅପରିହାର୍ଯ୍ୟ । ମାତ୍ର ଏହାଦ୍ୱାରା ହେଉଥିବା ଗୁରୁତ୍ୱପୂର୍ଣ୍ଣ ପରିବେଶଗତ କ୍ଷତି ଏବଂ ଜଳବାୟୁ ପରିବର୍ତ୍ତନକୁ କେହି ଦୃଷ୍ଟି ଦିଅନ୍ତି ନାହିଁ । ରାସ୍ତା ପ୍ରଶସ୍ତୀକରଣ ଯାନବାହନ ଚଳାଚଳ ପାଇଁ, ଲୋକଙ୍କ ଆର୍ଥିକ ଭିତ୍ତିଭୂମି ସୁଦୃଢ଼ ପାଇଁ, ଗମନାଗମନ ଓ ପରିବହନ ପାଇଁ ନିତ୍ୟାନ୍ତ ଆବଶ୍ୟକ । ଏ ଦିଗରେ ରାସ୍ତା ପ୍ରଶସ୍ତୀକରଣ ହେବା ସ୍ୱାଗତଯୋଗ୍ୟ । ରାସ୍ତା ମଧ୍ୟରେ ରହିଥିବା ବିପଦ ସଂକୁଳ ଗଛଗୁଡ଼ିକୁ ଭବିଷ୍ୟତର ବିପଦକୁ ଲକ୍ଷ୍ୟ ରଖି କାଟିବା ମଧ୍ୟ ଅପରିହାର୍ଯ୍ୟ ହେଲେ ବିକାଶକୁ ପ୍ରାଧାନ୍ୟ ଦେଇ ବିନାଶକୁ ଟାଣିଆଣିବା କେତେଦୂର ଯଥାର୍ଥ ! ଆମେ ଆଜି ୨୦୨୬ ମସିହାରେ ପଦାର୍ପଣ କରିଛୁ । ଯାନ୍ତ୍ରିକ ଜ୍ଞାନକୌଶଳରେ ଆମେ ବହୁତ ଆଗକୁ ଆସିଛୁ । ମାତ୍ର ରାସ୍ତା କାମ କିମ୍ବା କୌଣସି ଉନ୍ନତିମୂଳକ ନିର୍ମାଣ କାମ ହେବାବେଳେ ଶହ ଶହ ବର୍ଷର ପୁରୁଣା ଗଛଗୁଡ଼ିକୁ ଆମେ ରକ୍ଷା କରିପାରୁନାହୁଁ କାହିଁକି ? ବିକାଶର ଦ୍ୱାହି ଦେଇ ବିନାଶକୁ ଟାଣିବା କେତେଦୂର ଯଥାର୍ଥ । ଜଳବାୟୁ ପରିବର୍ତ୍ତନ ଫଳରେ ବିଗତ ୧୦ରୁ ୧୫ ବର୍ଷ ମଧ୍ୟରେ ଗ୍ରୀଷ୍ମ ଦିନରେ ତାପମାତ୍ରା ଯଥେଷ୍ଟ ବଢ଼ିଛି । ଚଳିତ ବର୍ଷ ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ଅଧିକ ହେବ ଏବଂ ତାପମାତ୍ରା ୪୩ ଡିଗ୍ରୀରୁ ଅଧିକ ରହିବ ବୋଲି ପ୍ରାକ୍ ଆକଳନ କରାଯାଇଛି । ଏପରି ସ୍ଥଳେ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ଯେଉଁ ଗଛକୁ ରକ୍ଷା କରିହେବ କିମ୍ବା ସ୍ଥାନାନ୍ତର କରିହେବ, ତାହାକୁ ସ୍ଥାନାନ୍ତର କରିବା, ଗଛ ପ୍ରତିରୋପଣ କରିବା ଭଳି କାର୍ଯ୍ୟ କଲେ ହିଁ ଆମେ ସୁରକ୍ଷିତ ହୋଇପାରିବା । ଯେଉଁମାନେ ବିଭିନ୍ନ ରାସ୍ତା ନିର୍ମାଣ, ଗୃହ ନିର୍ମାଣ ଆଦି ଗଛ କାଟି କରୁଛନ୍ତି, କ୍ଷତିପୂରଣ ସ୍ୱରୂପ ଅନ୍ୟ ସ୍ଥାନରେ ପ୍ରତ୍ୟେକ କଟା ଗଛ ପାଇଁ ୨ରୁ ୫ ଗଛ ଲଗାଇବା ଏବଂ ସେଗୁଡ଼ିକର ଯତ୍ନ ନେଇ ନୂତନ ଜଙ୍ଗଲ ସୃଷ୍ଟି କରିପାରିଲେ ଆସନ୍ନ ବିପଦରୁ ଆଗାମୀ ପିଢ଼ି ରକ୍ଷା ପାଇପାରିବ ।

# ୮ ଶହ ବର୍ଷ ପୁରୁଣା ମନ୍ଦିର

ଆଲୋକ ବିହାରୀ ରାୟ

ଭାରତ ବର୍ଷରେ ପୂରାତନ ସମୟରୁ ଲକ୍ଷ ଲକ୍ଷ ମନ୍ଦିର ଅଛି । ଏହି ମନ୍ଦିର ଗୁଡ଼ିକ ମଧ୍ୟରୁ କିଛି ନିର୍ଦ୍ଦିଷ୍ଟ ଦେବତାଙ୍କ ପାଇଁ ସମର୍ପିତ । ପ୍ରତ୍ୟେକ ମନ୍ଦିରର ନିଜସ୍ୱ ଇତିହାସ ଏବଂ ପରଂପରା ଅଛି । କିଛି ମନ୍ଦିରର ପରଂପରା ଏମିତି ଅଛି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେବ । ଏପରି ଏକ ମନ୍ଦିର କର୍ଣ୍ଣାଟକର ହାସନ ଜିଲ୍ଲାରେ ଅବସ୍ଥିତ । ଏହି ମନ୍ଦିରର ନାଁ ହେଉଛି ହସନମ୍ବା ମନ୍ଦିର । ଏହାର ମୁଖ୍ୟ ଦେବତା ହେଉଛନ୍ତି ଆଦି ଶକ୍ତି, ଯାହା ହୋୟସାଲା ଶୈଳୀରେ ନିର୍ମିତ । ଏହା ପ୍ରାୟ ୮ ଶହ ବର୍ଷ ପୂର୍ବେ ୧୨ ବିଂଶ ଶତାବ୍ଦୀରେ ନିର୍ମିତ ହୋଇଥିଲା । ଏହି ମନ୍ଦିରର ବିଶେଷତ୍ୱ ହେଉଛି ଏହା ଭକ୍ତମାନଙ୍କ ପାଇଁ ବର୍ଷକୁ କେବଳ ଥରେ ଖୋଲିଥାଏ, ଯେଉଁ ସମୟ ପାଇଁ ସେମାନେ ଉତ୍ସାହର ସହିତ ଅପେକ୍ଷା କରନ୍ତି । ଯେଉଁ ଦିନ ମନ୍ଦିର ଖୋଲିଥାଏ, ସେଠାରେ ଭକ୍ତଙ୍କ ପ୍ରବଳ ଭିଡ଼ ହୁଏ । ଏହି



ମନ୍ଦିର କେବଳ ଦୀପାବଳିରେ

କଳ୍ପବଟ

ଅକ୍ଟୋବର ମାସରେ ଖୋଲିଥାଏ । ମନ୍ଦିରରେ ଅଛି ଶିବ ଏବଂ ରାବଣଙ୍କ ପ୍ରତିମାଟି - ହସନମ୍ବା ମନ୍ଦିରକୁ ଏକ ପିଂପୁଡ଼ି ଆକାରରେ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଛି । ଆଉ ଏକ ଅନନ୍ୟ ବୈଶିଷ୍ଟ୍ୟ ହେଉଛି ରାବଣର ଦଶ ମୁଣ୍ଡିଆ ପ୍ରତିମା ଯାହା ବୀଣା ବଜାଇଥାଏ । ମନ୍ଦିର ପରିସରରେ ପ୍ରବେଶ କରିବା ପରେ, ଆପଣ ସିଦ୍ଧେଶ୍ୱର ସ୍ୱାମୀଙ୍କୁ ଦେଖିପାରିବେ । ଏଠାରେ, ଶିବଙ୍କୁ ଲିଙ୍ଗ ରୂପରେ ନୁହେଁ ବରଂ ଅର୍ଜୁନଙ୍କୁ ପଶୁପଦାସ୍ତ୍ର ପ୍ରଦାନ କରୁଥିବା ଚିତ୍ରିତ କରାଯାଇଛି । ଦୀପାବଳିରେ ମନ୍ଦିର ଖୋଲିବା ମାତ୍ରେ, ବହୁ ସଂଖ୍ୟକ ଭକ୍ତ ଦର୍ଶନ ପାଇଁ ଆସନ୍ତି । ଏହି ସମୟରେ, ମନ୍ଦିରରେ ଦୁଇ ବସ୍ତା ଚାଉଳ, ପାଣି ଏବଂ ଘିଅ ଦୀପ (ନନ୍ଦ ଦୀପମ୍) ରଖାଯାଏ । ଏହାକୁ ଫୁଲରେ ସଜାଯାଏ ଏବଂ ତା'ପରେ ବନ୍ଦ କରାଯାଏ । ମନ୍ଦିର କେବଳ ଗୋଟିଏ ବର୍ଷ ପରେ ଖୋଲିଥାଏ । ମନ୍ଦିର ଖୋଲିବା ପରେ, ଚାଉଳ ରନ୍ଧା ହୋଇଯାଏ ଏବଂ ସେହି ଦିନ ମଧ୍ୟ ଗରମ ରହିଥାଏ । ଏହା ନଷ୍ଟ ହୁଏ ନାହିଁ । ନନ୍ଦ ଦୀପମ୍‌ରେ ଥିବା ଘିଅ ଗୋଟିଏ ବର୍ଷ ପାଇଁ ଜଳିଥାଏ । ଏହି ବୈଶିଷ୍ଟ୍ୟ ଗୁଡ଼ିକ ଏହି ମନ୍ଦିରକୁ ସ୍ୱତନ୍ତ୍ର କରିଥାଏ । ହସନମ୍ବା ମନ୍ଦିରର କାହାଣୀ... ଥରେ, ସାତ ମାତା, ବ୍ରାହ୍ମୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ବାରକୀ, ଇନ୍ଦ୍ରାଣୀ ଏବଂ ଚାମୁଣ୍ଡି ଦକ୍ଷିଣ ଭାରତ ଆସିଥିଲେ ଏବଂ ହାସନ ନାମକ ଏକ ସ୍ଥାନର ସୌନ୍ଦର୍ଯ୍ୟ ଦେଖି ସେଠାରେ ବାସ କରିବାକୁ ନିଷ୍ପତ୍ତି ନେଇଥିଲେ । ମହେଶ୍ୱରୀ, କୌମାରୀ ଏବଂ ବୈଷ୍ଣବୀ ମନ୍ଦିର ଭିତରେ ପାହାଡ଼ରେ ରହୁଥିଲେ । ବ୍ରାହ୍ମୀ କେଞ୍ଚାମ୍ମା ନାମକ ଏକ ସ୍ଥାନରେ ରହୁଥିଲେ । ଇନ୍ଦ୍ରାଣୀ, ବାରକୀ ଏବଂ ଚାମୁଣ୍ଡି ହୋଣ୍ଡା ନାମକ ଏକ ସ୍ଥାନରେ ଏକ କୂଅରେ ରହୁଥିଲେ । ହସନମ୍ବା ଅର୍ଥ ହେଉଛି ସେହି ମାତା ଯିଏ ହସି ହସି ତାଙ୍କ ଭକ୍ତମାନଙ୍କୁ ସମସ୍ତ ଆଶୀର୍ବାଦ ପ୍ରଦାନ କରନ୍ତି । ବିଶ୍ୱାସ କରାଯାଏ ଯେ ସେ ତାଙ୍କ ଭକ୍ତମାନଙ୍କୁ କ୍ଷତି ପହଂଚାଉଥିବା ଲୋକଙ୍କୁ କଠୋର ଦଣ୍ଡ ଦିଅନ୍ତି । କିମ୍ବଦନ୍ତୀ ଅଛି ଯେ ଥରେ ହସନମ୍ବାଙ୍କ ଜଣେ ଭକ୍ତ ମନ୍ଦିରକୁ ପ୍ରାର୍ଥନା କରିବାକୁ ଆସିଥିଲେ, ସେତେବେଳେ ତାଙ୍କ ଶାଶୁ ତାଙ୍କୁ ପ୍ରବଳ ମାଡ଼ ମାରିଥିଲେ । ଭକ୍ତ ଅନୁରୋଧ କରିବାରୁ ହସନମ୍ବା ଦୟା ଦେଖାଇଲେ । ସେ ତାଙ୍କ ଭକ୍ତଙ୍କୁ ପଥରରେ ପରିଣତ କରି ତାଙ୍କ ପାଖରେ ରଖିଲେ ।

# ପାରଂପାରିକ ଦୋଳ ପର୍ବ

ମନୋରଞ୍ଜନ ମହାନ୍ତି

ଦୋଳଯାତ୍ରା ହେଉଛି ହିନ୍ଦୁ ସଂପ୍ରଦାୟର ଏକ ବିଶିଷ୍ଟ ପର୍ବ । ଏହା ଆଞ୍ଚଳିକ ପର୍ବ ରୂପେ ପାଳିତ ହୁଏ ନାହିଁ । ଭାରତ ବର୍ଷର ବହୁ ଅଞ୍ଚଳରେ ଏହା ପାଳିତ ହେବାର ଦେଖାଯାଏ । ଫାଲ୍‌ଗୁନ ମାସର ପୂର୍ଣ୍ଣିମା ତିଥିରୁ ଦୋଳପର୍ବ ଆରମ୍ଭ ହୁଏ । କେଉଁଠି କେଉଁଠି ଏହା ପାଞ୍ଚଦିନ, ଛଅଦିନ ଅବା ନଅ ଦିନ ଧରି ପାଳିତ ହୋଇଥାଏ । ଏପରିକି କେଉଁଠି ଏହା ସାତଦିନ ବା ଦଶଦିନ ହେବାର ମଧ୍ୟ ବିଧି ରହିଛି । ତେବେ ଫାଲ୍‌ଗୁନ ମାସର ପୂର୍ଣ୍ଣିମା 'ଦୋଳପୂର୍ଣ୍ଣିମା' ରୂପେ ପରିଚିତ ହୋଇଥିଲେ ହେଁ ସେହି ମାସର ଦଶମୀ ତିଥିର ସଂଧ୍ୟାରେ କେଉଁଠି କେଉଁଠି ମଧ୍ୟ ରାଧାକୃଷ୍ଣ ମନ୍ଦିରରୁ ବିଜୟ କରିବାର ପରଂପରା ରହିଆସିଛି । ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ ଶ୍ରଦ୍ଧାଭାଜନା ସ୍ନେହପ୍ରବଣା ଅନୁଗତା ଗୋପୀମାନେ ସେମାନଙ୍କ ପରମ ପ୍ରେମିକ ବିଶ୍ୱଧାରୀ ଶ୍ରୀକୃଷ୍ଣଙ୍କ ସହିତ ଏହି ପୂର୍ଣ୍ଣିମାରେ ରଙ୍ଗରସ ହୋଇଥିଲେ । ବହୁ ଆଗ୍ରହ ଓ ଉତ୍‌କଣ୍ଠାରେ ପରମାରାଧ୍ୟ ଶ୍ରୀକୃଷ୍ଣଙ୍କୁ ସୁବାସିତ ଫୁଲରେ ସଜ୍ଜିତ କରି, ତାଙ୍କ ସହିତ ଦୋଳ ଖେଳିଥିଲେ । ଏହି ଅବସରରେ ତାଙ୍କୁ ଏମାନେ ଅବିର ଦେଇ, ଭକ୍ତି ଓ ସରାଗରେ ଏକାତ୍ମ ହୋଇଯାଇଥିଲେ । ଏପରି ମଗ୍ନ ଭାବରେ, ଭକ୍ତ ଓ ଭଗବାନଙ୍କ ମିଳନ ଉଚ୍ଛ୍ୱାସ ଉକୁଟି ଉଠୁଥାଏ । ସେହି ଯୁଗରୁ ଦୋଳପର୍ବ ଓ ଅବିର ଖେଳ ଫାଲ୍‌ଗୁନ ପୂର୍ଣ୍ଣିମା ତିଥିରେ ଚାଲିଆସିଛି । ବିମାନରେ ରାଧାକୃଷ୍ଣଙ୍କୁ ବସାଇ, ସେହି ବିମାନକୁ ଭକ୍ତମାନେ କାନ୍ଧାଇ, ଦ୍ୱାରଦ୍ୱାର ନିଅନ୍ତି । ଭଗବାନଙ୍କ ଦର୍ଶନ ପାଇଁ ମନ୍ଦିର ଯିବାକୁ ହେଉଥିବା ବେଳେ, ଏହି ଦୋଳ ଅବସରରେ ଭକ୍ତର ଦ୍ୱାର ସମ୍ମୁଖକୁ ଭଗବାନ ଆସି ପହଞ୍ଚନ୍ତି । ଭକ୍ତ ତା'ର ପ୍ରଭୁଙ୍କୁ ଘର ନିକଟରେ ପାଇ କୃତକୃତ୍ୟ ମନେକରେ । କେଡେ ଆଗ୍ରହରେ ଭୋଗ ଅର୍ପଣ କରେ ସତେ ! ଏପରି ଭୋଗ 'ଦ୍ୱାରୀଭୋଗ' ରୂପେ ପରିଚିତ ।

ଦ୍ୱାଦଶ ଶତାବ୍ଦୀରୁ ଏହି ଦୋଳପର୍ବ ଓଡ଼ିଶାରେ ପାଳିତ ହୋଇଆସୁଛି । ଏକ ଉପାଦେୟ ଗ୍ରନ୍ଥ 'ଶତାନନ୍ଦ ସଂଗ୍ରହ'ରେ ଲେଖକ ଜ୍ୟୋତିର୍ବିଜ୍ଞାନୀ ଶ୍ରୀ ଶତାନନ୍ଦ ଆଚାର୍ଯ୍ୟ ଏ ବିଷୟରେ ବହୁ ତଥ୍ୟ ଉପସ୍ଥାପନ କରିଛନ୍ତି । ରାଧାକୃଷ୍ଣଙ୍କୁ ଦୋଳପୂର୍ଣ୍ଣିମାରେ ସ୍ୱତନ୍ତ୍ର ଭାବେ ନିର୍ମିତ ଦୋଳମଣ୍ଡପକୁ ନିଆଯାଏ । ଏହା ମନ୍ଦିରର ଦକ୍ଷିଣ ପୂର୍ବ ଦିଗରେ ନିର୍ମିତ ହୋଇଥାଏ । ବୃନ୍ଦାବନରେ ବ୍ରହ୍ମାଙ୍କ ପରାମର୍ଶ କ୍ରମେ କୃଷ୍ଣଙ୍କ ଦୋଳ ଉତ୍ସବ ପାଇଁ ଗୋଟିଏ ଦୋଳମଣ୍ଡପ ନିର୍ମିତ ହୋଇଥିଲା । ଏହାକୁ ବିଶ୍ୱକର୍ମା ଖୁବ୍ ଉଚ୍ଚତା ସହିତ ଏକ ଶହ ହାତ ଲମ୍ବ ଓ ବହୁ ପ୍ରସ୍ଥ ବିଶିଷ୍ଟ କରିଥିଲେ । ଏ ସଂପର୍କିତ ବିବରଣୀ 'ସପ୍ତଖଣ୍ଡ ହରିବଂଶ' ତୃତୀୟ ଭାଗରେ କବି ଅଚ୍ୟୁତାନନ୍ଦ ଦାସ ଉଲ୍ଲେଖ କରିଛନ୍ତି । "ପରିମାଣ ଅଟେ ତାର ଶହେ ହାତ ସ୍ଥଳୀ, ସାତ ତାଳ ଉଚ୍ଚ ସେ ଯେ ନୁହଇ ତା' କଳି ।" ହିନ୍ଦୁ ପରଂପରାରେ ଦୋଳପର୍ବ ଏକ ବିଶେଷ ଉତ୍ସବ ହୋଇଥିଲେ ହେଁ, ଏହା ସହିତ ଗୋପାଳ ଜାତିକୁ ସ୍ୱତନ୍ତ୍ର ରୂପେ ସଂଲଗ୍ନ କରିଦିଆଯାଇଛି । ଦୋଳପୂର୍ଣ୍ଣିମାରେ ଗୋଜାତିକୁ ପୂଜା ଅର୍ଚ୍ଚନା କରାଯିବାର ଏକ ପରଂପରା ରହିଆସିଛି । ଗୋମାତା ଦୋଳ ପୂର୍ଣ୍ଣିମାରେ ଜନ୍ମଲାଭ କରିଥିବାରୁ ଏବଂ ଗୋପାଳମାନେ ଗୋଜାତିର ରକ୍ଷକ ହୋଇଥିବାରୁ, ଏହି ପୂର୍ଣ୍ଣିମା ହେଉଛି ସେମାନଙ୍କ ପାଇଁ ଏକ ମହୋତ୍ସବର ଦିବସ । ଗୋପପୁରରେ ଏମାନେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହିତ ଏହାକୁ ପାଳନ କରୁଥିବା କବି ଅଚ୍ୟୁତାନନ୍ଦ ଦାସ 'ହରିବଂଶ' ତୃତୀୟ ଭାଗରେ ଲେଖିଛନ୍ତି । ସେ ସମୟରେ ଗୋରୁମାନଙ୍କ ପୂଜା ଅର୍ଚ୍ଚନା ହେଉଥିବାରୁ ଏବଂ ଗୋବନ୍ଦନା ଗାନ କରାଯାଉଥିବା ଦୃଷ୍ଟିରୁ, ଆଜି ବି ଦୋଳପୂର୍ଣ୍ଣିମା ଅବସରରେ ଏହା କରାଯାଉଛି । ଗୋପାଳମାନେ ଏପରି ଗୋ-ପୂଜାରେ ନିଜକୁ ନିୟୋଜିତ କରି ସୌଭାଗ୍ୟବାନ ମନେକରନ୍ତି । ଗୋପାଳ ପରିବାରରେ ଏହା ଏକ ଉଲ୍ଲେଖନୀୟ ଉତ୍ସବ ।

ଦୋଳ-ମେଳଣ ହେଉଛି ଦୋଳପର୍ବର ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ । ପୂର୍ଣ୍ଣିମା ତିଥିରେ ବିଭିନ୍ନ ଦେବ ମନ୍ଦିରରୁ ରାଧାକୃଷ୍ଣଙ୍କୁ ବିମାନରେ ବସାଇ, ସଂକୀର୍ତ୍ତନ ସହିତ ମେଳଣ ସ୍ଥଳକୁ ଅଣାଯାଏ । ଏହା ମେଳଣ ପଡ଼ିଆ ରୂପେ ପରିଚିତ । ଅବିର ଓ ରଙ୍ଗଖେଳରେ ଦୋଳ ଉତ୍ସବ ସମାହିତ ହୋଇଥାଏ । ସାଧାରଣତଃ ଏହି ଅବିର ଓ ରଙ୍ଗକୁ ନେଇ ପରିହାସ ତଥା ଥଟ୍ଟା ତାମସା ହେବାର ପ୍ରଥା ଯୁଗ ଯୁଗଧରି ରହିଆସିଛି । ହୋଲିକା ଶବ୍ଦରୁ 'ହୋଲି' ଆସିଥିବା ଅନୁମାନ କରାଯାଏ । ହିରଣ୍ୟକଶ୍ୟପୁଙ୍କ ଭଉଣୀ ହେଉଛି ହୋଲିକା । ହିରଣ୍ୟକଶ୍ୟପୁଙ୍କ ପୁତ୍ର ପ୍ରହ୍ଲାଦକୁ ନିହତ କରିବା ପାଇଁ ବହୁ ଚକ୍ରାନ୍ତ ପଣ୍ଡ ହେବା ପରେ ସୁଦ୍ଧା, ବିଷ୍ଣୁଙ୍କର ଭକ୍ତ ହୋଇ ସେ ରହିଲା । ଏହାଦ୍ୱାରା ବିଷ୍ଣୁ ଭକ୍ତି ବିରୋଧୀ ପିତା କ୍ଷୁବ୍ଧ ହୋଇ ତାକୁ ନିହତ କରିବା ଲାଗି ଚକ୍ରାନ୍ତ କଲେ । ଏତେବେଳେ ହିରଣ୍ୟକସିପୁଙ୍କ ଭଉଣୀ ହୋଲିକା ପ୍ରହ୍ଲାଦକୁ ମାରିଦେବା ପାଇଁ ଦାୟିତ୍ୱ ନେଲା । ହୋଲିକାକୁ ଅଗ୍ନି ଦାହ କରିପାରିବ ନାହିଁ ବୋଲି ସେ ବହୁପୂର୍ବରୁ ବର ପାଇଥିଲା । ଏହି ଦମ୍ଭରେ ପ୍ରହ୍ଲାଦକୁ ପ୍ରବର୍ତ୍ତାଇ ଜଳନ୍ତା ନିଆଁରେ ତାକୁ ଠିଆ କରାଇବା ସହିତ ନିଜେ ବି ଠିଆହୋଇଗଲା । ମାତ୍ର ଭକ୍ତ ପ୍ରହ୍ଲାଦ ପୋଡ଼ି ଯାଇନଥିବାବେଳେ, ହୋଲିକା ପୋଡ଼ି ଭସ୍ମୀଭୂତ ହୋଇଗଲା । ଫଳରେ ଅନ୍ୟାୟ, ଅନୀତି ଓ ଅବିଚାର ପୃଥିବୀରୁ ଲୋପ ହୋଇଯାଇଥିବା ବିଶ୍ୱାସ ହେଲା । ଏହାକୁ ଆଖିରେ ରଖି ପୂର୍ଣ୍ଣିମାଦିନ ରାତିରେ ଅଗ୍ନି ଉତ୍ସବ ହୋଇଥାଏ । ହିରଣ୍ୟକସ୍ୟୁପଙ୍କ ପରି ଅହଂକାରୀ ରାଜାଙ୍କୁ ଉଚିତ ଶିକ୍ଷା ଦିଆଯିବା ସହିତ ଅମାନୁଷିକତାକୁ ଆୟୁଧ କରିଥିବା ହୋଲିକାକୁ ନିପାତ କରି, ପୃଥିବୀରେ ନ୍ୟାୟ ସତ୍‌ବିଚାର ଓ ମାନବିକତା ପ୍ରତିଷ୍ଠା ପାଇଁ ଏପରି ଅଗ୍ନି ଉତ୍ସବ କରାଯାଇଥାଏ ବୋଲି ପୁରାଣରେ ବର୍ଣ୍ଣିତ ହୋଇଛି । ପରଦିନ ପୂର୍ଣ୍ଣିମାରେ ଆନନ୍ଦ ଓ ଉଲ୍ଲାସର ସହିତ ହୋଲି ପର୍ବ ପାଳନ କରାଯାଉଥିବା ଅନେକଙ୍କର ବିଶ୍ୱାସ ରହିଆସିଛି । ତେବେ ସାଂପ୍ରତିକ ସମାଜରେ ରଙ୍ଗ ଖେଳକୁ ଯେପରି ବିକୃତ କରାଗଲାଣି, ତାର ସାମାଜିକ ପ୍ରାସଙ୍ଗିକତା ଦୁର୍ବଳ ହୋଇପଡୁଥିବା ଲକ୍ଷ୍ୟ କରାଯାଉଛି ।

# ୨୫ ବର୍ଷରେ ଉଇକିପିଡ଼ିଆ: ଏଆଇ ଯୁଗରେ ଓଡ଼ିଆ-ଭାଷାର ସ୍ଥାନ

ଓଡ଼ିଆ-ଭାଷା ସାଢ଼େ ଚାରିକୋଟି ଲୋକଙ୍କର ମୁଖରୁ ନିସୃତ ବାଣୀ । ଏହାର ପ୍ରାଚୀନତାକୁ ପରକ୍ଷୀ ଏହାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା । ଏହି ଓଡ଼ିଆ ଭାଷାକୁ ଭିତ୍ତି କରି ଦେଶ ସ୍ୱାଧୀନ ହେବା ପୂର୍ବରୁ ୧୯୩୬ ମସିହାରେ ଏ ଓଡ଼ିଶା ପ୍ରଦେଶର ଗଠନ ହୋଇଥିଲା, ତଥାପି ଏ ଭାଷା ଆଜି ଅବହେଳିତ, ଅନେକ ସ୍ଥାନରେ ଅଣଦେଖା କରାଯାଉଛି ଆମ ଏ ଭାଷାକୁ । ଏବେକାର ଏକବିଂଶ ଶତାବ୍ଦୀ ହେଉଛି ଇଂଟରନେଟର ଯୁଗ, ଆର୍ଟିଫିସିଆଲ୍ ଇଂଟେଲିଜେନ୍ସର ଯୁଗ, ଯେଉଁଠି ପୃଥିବୀର ଗୋଟିଏ କୋଣରେ ରହି ଆମେ ସମସ୍ତ ତଥ୍ୟ ଇଂଟରନେଟ ଜରିଆରେ ପାଇପାରୁଛନ୍ତି । ଏଆଇ ଜରିଆରେ ମନର ଭାବନାକୁ ଫଟୋ, ଭିଡିଓର ରୂପ ଦେବା ସହିତ ଗୀତ ମଧ୍ୟ ତିଆରି କରିପାରୁଛନ୍ତି । କିନ୍ତୁ ଏହି ଏଆଇ ମଣିଷ ଭଳି ସେତେ ଉନ୍ନତମାନର ନୁହେଁ କି ନିଜେ ସବୁ ଗ୍ରହଣ କରିନେବ । ଇଂଟରନେଟ ଓ ଏଆଇର ଉଦ୍ଭାବନ ମଣିଷ କରିଛି ଓ ମଣିଷ ତା'ର ବିକାଶ କରୁଛି ଏବଂ ସେଥିରେ ଗୋଟିଏ ଗୋଟିଏ ଭାଗ ତା' ସହ ଜଡ଼ିତ ଥିବା ବ୍ୟକ୍ତିବିଶେଷ ତଥା ଗୋଷ୍ଠୀର ଲୋକମାନେ କରୁଛନ୍ତି । ଅଧିକାଂଶ ଏଆଇରେ ସବୁକିଛି ପ୍ରାୟ ଇଂରାଜୀ ଭାଷାରେ ହିଁ ଆସୁଛି, ଏହାର କାରଣ ହେଉଛି ଏହାର ଅକ୍ଷର ସଂଖ୍ୟା । ମାତ୍ର ୨୬ଗୋଟି ଅକ୍ଷରକୁ ନେଇ ଥିବା ଏହି ଭାଷାକୁ ସବୁଜାଗାରେ ବ୍ୟବହାର କରିହେଉଛି, ତେଣୁ କଂପୁଟର ଓ ଇଂଟରନେଟର ଉଦ୍ଭାବନ ବେଳେ ଇଂରାଜୀ ଭାଷାର ପ୍ରାଧାନ୍ୟ ଅଧିକ ଥିଲା ଏବଂ ପରେ ଧୀରେଧୀରେ ଅନ୍ୟ ଭାଷାରେ ମଧ୍ୟ ଉପଲବ୍ଧ ହେଲା ।

କିନ୍ତୁ ଏତେ ପୁରୁଣା ଭାଷା ହୋଇ ମଧ୍ୟ ଓଡ଼ିଆ ଭାଷା ଏବେଯାଏଁ ଏଆଇରେ ସେତେ ମାତ୍ରାରେ ଉପଲବ୍ଧ ହେଉନାହିଁ । ଗୁଗୁଲ୍ ଟ୍ରାନ୍ସଲେଟରରେ ଓଡ଼ିଆ ଅନୁବାଦର ଆପଣ ନିଜେ ଦେଖୁଥିବେ । ଏହାର ସବୁଠାରୁ ବଡ଼ କାରଣ ହେଲା, ଇଂଟରନେଟରେ ବ୍ୟବହୃତ ୟୁନିକୋଡ୍ । ଓଡ଼ିଆ ଭାଷାରେ ଥିବା ଅଧିକାଂଶ ଦସ୍ତାବିଜ ଆକୃତି, ଶ୍ରୀଲିପି ଆଦି ଫଂଟରେ ଲେଖାହୋଇଛି, ତେଣୁ ଇଂଟରନେଟରେ ଖୋଜି ପାଇବାକୁ ହେଲେ ତାହା ୟୁନିକୋଡ୍‌ରେ ଥିବା ନିତ୍ୟାନ୍ତ ଆବଶ୍ୟକ । କିଛିବର୍ଷ ତଳେ ଓଡ଼ିଆରେ ଲେଖିବାକୁ ହେଲେ ସେମିତି କିଛି ସଫ୍‌ଟଓୟାର ମଧ୍ୟ ସହଜରେ ମିଳୁନଥିଲା, କିନ୍ତୁ ଏବେ ପ୍ରାୟ ସବୁ ମୋବାଇଲ, କଂପୁଟର ଆଦିରେ ଓଡ଼ିଆ ଆସୁଛି ଏବଂ ଗୁଗୁଲ୍ ତଥା ମାଇକ୍ରୋସଫ୍‌ଟର ଓଡ଼ିଆ ଟାଇପିଂ ଟୁଲ୍ ଓଡ଼ିଆ ଲିପି ୟୁନିକୋଡ୍‌ରେ ଲେଖିବାରେ ସାହାଯ୍ୟ କରୁଛି ।

ତଥାପି ଇଂଟରନେଟରେ ଅନ୍ୟ ଭାଷାରେ ଥିବା ତଥ୍ୟ ହିସାବରେ ଓଡ଼ିଆର ସ୍ଥାନ ନ୍ୟୁନ । ଜ୍ଞାନ ବାଂଟିଲେ ବଢ଼େ, ତେଣୁ ତାକୁ ଆମେ ନିଜ ମଧ୍ୟ ସୀମିତ ନ ରଖି ସଭିଙ୍କ ପାଖରେ ପହଂଚାଇବା ନିହାତି ଦରକାର । ଫଳରେ ଆମ ଜ୍ଞାନରେ ଆଉ କିଏ ଶିଖିବ ତ' ଆଉ କାହାର ଜ୍ଞାନରେ ଆମ

ସଂଗ୍ରାମ କେଶରୀ ସେନାପତି

ମଧ୍ୟ ଶିଖିବା । ଆଜିର ଦିନରେ ଆମେ ସଭିଏଁ ସମାନ ଏବଂ ସବୁକିଛି ସମସ୍ତଙ୍କ ପାଇଁ ମଧ୍ୟ ସମାନ ହେବା ଦରକାର । ସେଇଥିପାଇଁ ୨୦୦୧ ମସିହାରେ ଜାନୁଆରୀ ୧୫ରେ ଉଇକିପଡ଼ିଆର ପ୍ରତିଷ୍ଠା କରିଥିଲେ ଜିମି ଓ୍ୱେଲ୍ସ, ଯାହାକି ଏକ ଖୋଲା ଜ୍ଞାନକୋଷ ଭାବରେ ଆଜି ସମଗ୍ର ବିଶ୍ୱରେ ଆଦୃତ ହୋଇଛି । ଏଥିରେ ସମସ୍ତେ ତଥ୍ୟ ଯୋଡ଼ି ପାରିବେ ଏବଂ ଏହି ତଥ୍ୟଗୁଡ଼ିକର ସତ୍ତ୍ୱାଧିକାର ମୁକ୍ତ ଭାବରେ ଉପଲବ୍ଧ, ଫଳରେ ଏହାକୁ କେହି ବି ସହଜରେ ବ୍ୟବହାର କରିପାରିବେ । ଉଇକିପଡ଼ିଆରେ ଲେଖୁଥିବା ସମସ୍ତ ସଭ୍ୟ ସ୍ୱେଚ୍ଛାରେ ଯୋଗ ଦେଇଥାନ୍ତି, ତେଣୁ ସଭିଏଁ ନିଜ ଇଚ୍ଛାରେ ଯୋଗଦେଇପାରିବେ । ଇତି ମଧ୍ୟରେ ଉଇକିପିଡ଼ିଆକୁ ୨୫ ବର୍ଷ ପୂରଣ ହୋଇ ସାରିଲାଣି ଏବଂ ଉଇକିପଡ଼ିଆ ଏବେ ୩୦୦ରୁ ଅଧିକ ଭାଷାରେ ମଧ୍ୟ ଉପଲବ୍ଧ । ୨୦୦୨ ଜୁନ ମାସରୁ ଓଡ଼ିଆ-ଭାଷାରେ ମଧ୍ୟ ଉଇକପଡ଼ିଆ ଆରମ୍ଭ ହୋଇଥିଲା । ମାତ୍ର ୨୦୧୧ ଯାଏଁ ସେତେ ଅଧିକ ସକ୍ରିୟ ନଥିଲା । କିନ୍ତୁ ୨୦୧୧ରେ ବାଙ୍ଗାଲୋରରେ ଉଇକିପିଡ଼ିଆର ୧୦ବର୍ଷ ପାଳନ ପରେ କିଛି ଓଡ଼ିଆ ଲୋକ ଏହାକୁ ଲୋକଲୋଚନକୁ ଆଣିବା ପାଇଁ ପ୍ରଚେଷ୍ଟାରେ ଲାଗିପଡ଼ିଲେ ଏବଂ ଧୀରେ ଧୀରେ ଯୋଗଦାନକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା । ଆଜି ଓଡ଼ିଆ ଉଇକିପିଡ଼ିଆରେ ୨୦,୦୦୦ରୁ ଅଧିକ ପ୍ରସଙ୍ଗ ରହିଛି । କିନ୍ତୁ ଅନ୍ୟ ଭାରତୀୟ ଭାଷା ବଙ୍ଗଳା ଓ ତାମିଲରେ ପ୍ରସଙ୍ଗ ସଂଖ୍ୟା ପାଖାପାଖି ୨ ଲକ୍ଷ ଟପିବାକୁ ବସିଲାଣି । ସେ ତୁଳନରେ ଆମ ସ୍ଥାନ କେଉଁଠି ଆପଣ ଅନୁମାନ କରିପାରୁଥିବେ ।

ଅଧିକାଂଶ ଉନ୍ନତମାନର ଏଆଇ ମଡେଲ୍‌କୁ ପ୍ରଶିକ୍ଷଣ ଦେବା ପାଇଁ ଇଂରାଜୀ ଉଇକିପିଡ଼ିଆର ବ୍ୟବହାର କରାଯାଇଛି । ଏହା ମୁକ୍ତ ଭାବରେ ଉପଲବ୍ଧ ହେଉଥିବାରୁ, କୌଣସି କପିରାଇଟ୍ ଭଳି ବିବାଦ ନଥିବାରୁ ସମସ୍ତ ଏଆଇ ଏହାକୁ ଅଧିକ ପ୍ରାଧନ୍ୟ ଦେଉଛନ୍ତି । ଭାବନ୍ତୁ, ଯଦି ଆମ ଓଡ଼ିଆ ଓଡ଼ିଆରେ ସେତେ ପ୍ରସଙ୍ଗ ଥା'ନ୍ତା, କ'ଣ ଏଆଇ ଓଡ଼ିଆରେ ସେମିତି ପ୍ରତ୍ୟୁତ୍ତରର ଦେଉଥାନ୍ତା ? ବୋଧହୁଏ ଉତ୍ତର ଆଉ ଟିକେ ମାର୍ଜିତ ହୋଇଥାନ୍ତା, ଆଉ ଟିକିଏ ପ୍ରସଙ୍ଗଭିତ୍ତିକ ହୋଇଥାନ୍ତା । ଅବଶ୍ୟ ଏ ମଧ୍ୟରେ ଓଡ଼ିଆ ଉଇକିମିଡିଆନ୍ସ ୟୁଜର ଗ୍ରୁପ୍ ଦ୍ୱାରା ଉଇକିଡାଟାରେ ଯୋଡ଼ାଯାଇଥିବା ତଥ୍ୟ, ଉଇକି ଅଭିଧାନରେ ଯୋଡ଼ଯାଇଥିବା ଶବ୍ଦ, ଲିଙ୍ଗୁଆ ଲିବ୍ରେ ଜରିଆରେ ରେକର୍ଡ଼ କରାଯାଇଥିବା ଓଡ଼ିଆ ଶବ୍ଦ ବିଭିନ୍ନ ଓଡ଼ିଆ ଭାଷା-ଭିତ୍ତିକ ମଡେଲ୍ ତିଆରି କରିବାରେ ବ୍ୟବହୃତ ହେଉଛି, କିନ୍ତୁ ତାହା ସମୁଦ୍ରକୁ ଶଙ୍ଖେ ଭଳି । ଓଡ଼ିଆ ଉଇକିପଡ଼ିଆରେ ସକ୍ରିୟ ଥିବା ଉଇକିଆଳୀଙ୍କ ସଂଖ୍ୟା ବହୁତ କମ୍ । ଫଳରେ ଅନ୍ୟ ଭାରତୀୟ ଭାଷା ତୁଳନାରେ ଓଡ଼ିଆ ଉଇକିପଡ଼ିଆର ଅଗ୍ରଗତି ହାର ନୈରାଶ୍ୟ । ଇଂଟରନେଟରେ ଓଡ଼ିଆକୁ ଆଗକୁ ନେବାକୁ ହେଲେ ସଭିଙ୍କୁ ଜଣେ ଜଣଙ୍କର ହାତ ଧରି ଏକଜୁଟ୍ ହୋଇ ଆଗକୁ ବଢ଼ିବାକୁ ହେବ । ଖାଲି ଓଡ଼ିଆ ଭାଷାକୁ ସବୁଥିରେ କାର୍ଯ୍ୟକାରୀ କରିବା ଆମର ଗୋଟିଏ ଲକ୍ଷ୍ୟ ନ ହେବା ଦରକାର, ପରବର୍ତ୍ତୀ ପିଢ଼ି ପାଇଁ ଆମର ଭାଷାର ପ୍ରାଚୀନ ରଚନାବଳୀକୁ ସଂରକ୍ଷଣ କରି ରଖିବା ଦରକାର ।

*(ଉଇକିପିଡ଼ିଆ ସଂପାଦକ, ଭଦ୍ରକ)*

# ଯୋଗ ଆମର ଶରୀର, ମନ ଓ ସ୍ୱାସ୍ଥ୍ୟକୁ ସମ୍ମିଶ୍ରିତ ପ୍ରଭାବିତ କରେ

ଯୋଗ ଆମକୁ ମାନସିକ ଶାନ୍ତି ଦେବାରେ, ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ଏବଂ ଶରୀରକୁ କାର୍ଯ୍ୟକ୍ଷମ କରାଇବାରେ ସହଯୋଗ କରିଥାଏ । ମଣିଷର ଶରୀର, ମସ୍ତିଷ୍କ ଓ ନିଃଶ୍ୱାସର ତାଳମେଳରେ କରାଯାଉଥିବା ଏକ ଅଭ୍ୟାସ, ଯାହା ଆମ ଶରୀରକୁ ନମନୀୟ କରିଥାଏ । ଏଥିସହିତ ଅପରପକ୍ଷେ ବ୍ୟକ୍ତି ନିଜକୁ ଫିଟ୍ ରଖିବା ପାଇଁ ଜିମ୍‌କୁ ଯାଇଥାଏ । ଏହାଦ୍ୱାରା ଶରୀରରୁ ପ୍ରଚୁର ଝାଳ ନିଗିଡ଼େଇବାକୁ ମଧ୍ୟ ପଡ଼ିଥାଏ । ତେବେ 'ୱାର୍କ-ଆଉଟ୍' କରିବା ଆମର ଏକ ଶାରୀରିକ ଅଭ୍ୟାସ ହୋଇଥିବା ବେଳେ, ଯୋଗ ଆମର ଶରୀର, ମନ ଓ ସ୍ୱାସ୍ଥ୍ୟକୁ ସମ୍ମିଶ୍ରିତ ଭାବେ ପ୍ରଭାବିତ କରେ । ଯେକୌଣସି ସମୟରେ ଯୋଗ କରାଯାଇପାରେ । ତେବେ ସୂର୍ଯ୍ୟୋଦୟର ଦୁଇଘଂଟା ପରର ସମୟ ଯୋଗ କରିବା ଅଧିକ ଲାଭପ୍ରଦ । ଖାଦ୍ୟ ଖାଇବାର ତୁରନ୍ତ ପରେ ଯୋଗ କରନ୍ତୁ ନାହିଁ । ଖାଇବାର ୨ରୁ ୪ ଘଂଟା ପୂର୍ବରୁ ଯୋଗ କରିବା ଉଚିତ । ଖୋଲା ଏବଂ ପବନ ଦେଉଥିବା

ସ୍ଥାନ ଯୋଗ ପାଇଁ ସବୁଠୁ ଉପଯୁକ୍ତ । ପବନ ଚଳାଚଳ ହେଉଥିବା ଘରେ ମଧ୍ୟ ଯୋଗ କରିହେବ । ଖୋଲା ପବନର ସଂସ୍ପର୍ଶରେ ଆସିଲେ ମନ ଶାନ୍ତ ରହେ ଓ ଶରୀରକୁ ଉତ୍ତମ ଫଳ ମିଳେ । ଯୋଗ ଆମକୁ ମାନସିକ ଚାପମୁକ୍ତ କରିଥାଏ । ପ୍ରତ୍ୟେକ ଦିନ ଯୋଗ ଶରୀର ପାଇଁ ଔଷଧ ସଦୃଶ । 'ଓଁ' ଉଚ୍ଚାରଣ କରିବା, କପାଳଭାତୀ, ଅନୁଲୋମ ବିଲୋମ, ନାଡ଼ି ଶୋଧନ ଆଦି କରିବାଦ୍ୱାରା ଆମେ ମାନସିକ ଚାପରୁ ମୁକ୍ତି ପାଇପାରିବା । ଯୋଗ କରିବା ପରେ ତୁରନ୍ତ ପାଣି ପିଇବା ନାହିଁ ଓ ସ୍ନାନ କରିବା ନାହିଁ । ଆଧୁନିକ ସମୟରେ ବ୍ୟକ୍ତିର ଜୀବନଚର୍ଯ୍ୟା ଖରାପ ହୋଇଥିବା ବେଳେ ରାତିରେ ଡେରିରେ ଶୋଇବା, ସକାଳୁ ଡେରିରେ ବିଛଣା ଛାଡ଼ିବା ପ୍ରାୟ ପ୍ରତ୍ୟେକ ବ୍ୟକ୍ତିଙ୍କର ଆଜି ଅଭ୍ୟାସଗତ ହୋଇଛି । ତେଣୁ ପ୍ରାୟ ପ୍ରତ୍ୟେକ ଲୋକ ଆଜି ବିଶେଷ କରି ମଧୁମେହ ରୋଗରେ ଆକ୍ରାନ୍ତ । ତେଣୁ ଅନେକ ଅସାଧ୍ୟ ରୋଗର ଔଷଧ ସ୍ୱରୂପ ଯୋଗ କରିବା ଆଜି ଅପରିହାର୍ଯ୍ୟ ।

# ଧୈର୍ଯ୍ୟ ଓ ଏକାଗ୍ରତାର ଶେଷ ସଫଳତା

*ସନ୍ଥ କହିଲେ-ଚାଷୀ ଏବଂ ଚାଷୀ-ପତ୍ନୀଙ୍କ ମଧ୍ୟରେ ଯାହା ତଫାତ୍ ଥିଲା, ତାହା ହେଉଛି ଧୈର୍ଯ୍ୟ । କୌଣସି କାର୍ଯ୍ୟ ଆରମ୍ଭ ସହଜ, ସମାପ୍ତି ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ସେହି କାର୍ଯ୍ୟରେ ମନୋନିବେଶ କରିବା କଷ୍ଟ । ଏଥିପାଇଁ ଧୈର୍ଯ୍ୟ ଓ ଏକାଗ୍ରତା ଆବଶ୍ୟକ । ବାରମ୍ବାର ଧୈର୍ଯ୍ୟହରା ହୋଇ କାର୍ଯ୍ୟ ବଦଳାଇଲେ ସଫଳତା ମିଳେ ନାହିଁ । ବର୍ଷକରେ ଏକାଧିକ ବ୍ୟବସାୟ ନ କରି ଗୋଟିଏ ବ୍ୟବସାୟ କର । ଗ୍ରାହକଙ୍କ ପ୍ରତି ଉତ୍ତମ ବ୍ୟବହାର କର, ସଫଳତା ମିଳିବ ।*

ସନ୍ଥଙ୍କ କୁଟୀରରେ ଜଣେ ବ୍ୟବସାୟୀ ପହଞ୍ଚିଲେ । ତାଙ୍କ ବ୍ୟବସାୟରେ କ୍ରମାଗତ କ୍ଷତି ହେଉଥିଲା । କ୍ଷତିର କାରଣ ଜାଣିବା ଏବଂ ସନ୍ଥଙ୍କ ଠାରୁ କିଛି ପରାମର୍ଶ ନେଇ ପୁଣି ନୂଆ ବ୍ୟବସାୟ ଆରମ୍ଭ କରିବା ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ । ସନ୍ଥଙ୍କୁ ମୁଣ୍ଡିଆ ମାରି ବ୍ୟବସାୟୀ କହିଲେ- ଘରେ ମୋ'ର ବୁଢ଼ା ବାପା, ରୋଗିଣୀ ସ୍ତ୍ରୀ ଓ ପୁଅଟିଏ । ବ୍ୟବସାୟରୁ ଲାଭ ମିଳୁନି, କ୍ଷତି ବଢ଼ିଚାଲିଛି । ସମସ୍ତଙ୍କ ପେଟକୁ ଦାନା ଆଉ ପିଠିକୁ କନା ଯୋଗାଇବାକୁ ମୁଁ ଅକ୍ଷମ । କୃପା କରି କିଛି ଉପାୟ ବତାନ୍ତୁ; ନଚେତ୍ ମୋ' ସଂସାର ଭାସିଯିବ । ସନ୍ଥ ବ୍ୟବସାୟୀଙ୍କୁ ସାନ୍ତ୍ୱନାଦେଇ ତାଙ୍କ ବ୍ୟବସାୟ କହିଲେ- ଗଲା ବର୍ଷେ ହେଲା ତିନି ଚାରି ପ୍ରକାରର ବେପାର କଲେଣି । ଭଲ ଲାଭ ମିଳୁ ନ ଥିବାରୁ ବାରମ୍ବାର ବ୍ୟବସାୟ ବଦଳାଇବାକୁ ପଡୁଛି । ତଥାପି କିଛି ଲାଭ ହେଉନାହିଁ । ଏବେ ମୁଁ ଋଣୀ ସନ୍ଥ କହିଲେ- ଏହାର ସମାଧାନ ଅତି ସହଜ । ମନ ଦେଇ ମୋ' କଥା ଶୁଣ । ଜଣେ ଚାଷୀ ନିଜ ଖେତ ମଝିରେ କୂଅଟିଏ ଖୋଳିବା ଆରମ୍ଭ କଲେ । କିଛି ଫ ଉ ଟ୍ ଖୋଳିବା ପରେ ପାଣି ବାହାରିଲା ନାହିଁ । ନିରୁତ୍ସାହିତ ହୋଇ ଅନ୍ୟତ୍ର ଖୋଳିଲେ । ସେଠାରେ ମଧ୍ୟ ଅବସ୍ଥା ତଦ୍ରୁପ । ଦୁଇ,ତିନି ଜାଗାରେ ଖୋଳି ନୟାନ୍ତ ହେଲେ । ଏଥର କୂଅ ଖୋଳିବା ଦାୟିତ୍ୱ ନେଲେ ଚାଷଇଙ୍କ ପତ୍ନୀ । ଗୋଟିଏ ସ୍ଥାନରେ ଗଭୀରରୁ ବହୁ ଗଭୀର ପର୍ଯ୍ୟନ୍ତ ଖୋଳାଇଲେ । ଦୁଇ, ଦିନ ମଧ୍ୟରେ ପାଣି ବାହାରିଲା । ସନ୍ଥ କହିଲେ-ଚାଷୀ ଏବଂ ଚାଷୀ-ପତ୍ନୀଙ୍କ ମଧ୍ୟରେ ଯାହା ତଫାତ୍ ଥିଲା, ତାହା ହେଉଛି ଧୈର୍ଯ୍ୟ । କୌଣସି କାର୍ଯ୍ୟ ଆରମ୍ଭ ସହଜ, ସମାପ୍ତି ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ସେହି କାର୍ଯ୍ୟରେ ମନୋନିବେଶ କରିବା କଷ୍ଟ । ଏଥିପାଇଁ ଧୈର୍ଯ୍ୟ ଓ ଏକାଗ୍ରତା ଆବଶ୍ୟକ । ବାରମ୍ବାର ଧୈର୍ଯ୍ୟହରା ହୋଇ କାର୍ଯ୍ୟ ବଦଳାଇଲେ ସଫଳତା ମିଳେ ନାହିଁ । ବର୍ଷକରେ ଏକାଧିକ ବ୍ୟବସାୟ ନ କରି ଗୋଟିଏ ବ୍ୟବସାୟ କର । ଗ୍ରାହକଙ୍କ ପ୍ରତି ଉତ୍ତମ ବ୍ୟବହାର କର, ସଫଳତା ମିଳିବ ।

# ଆଧ୍ୟାତ୍ମିକ ଚେତନା

**ନିଜ ଚେତନାକୁ ଜାଗ୍ରତ ରଖିବା ଲାଗି ଆମକୁ ଏହି ମାନବ ଜନ୍ମ ପ୍ରାପ୍ତ ହୋଇଛି । ସର୍ବଦା ଜାଗ୍ରତ ରହିଲେ ଆମେ ଜୀବନରେ ସମସ୍ତ ଉପଲବ୍ଧି ହାସଲ କରିପାରିବା । ଚେତନା ଜାଗ୍ରତ ନ ହେଲେ ଆମେ ନିଜକୁ ଠିକ୍ ଭାବେ ଅନୁଶୀଳନ କରିପାରିବା ନାହିଁ କିମ୍ବା ଈଶ୍ୱରଙ୍କୁ ମଧ ବୁଝି ପାରିବା ନାହିଁ ।**



ଆଧ୍ୟାତ୍ମିକତା ପ୍ରତି ବିମୁଖ ନହୋଇ ସମ୍ପୃକ୍ତ ହେଲେ ଯାଇ ଏହାର ପ୍ରକୃତ ସୁଖ ମିଳିପାରିବ । ଆଧ୍ୟାତ୍ମିକତା ସର୍ବଦା ଚେତନା ଜାଗ୍ରତ କରିବା ପାଇଁ ଆହ୍ୱାନ ଜଣାଇଥାଏ । ନିଜ ଚେତନାକୁ ଜାଗ୍ରତ ରଖିବା ଲାଗି ଆମକୁ ଏହି ମାନବ ଜନ୍ମ ପ୍ରାପ୍ତ ହୋଇଛି । ସର୍ବଦା ଜାଗ୍ରତ ରହିଲେ ଆମେ ଜୀବନରେ ସମସ୍ତ ଉପଲବ୍ଧି ହାସଲ କରିପାରିବା । ଚେତନା ଜାଗ୍ରତ ନ ହେଲେ ଆମେ ନିଜକୁ ଠିକ୍ ଭାବେ ଅନୁଶୀଳନ କରିପାରିବା ନାହିଁ କିମ୍ବା ଈଶ୍ୱରଙ୍କୁ ମଧ ବୁଝି ପାରିବା ନାହିଁ । କଠୋପନିଷଦ୍‌ରେ କୁହାଯାଇଛି ଯେ 'ଉତ୍ତିଷ୍ଠ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ' । ଅର୍ଥାତ୍ ଉଠ, ଜାଗ ଏବଂ ଶ୍ରେଷ୍ଠତା ପ୍ରାପ୍ତ କର । ଏହି ଶ୍ଳୋକକୁ ସ୍ୱାମୀ ବିବେକାନନ୍ଦ ନିଜସ୍ୱ ଢଙ୍ଗରେ ବ୍ୟାଖ୍ୟା କରିଛନ୍ତି । ଏଣୁ ଜାଗ୍ରତ ରହିବା ଜରୁରୀ । କିନ୍ତୁ ଆମେ ଏକ ପ୍ରକାର ନିଦରେ ହଜିଯାଉଛୁ । ଏହା ମୋହ, ମାୟା ଏବଂ ଲୋଭର ନିଦ । କାମ, କ୍ରୋଧ, ମଦ, ଲୋଭ, ମୋହ ଆଦି ଅବଗୁଣକୁ ପରିତ୍ୟାଗ କଲେ ଯାଇ ଆମ ଚେତନା ଜାଗ୍ରତ ହୋଇପାରିବ । ଏହାପରେ ଆତ୍ମାର ସେହି ଦିବ୍ୟ ପ୍ରକାଶକୁ ଦେଖିହେବ । ନିଜ ଭିତରେ ହିଁ ପରମାତ୍ମାଙ୍କ ଅସ୍ତିତ୍ୱକୁ ଅନୁଭବ କରିହେବ । ଆତ୍ମବିଶ୍ୱାସ ଘନିଭୂତ ହେବ ଏବଂ ବ୍ୟକ୍ତି ସଂସାରର କଲ୍ୟାଣ ସାଧିତ କରିପାରିବ । ରାଗ-ଦ୍ୱେଷ, ଆସକ୍ତି ଆଦିକୁ ପରିତ୍ୟାଗ କଲେ ମନୁଷ୍ୟ ଆତ୍ମଉନ୍ମୁଖରୁ ପରମଉନ୍ମୁଖ ହୋଇପାରିବ । ଯେ ସର୍ବଦା ଜାଗି ରହିଥାଏ,ତାକୁ ଆମେ ଜାଗ୍ରତଶୀଳ କହିଥାଉ । ଈଶ୍ୱରଙ୍କ ପ୍ରକାଶ ଖୋଜିବାକୁ ହେଲେ ପ୍ରଥମେ ନିଜ ଭିତରେ ଖୋଜିବାକୁ ହେବ । ଆଧ୍ୟାତ୍ମ ଏବଂ ଯୋଗ ଜ୍ଞାନ ଆମକୁ ଏହି ବାର୍ତ୍ତା ଦେଇଥାଏ ।

# ଘରପୋଡ଼ି କଥା

**ବନ୍ଧୁ ଉପରେ ପ୍ରତିଶୋଧ ଓ ଘରେ ନିଆଁ ଲଗେଇ ଭାଇମାନଙ୍କୁ ପୋଡ଼ି ମାରିବା ଯୋଜନା**

ଦୁର୍ଯ୍ୟୋଧନ କୌଣସି ପ୍ରକାର ହସ୍ତିନାପୁରର ସିଂହାସନ ଅନ୍ୟ କାହା ହାତରେ ଛାଡିବାକୁ ରାଜି ନ ଥିଲେ । ଦୁର୍ଯ୍ୟୋଧନଙ୍କର ଯୁକ୍ତି ଥିଲା ତାଙ୍କ ବାପା ବଡପୁଅ ହୋଇଥିଲେ ବି, ଅନ୍ଧ ବୋଲି ସାନଭାଇ ପଣ୍ଡୁଙ୍କୁ ରାଜଗାଦି ମିଳିଥିଲା । ଏବେ ତାଙ୍କ ବାପା ରାଜା ଓ ତାଙ୍କ ବଡ ପୁଅ ଅନ୍ଧ ନୁହନ୍ତି । ତେଣୁ ଧୃତରାଷ୍ଟ୍ରଙ୍କ ପୁଅ ଭାବରେ ସେ ହିଁ ହସ୍ତିନାପୁରର ପରବର୍ତ୍ତୀ ରାଜା ହେବା କଥା । ସେପଟେ କିନ୍ତୁ ରାଜ ଦରବାରରେ ବୟୋଜ୍ୟେଷ୍ଠ ହିତାକାଂକ୍ଷୀମାନେ ରାଜା ଧୃତରାଷ୍ଟ୍ରଙ୍କୁ ଉପଦେଶ ଦେଉଥିଲେ, ବଂଶର ବଡ ପୁଅ ଧାର୍ମିକ ଯୁଧିଷ୍ଠିରଙ୍କର ଏବେ ରାଜାଭିଷେକ କରାଯାଉ । ଦେଶର ପ୍ରଜାମାନେ ବି ଯୁଧିଷ୍ଠିରଙ୍କୁ ସେମାନଙ୍କ ପରବର୍ତ୍ତୀ ରାଜା ଭାବରେ ଦେଖିବାକୁ ଚାହୁଁଥାନ୍ତି । ଦିନେ ପାଖରେ କେହିନଥିବା ବେଳେ ଧୃତରାଷ୍ଟ୍ରଙ୍କ ପାଖରେ ଦୁର୍ଯ୍ୟୋଧନ ପହଞ୍ଚିଲେ । ପଚାରିଲେ ସେ କ'ଣ ପାଣ୍ଡବମାନଙ୍କ ହାତରେ ସିଂହାସନ ଟେକିଦେବାକୁ ମନସ୍ଥ କରିଛନ୍ତି କି ? ଏମିତି ଯଦି ହୁଏ ତେବେ ପାଣ୍ଡବମାନେ ଆମ ଶହେ ଭାଇଙ୍କୁ ବହୁତ ହଇରାଣ କରିବେ । ଦୁର୍ଯ୍ୟୋଧନଙ୍କ କଥା ଶୁଣି ପୁତ୍ର ପ୍ରେମରେ ଅନ୍ଧ ଧୃତରାଷ୍ଟ୍ର କହିଲେ ବାପ, ଏମିତି କ'ଣ ହେଇପାରିବ ? ତୋର ଏ ପ୍ରସ୍ତାବକୁ ଭୀଷ୍ମ, ବିଦୁର, କୃପ, ଦ୍ରୋଣ ଓ ଅନ୍ୟ ମନ୍ତ୍ରୀ, ଅମାତ୍ୟମାନେ ନିଶ୍ଚୟ ବିରୋଧ କରିବେ । ତୁ ଧର୍ମର ରାସ୍ତା କଥା କହୁନୁ । ସେମାନେ ସମସ୍ତେ ଜାଣନ୍ତି, ଧର୍ମ ପଥରେ ସଦା ଚାଲୁଥିବା ପଣ୍ଡୁ, ହସ୍ତିନାର ରାଜା ଥିବା ସମୟରେ ମୋ ପ୍ରତି ଓ ଆମ ପରିବାର ପ୍ରତି ତା'ର କେତେ ସମ୍ମାନ ଓ ଭଲପାଇବା ଥିଲା । ପରିବାରର ବଡ ପୁଅ ଭାବରେ ପଣ୍ଡୁ ପୁତ୍ର ହିଁ ରାଜା ହେବା କଥା । ଯଦିଓ ହୃଦୟ ଭିତରେ ମୁଁ ଚାହେଁ ତୁ ମୋ ପରେ ରାଜ ସିଂହାସନ ଆରୋହଣ କର । ଧୃତରାଷ୍ଟ୍ରଙ୍କ ଅନ୍ତର କଥା ଜାଣି ସାରିଲା ପରେ ଦୁର୍ଯ୍ୟୋଧନ ଓ ଶକୁନି ତାଙ୍କ କାମରେ ଲାଗିପଡିଲେ । ସେମାନେ ଏଥର ବହୁତ ବଡ ଗୋଟେ ଯୋଜନାକୁ ଫଳବତୀ କରିବାକୁ ଜାଲ ବିଛାଇବା ଆରମ୍ଭ କଲେ । ଦୁର୍ଯ୍ୟୋଧନ ପ୍ରଥମେ ଦ୍ରୋଣଙ୍କ ପୁଅ ଅଶ୍ୱତ୍ଥମାଙ୍କୁ ନିଜ ପଟକୁ ଆଣିଲେ । ଦୁର୍ଯ୍ୟୋଧନ ସ୍ଥିର ନିଶ୍ଚିନ୍ତ ଥିଲେ ଅଶ୍ୱତ୍ଥମା ତାଙ୍କୁ ସମର୍ଥନ କଲେ ତାଙ୍କ ବାପା ଦ୍ରୋଣ ଓ ମାମୁଁ କୃପ ତାଙ୍କୁ ବିରୋଧ କରିବେନାହିଁ । ତାପରେ କିଛି ଅମାତ୍ୟମାନଙ୍କୁ ଅର୍ଥ ଓ ଭୟ ଦେଖାଇ ବଶ କରାଗଲା । ଯୋଜନା କରି ପାଣ୍ଡବମାନଙ୍କୁ ହସ୍ତିନାପୁରରୁ ଦୂରକୁ ପଠେଇବାକୁ କିଛି ଅମାତ୍ୟଙ୍କ ମୁହଁରେ ବାରବାର ବାରଣାବତ ନଗର ବିଷୟରେ କୁହାଗଲା । ଯେମିତି ବାରଣାବତ ନଗର ପାଣ୍ଡବମାନଙ୍କ ଦୃଷ୍ଟି ଆକର୍ଷଣ କରିବ । ବାରବାର ବାରଣାବତ ନଗର ବିଷୟରେ ଶୁଣି ଦିନେ ପାଣ୍ଡବ ଭାଇମାନେ ସାଙ୍ଗରେ ମା କୁନ୍ତିଙ୍କୁ ଧରି ସେଠାକୁ ବୁଲିଯିବାକୁ ବାହାରିଲେ । ବାହାରିଲା ବେଳକୁ ବିଦୁର ପହଞ୍ଚି ଯୁଧିଷ୍ଠିରଙ୍କୁ କହିଲେ ଅନ୍ଧ ଲୋକର ଦିଗ ଜ୍ଞାନ କିଛି ନଥାଏ । ତେଣୁ ସେ ବାଟ କ'ଣ ଜାଣିପାରେନି ଓ କେଉଁ ଦିଗରେ ଦେଶକୁ ନବ ବୁଝିପାରେନି । ମନେରଖ କେବଳ ଖଣ୍ଡା, ଧନୁ କି ଗଦାକୁ ଅସ୍ତ୍ର ଭାବିବନି । ଅନେକ ପ୍ରକାରର ଅସ୍ତ୍ର ଅଛି । କିଛି ଅଦୃଶ୍ୟ ଅସ୍ତ୍ର ବି ଅଛି । ମୋର ଏତିକି ଉପଦେଶ ବାହାର ଯାଗାରେ ସବୁବେଳେ ଆଖି କାନ ଖୋଲା ରଖିଥିବ ଓ ସତର୍କ ରହିଥିବ । **ପୁନଶ୍ଚ...**



# ସବୁଠାରୁ ବଡ଼ ପୁଣ୍ୟ

ଜଣେ ରାଜା ବହୁତ୍ ବଡ଼ ପ୍ରଜାପାଳକ ଥିଲେ । ପ୍ରଜାଙ୍କ ହିତରେ ଯତ୍ନଶୀଳ ଥିଲେ । ଦିନେ ସକାଳ ସମୟରେ ରାଜା ବନରେ ଭ୍ରମଣ କରିବା ପାଇଁ ଯାଉଥିବା ବେଳେ ଦେବଙ୍କ ଦର୍ଶନ ହେଲା । ରାଜା ଦେବଙ୍କୁ ପ୍ରଣାମ କରି ତାଙ୍କ ଅଭିନନ୍ଦନ ଜଣାଇଲେ ଏବଂ ଦେବଙ୍କ ହାତରେ ଏକ ପୁସ୍ତକ ଦେଖି ତାଙ୍କୁ ପଚାରିଲେ ମହାରାଜ, ଆପଣଙ୍କ ହାତରେ ଇଏ କ'ଣ । ଦେବତା କହିଲେ ରାଜା ! ଏହା ମୋର ଖାତା ଅଟେ, ଯେଉଁଥିରେ ସବୁ ଭଜନକାରୀଙ୍କ ନାମ ଲେଖାଅଛି । ରାଜା ଉତ୍ସୁକତା ସହ ପଚାରିଲେ ଦୟାକରି ଦେଖନ୍ତୁ, ଏହି ଖାତାରେ ମୋର ନାମ ଅଛି କି ନାହିଁ ? ଦେବତା ମହାରରାଜ ଏହି ଖାତାର ଗୋଟିଏ ଗୋଟିଏ ପୃଷ୍ଠା ଓଲଟାଇ ଦେଖନ୍ତି ତ ତାଙ୍କ ନାମ କେଉଁଠାରେ ମିଳିଲା ନାହିଁ । ରାଜା ଦେବତାଙ୍କ ଚିନ୍ତନ ଦେଖି ପଚାରିଲେ ଦେବତା ମହାରାଜ ! ଆପଣ ଚିନ୍ତିତ ହୁଅନ୍ତୁ ନାହିଁ, ରାଜା କହିଲେ ବାସ୍ତବରେ ମୋର ଦୁର୍ଭାଗ୍ୟ ଅଟେ କି ମୁଁ ଭଜନ-କୀର୍ତ୍ତନ ପାଇଁ ସମୟ ବାହାର କରିପାରୁ ନାହିଁ ଏବଂ ସେଥିପାଇଁ ଏହି ତାଲିକାରେ ମୋର ନାମ ତାଲିକାଭୁକ୍ତ ହୋଇନାହିଁ । ଏହିଦିନଠାରୁ ରାଜାଙ୍କ ମନରେ ଆତ୍ମଗ୍ଳାନି ଉତ୍ପନ୍ନ ହେଲା । ଦେବ ମହାରାଜ କହିଲେ ରାଜା ଖୁସାମଦ ବଦଳରେ ଭଗବାନଙ୍କୁ ଭକ୍ତି କର । ସଚ୍ଚା ଭକ୍ତ ସିଏ ହୋଇଥାଏ ଯିଏ ପରୋପକାର କରେ । ଅନାଥ, ବିଧବା, କିଷାନ, ନିର୍ଦ୍ଧନା, ଅସହାୟ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରିବା ହିଁ ହିଁ ପରମ ଭକ୍ତି ଅଟେ । ଦୁନିଆରେ ଏହା ସବୁଠାରୁ ବଡ଼ ପୁଣ୍ୟ ଅଟେ ।



# ମଣିଷର ପ୍ରଥମ ମାନସିକ ଦୋଷ ହେଉଛି ଅତ୍ୟଧିକ ଚଞ୍ଚଳତା

**ମନରେ ଯଦି କିଛି ଖରାପ ଭାବନା ଥାଏ, ଏହାକୁ ଦୂର କଲେ ହିଁ ବ୍ୟକ୍ତି ନିଜର କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନା କରିପାରିବ । ମଣିଷର ପ୍ରଥମ ମାନସିକ ଦୋଷ ହେଉଛି ଅତ୍ୟଧିକ ଚଞ୍ଚଳତା ।**



ଯେମିତି ଜ୍ଞାନ, ଆସନ ଓ ବ୍ୟାୟାମ ବିନା ମାନବ ଶରୀରରେ ପୂର୍ଣ୍ଣତା ଆସେନା । ଠିକ୍ ସେମିତି ମାନସିକ କାର୍ଯ୍ୟରେ ପୂର୍ଣ୍ଣତା ଆସିବା ପାଇଁ ମାନସିକ ଯୋଗ ଓ ବ୍ୟାୟାମର ଆବଶ୍ୟକତା ରହିଛି । ମଣିଷ ଭିତରେ ଅସୀମ ଶାରୀରିକ ଶକ୍ତି ରହିଥିବା ସତ୍ତ୍ୱେ ମନର ସ୍ୱରୂପ ବିକଶିତ ହୋଇନଥିଲେ ତାକୁ ପୂର୍ଣ୍ଣ ମଣିଷ କୁହାଯାଇ ପାରିବନାହିଁ । ଆପଣଙ୍କ ମନରେ କ'ଣ କେବେ ହାନିକାରକ ଚିନ୍ତା ଉତ୍ପନ୍ନ ହୁଏ ? ଏମିତି ବିଚାର ଠାରୁ ଦୂରେଇ ରହିବା ପାଇଁ ଅନ୍ତରକୁ ଶୁଦ୍ଧ କରିବା ଜରୁରୀ । ନିଜର ମନକୁ ସ୍ୱଚ୍ଛ ରଖିବା ଆବଶ୍ୟକ । ସମସ୍ତ ରୋଗ, ଶୋକ, ଦୁଃଖ ଓ ନିରାଶା ଆଦି ବିଚାର ମାନସିକତାରେ ବିଷର ଜୀବାଣୁ ଉତ୍ପନ୍ନ କରିଥାଏ । ତେଣୁ ଏସବୁଠାରୁ ଯଥାସମ୍ଭବ ଦୂରେଇ ରହିବାକୁ ପ୍ରୟାସ ଜାରି ରଖିବା ଦରକାର । ମନରେ ଯଦି କିଛି ଖରାପ ଭାବନା ଥାଏ, ଏହାକୁ ଦୂର କଲେ ହିଁ ବ୍ୟକ୍ତି ନିଜର କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନା କରିପାରିବ । ମଣିଷର ପ୍ରଥମ ମାନସିକ ଦୋଷ ହେଉଛି ଅତ୍ୟଧିକ ଚଞ୍ଚଳତା । ସ୍ୱଭାବତଃ, ମନ ଚଞ୍ଚଳ ରହିବା ଠିକ୍, କିନ୍ତୁ ପ୍ରଜାପତି ପରି ଗୋଟିଏ ଫୁଲରୁ ଆଉ ଗୋଟିଏ ଫୁଲକୁ ଉଡ଼ିବୁଲିବା ଆଦୌ ଉଚିତ ନୁହେଁ । କୌଣସି ଗୋଟିଏ ବିଶେଷ ବିଚାର ବା ଭାବନାକୁ ଧରି ନିଅନ୍ତୁ । ଭାବନାଟି ଯେତେ ବି ଶ୍ରେଷ୍ଠ ହେଇଥାଉନା କାହିଁକି ଯଦି ତା' ଉପରେ ମନକୁ ସମ୍ପୂର୍ଣ୍ଣ ଭାବେ ଧ୍ୟାନକେନ୍ଦ୍ରିତ କରିବେ, ତେବେ ଆପଣ ତାକୁ କରାୟତ୍ତ ନିଶ୍ଚୟ କରିପାରିବେ । ପ୍ରଥମେ ପ୍ରଥମେ ମନ ବିଚଳିତ ହେବ, ଏହି ସମୟରେ ମନକୁ ବାନ୍ଧି ରଖିବାକୁ ଚେଷ୍ଟା କରନ୍ତୁ । ଏହାଦ୍ୱାରା ସଂଯମ ବଢ଼ିବା ସହ ନିଜ ଭିତରେ ଦୃଢ଼ତା ଆସିଥାଏ । ମନନ ମନ ପାଇଁ ଶ୍ରେଷ୍ଠ ଯୋଗ । ଆପଣ ସାରା ଦିନ କେତେ ପ୍ରକାରର ମନନ ଓ ଚିନ୍ତନ କରିଥାନ୍ତି ? ଆମେ ଭିନ୍ନ ଭିନ୍ନ ବୃତ୍ତି ଓ ଭାବନାରେ ଦିନ ବିତାଇଥାଉ । ନିଜକୁ ଦୃଷ୍ଟାନ୍ତ ଭାବେ ନେଇ ପରୀକ୍ଷା କରି ଦେଖନ୍ତୁ । ଶାସ୍ତ୍ର ଅନୁସାରେ, ଯେଉଁ ମଣିଷ ନିଜ ଭିତରେ ତୁଚ୍ଛ ବିଚାର ରଖିଥାଏ, ସେ ଭୟଙ୍କର ମାନସିକ ରୋଗରେ ପୀଡ଼ିତ ହୁଏ । ତେଣୁ ନିଜ ଭିତରେ ତୁଚ୍ଛ ଭାବନା ପରିବର୍ତ୍ତେ ମନରେ କୌଣସି ଏକ ଉଚ୍ଚ ବିଚାର ରଖି ସେଥିରେ ନିମଗ୍ନ ରହିବା ଉଚିତ । ଉଚ୍ଚ ବିଚାର ରଖିବା ଦ୍ୱାରା ଆମ ଭିତରୁ ଦ୍ୱେଷ, ଘୃଣା ଓ ଈର୍ଷା ଆଦିର ଉତ୍ପନ୍ନ ହୋଇନଥାଏ । ମନକୁ ନୀରୋଗ ରଖିବା ପାଇଁ ନିଜ ଭିତରେ ଥିବା ଈଶ୍ୱର ତତ୍ତ୍ୱକୁ ବିକଶିତ କରିବା ଆବଶ୍ୟକ । ଯାହାଫଳରେ ମନର ପ୍ରତ୍ୟେକ ଅଣୁ ଈଶ୍ୱରୀୟ ତତ୍ତ୍ୱ ଦ୍ୱାରା ଅନୁପ୍ରାଣିତ ହୋଇଥାଏ । ଈଶ୍ୱରଙ୍କ ପ୍ରଦତ୍ତ ଏହି ମାର୍ଗକୁ ଅବରୋଧ କରିବା ଅନୁଚିତ ।

## ନିଃସ୍ୱାର୍ଥ ତପସ୍ୟା

ଜଣେ ଋଷି ତପସ୍ୟାରତ ଥିଲେ । ବର୍ଷ ପରେ ବର୍ଷ ବିତିଯିବା ପରେ ମଧ ତପସ୍ୱୀ ଜଣକ ନିରବିଚ୍ଛିନ୍ନ ଭାବେ ତପ କରିଚାଲିଥିଲେ । ତପସ୍ୟାର ପୁଣ୍ୟରୁ ଧୀରେ ଧୀରେ ତାଙ୍କ ଶରୀର ପରିଷ୍କୃତ ହେଲା, ଚିତ୍ତ ଶୁଦ୍ଧ ହେବାରେ ଲାଗିଲା । ସେହି ଋଷିଙ୍କ ଅନ୍ତଃକରଣରେ ସତ୍ତ୍ୱଗୁଣ ବିରାଜମାନ କରିବା ସହ ଏହାର ପ୍ରଭାବ ବୃଦ୍ଧି ପାଇଲା । ଧୀରେ ଧୀରେ ଋଷିଙ୍କ ତପଶକ୍ତିର ପ୍ରଭାବ ସ୍ୱର୍ଗଲୋକରେ ପହଞ୍ଚିଲା । ଦେବରାଜ ଇନ୍ଦ୍ର ଚିନ୍ତିତ ହୋଇପଡ଼ିଲେ । ସେ ନିଜ ଅଧିକାର କ୍ଷେତ୍ର ହରାଇବା ଭୟରେ ଶଙ୍କାଗ୍ରସ୍ତ ହୋଇପଡ଼ିଲେ । ସେହି ଋଷିଙ୍କ ସମ୍ମୁଖରେ ପ୍ରକଟ ହୋଇ ଦେବରାଜ ତାଙ୍କୁ ନିବେଦନ କଲେ 'ହେ ଋଷିବର ଆପଣଙ୍କ ତପସ୍ୟାର ତୀବ୍ରତା ଅଳ୍ପ ହ୍ରାସ କରନ୍ତୁ । ଆପଣଙ୍କ ପୁଣ୍ୟବଳ ବଢ଼ିଗଲେ ମୋ ପଦବୀ ଆପଣଙ୍କ ନିକଟକୁ ଚାଲିଯାଇପାରେ । ଋଷି ଜଣକ ସ୍ମିତ ହସି କହିଲେ 'ଦେବରାଜ ! ମୋ ତପସ୍ୟାର ଉଦ୍ଦେଶ୍ୟ ବ୍ୟକ୍ତିତ୍ୱକୁ ସ୍ୱଚ୍ଛ କରିବା ଏବଂ ପରମାତ୍ମାଙ୍କର ଆହୁରି ନିକଟତର ହେବା । କୌଣସି ପଦବୀ ଆଶାରେ ମୁଁ ଏହି ତପସ୍ୟା କରୁନାହିଁ । ଆପଣ ନିଶ୍ଚିନ୍ତ ହୋଇ ନିଜ ରାଜ୍ୟ ଶାସନ ଜାରି ରଖନ୍ତୁ । ସିଦ୍ଧି ପ୍ରାପ୍ତି ନୁହେଁ, ବରଂ ଧର୍ମନିଷ୍ଠ ଜୀବନଶୈଳୀ ପାଳନ ଉଦ୍ଦେଶ୍ୟରେ ତପସ୍ୟା କରାଯିବା ଉଚିତ ।

# ହାଇ ବ୍ଲଡ୍‌ପ୍ରେସର

ବର୍ତ୍ତମାନ ସମୟରେ ଲୋକମାନଙ୍କ ପାଇଁ ହାଇ ବ୍ଲଡ୍ ପ୍ରେସର ଏକ ବହୁତ ବଡ଼ ସମସ୍ୟା ପାଲଟିଛି । ଯଦି ଏହା ସମୟ ସମୟରେ ଚିକିତ୍ସା କରା ନ ଯାଏ, ତେବେ ଏହା ହୃଦ୍‌ଘାତ ଏବଂ କିଡନୀ ସମ୍ବନ୍ଧୀୟ ସମସ୍ୟା ଭଳି ଅନେକ ଗୁରୁତର ରୋଗ ସୃଷ୍ଟି କରିପାରେ । ତେଣୁ ବଢୁଥିବା ରକ୍ତଚାପକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ ଜରୁରୀ । ସାଧାରଣତଃ ଲୋକମାନେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଔଷଧ ଉପରେ ନିର୍ଭର ହୋଇଥାନ୍ତି । କିନ୍ତୁ ଜାଣନ୍ତି କି, ଔଷଧ ବ୍ୟତୀତ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ଉପଯୁକ୍ତ ଖାଦ୍ୟ ମଧ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ବିଶେଷଜ୍ଞଙ୍କ ଅନୁଯାୟୀ, ନିତିଦିନ ଖାଦ୍ୟରେ କିଛି ବିଶେଷ ଖାଦ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ କରି ଆପଣ ହାଇବିପି ସମସ୍ୟାରୁ ମୁକ୍ତି ପାଇପାରିବେ । **ବିଟ୍‌ରୁଟ୍ :** ହାଇ ବ୍ଲଡ୍ ପ୍ରେସର ନିୟନ୍ତ୍ରଣ କରିବାରେ ବିଟ୍‌ରୁଟ୍ ବିଶେଷ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ । ଏଥିରେ ଥିବା ପୁଷ୍ଟିକର ଉପାଦାନଗୁଡ଼ିକ ବ୍ଲଡ୍ ଭେସଲ୍ସ ଖୋଲିବାରେ ସାହାଯ୍ୟ କରିଥାଏ , ଯାହା ଦ୍ୱାରା ରକ୍ତ ପ୍ରବାହରେ ଉନ୍ନତି ହୋଇଥାଏ ଏବଂ ରକ୍ତ ଚାପକୁ ହ୍ରାସ କରିଥାଏ ।

**ସବୁଜ ପନିପରିବା:** ସବୁଜ ପନିପରିବା ଆମ ଖାଦ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହା କେବଳ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ ନାହିଁ ବରଂ ହାଇ ବ୍ଲଡ୍ ପ୍ରେସର ଭଳି ସମସ୍ୟାକୁ ନିୟନ୍ତ୍ରଣ କରିବାରେ ମଧ ବିଶେଷ ସହାୟକ ହୋଇଥାଏ । ପାଳଙ୍ଗ ପରି ପତ୍ରଯୁକ୍ତ ସବୁଜ ପନିପରିବା ପୋଟାସିୟମ୍, ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର , ଯାହା ଶରୀରରେ ରକ୍ତ ଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । **ରସୁଣ:** କଞ୍ଚା ରସୁଣ, ଯାହା ସାଧାରଣତଃ ଏହାର ଔଷଧୀୟ ଗୁଣ ପାଇଁ ଜଣାଶୁଣା । ଏଥିରେ ଥିବା ଅନେକ ବିଶେଷ ତତ୍ତ୍ୱ ମାଂସପେଶୀକୁ ଆରାମ ଦେବା ସହ ବ୍ଲଡ୍ ଭେସଲ୍ସକୁ ପ୍ରସାର ହେବାରେ ସାହାଯ୍ୟ କରିଥାଏ ।

# ଅବହେଳିତ ଅବସ୍ଥାରେ ଭଏଁରା ଘୁମର ଜଳପ୍ରପାତ

ଝରିଗାଁ: ନବରଙ୍ଗପୁରଜିଲ୍ଲା ଝରିଗାଁ ବ୍ଲକରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। କିଛି ପର୍ଯ୍ୟଟନସ୍ଥଳୀ ଲୋକଲୋଚନକୁ ଆସିଥିବା ବେଳେ ଆଉ କିଛି ଲୁକ୍କାୟିତ ଅବସ୍ଥାରେ ରହିଛି। କିନ୍ତୁ ଲୋକଲୋଚନକୁ ଆସିଥିବା ପର୍ଯ୍ୟଟନସ୍ଥଳୀଗୁଡିକର ବିକାଶ ନିମନ୍ତେ ପ୍ରଶାସନ ତରଫରୁ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସରକାରଙ୍କ ଅଣଦେଖା ଯୋଗୁଁ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ ଅବହେଳିତ ଅବସ୍ଥାରେ ପଡି ରହିଛି ଭଏଁରା ଘୁମର ଜଳପ୍ରପାତ। ଝରିଗାଁ ବ୍ଲକ ଚକଲାପଦର ପଂଚାୟତ ଅନ୍ତର୍ଗତ ବାହାର କରମରି ଗ୍ରାମ ଠାରୁ ୨ କିଲୋମିଟର ଦୂର ଯିବା ପରେ ଡାହାଣ ପାର୍ଶ୍ୱରେ ୩ କିଲୋମିଟର ପାଦଚଲା ରାସ୍ତା ଯିବା ପରେ ପଡିଥାଏ ଭଏଁରା ଘୁମର ଜଳପ୍ରପାତ। ଏହି ରାସ୍ତା ଦେଇ ଯିବା ସମୟରେ ଝରିଗାଁ ବ୍ଲକର ସହାଜଖଲ, ନୂଆପଡା, ବୁଡିସାହି ଓ ଚାନ୍ଦାହାଣ୍ଡି ବ୍ଲକର ଘୁମରମୁଣ୍ଡି ଗ୍ରାମ ପଡିଥାଏ। ଜଳପ୍ରପାତକୁ ଯିବା ସମୟରେ ପର୍ଯ୍ୟଟକଙ୍କୁ ପାହାଡ଼ିଆ ରାସ୍ତା, ଜଙ୍ଗଲ ଓ ଦୁଇଟି ଛୋଟ ଛୋଟ ଝରଣା ପାର ହେବାକୁ ପଡିଥାଏ। ଏଥିଯୋଗୁଁ ପର୍ଯ୍ୟଟକମାନେ ହଇରାଣ ହୋଇଥାନ୍ତି। ଘୁମରମୁଣ୍ଡି ଗ୍ରାମ ପହଂଚିବା ପରେ

ସେଠାରୁ ଦୁଇ ଶହ ମିଟର ଦୂରରେ ପଡ଼ିଥାଏ ଭଏଁରା ଘୁମର ଜଳପ୍ରପାତ। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଥାଏ। ଚାରିପଟ ଘଂଚ ଜଙ୍ଗଲ ସାଙ୍ଗକୁ ଏକ ବିରାଟ ପଥର ଦେଇ ପ୍ରାୟ ୮ଶହ ଫୁଟ ତଳେ ପାଣି ପଡୁଛି। ଏହି ପାଣି ଚନ୍ଦାହାଣ୍ଡି ବ୍ଲକର କୁହୁଡି ଗ୍ରାମକୁ ଯାଉଛି। ପାହାଡ଼ ଉପରୁ ଦେଖିଲେ କୁହୁଡି ଗ୍ରାମ ଅତି ମନୋରମ ଦେଖାଯାଇଥାଏ। ଏଠାରେ ଛୋଟ ଛୋଟ ଜଳ ପ୍ରପାତ ମଧ୍ୟ ରହିଛି। ବିଶେଷ କରି ଏଠାରେ ସନ୍ଧ୍ୟା ସମୟର ଦୃଶ୍ୟ ଅତି ମନୋରମ। ପାହାଡ଼ରୁ ଖସିଆସୁଥିବା ପାଣି ଉପରେ ଅସ୍ତଗାମୀ ସୂର୍ଯ୍ୟ କିରଣ ପଡ଼ି ଇନ୍ଦ୍ରଧନୁର ଭ୍ରମ ସୃଷ୍ଟି କରିଥାଏ। ଶୀତଋତୁ ଆସିଲେ ଏଠାରେ ଆଖପାଖ ତଥା ଝରିଗାଁ ବ୍ଲକର କିଛି ଲୋକେ ବଣଭୋଜି କରିଥାନ୍ତି। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ରମଣୀୟ ହୋଇଥିଲେ ହେଁ ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉନି। ଦୁର୍ଗମ ଅଂଚଳରେ ଥିବାରୁ ଏହି ପର୍ଯ୍ୟଟନସ୍ଥଳୀ ଲୋକଲୋଚନକୁ ଏହା ଆସିପାରୁନାହିଁ।ଯଦି ପ୍ରଶାସନ ତରଫରୁ ପର୍ଯ୍ୟଟନସ୍ଥଳର ଉନ୍ନତି ପାଇଁ ଦୃଷ୍ଟି ଦିଆଯାଏ ତେବେ ବିଭିନ୍ନ ଅଂଚଳର ପର୍ଯ୍ୟଟକ ଏଠାକୁ ଆସି ମନୋରମ ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରନ୍ତେ ବୋଲି ସାଧାରଣରେ ଆଲୋଚନା ହେଉଛି।

## ମାର୍ଚ୍ଚ ୨୫ରୁ ରତ୍ନଭଣ୍ଡାର ଗଣତିମଣତି

ପୁରୀ: ସରିଲା ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ। ଆସନ୍ତା ମାର୍ଚ୍ଚ ମାସ ୨୫ ତାରିଖ ଅଳଙ୍କାର ଗଣତିମଣତି ପକ୍ରିୟା। ଏହି ପକ୍ରିୟାରେ ୨ଟି ଟିମ ଉପସ୍ଥିତ ରହିବେ। ୧୨.୨୦ରୁ ୧.୪୫ ମଧ୍ୟରେ ବାହାରିଛି ମାହେନ୍ଦ୍ରବେଳା। ଚୈତ୍ର ଶୁକ୍ଳ ସପ୍ତମୀ ତିଥିରେ ଖୋଲାଯାଇ ଗଣତିମଣତି ପ୍ରକ୍ରିୟା ଆରମ୍ଭ ହେବ। ତିନୋଟି ପର୍ଯ୍ୟାୟରେ ଅଳଙ୍କାର ଗଣତିମଣତି ହେବ। ପ୍ରଥମେ ଚଳନ୍ତି, ପରେ ବାହାର ଓ ଶେଷରେ ଭିତର ରତ୍ନଭଣ୍ଡାରରୁ ଅଳଙ୍କାର ଗଣତିମଣତି ହେବ। ଗଣତି ମଣତି ସମୟରେ ବାହାର କାଠ ଦର୍ଶନ ହେବ। ଶନିବାର ରବିବାର ସମେତ ଯାନୀ ଯାତ୍ରା ଓ ନିତି ବହୁଳ ସମୟରେ ଗଣତି ମଣତି କରାଯିବ ନାହିଁ। ଗଣତି ମଣତି ସମୟରେ ଡ଼ିଜିଟାଇଜେସନ ଓ ସ୍ୱଚ୍ଛତା ଅବଲମ୍ବନ କରାଯିବ। ଏ ନେଇ କୋର୍ଟକୁ ଅବଗତ କରାଯିବ।

# ଶିଶୁସୁରକ୍ଷାରେ ସାମ୍ବାଦିକତା ଶୀର୍ଷକ ଆଲୋଚନାଚକ୍ର: ଖବର ପରିବେଷଣରେ ସତର୍କତା ଲୋଡା

ଭଦ୍ରକ: ଜିଲ୍ଲା ସଂସ୍କୃତିଭବନ ପରିସରରେ ଶିଶୁ ସୁରକ୍ଷାରେ ସାମ୍ବାଦିକତା ଶୀର୍ଷକ ଆଲୋଚନାଚକ୍ର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଭଦ୍ରକ ଓ ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏହି ମର୍ମରେ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥିରୂପେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ

ଦ୍ୱିବେଦୀ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଶିଶୁ ମଙ୍ଗଳ ସଦସ୍ୟ ପ୍ରଦୀପ୍ତ କୁମାର କର ପ୍ରମୁଖ ଯୋଗଦାନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ରଙ୍କ ମଂଚ ପରିଚାଳନାରେ ପ୍ରାରମ୍ଭିକ ସୂଚନା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ୍ ଅଧିକାରୀ ସୁବ୍ରତ ଦାସ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଶିଶୁ ସୁରକ୍ଷା ସମ୍ବନ୍ଧରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ଆଲୋକପାତ କରିଥିବା ବେଳେ ପ୍ରମୁଖ ଅତିଥିମାନେ ଶିଶୁ ସୁରକ୍ଷା ନିମିତ୍ତ ବିଧିବଦ୍ଧ ଆଇନ ବ୍ୟବସ୍ଥା, ଶିଶୁର ସଂଜ୍ଞା, ଶିଶୁର ପାରିପାଶ୍ୱିକ ଅବସ୍ଥାକୁ ଲକ୍ଷ୍ୟ କରି ଶିଶୁକୁ ଥଇଥାନ ଓ ତାର ସମ୍ମାନହାନୀ ନହେବା ପାଇଁ ସମବେତ ପ୍ରଚେଷ୍ଟା ଜାରି ରଖିବାକୁ ଚେଷ୍ଟିତ ହେବା ପାଇଁ ଆଲୋଚନା କରିଥିଲେ। ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ କିଶୋର ନ୍ୟାୟ ବ୍ୟବସ୍ଥାରେ ଧାରା ୭୪ ଅନୁଯାୟୀ, ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା, ଧାରା (୨୩) ଅନୁସାରେ ଶିଶୁର ଗୋପନୀୟତା ବଜାୟ ରଖିବା ସହ ତାର ପରିଚୟ, ମର୍ଯ୍ୟାଦା, ଫଟୋ ପ୍ରକାଶ ନହେବା, ସୁରକ୍ଷା ପ୍ରଦାନ ବା ଶିଶକୁ ଅପମାନ, ଭେଦଭାବ ସୃଷ୍ଟି ନକରିବା ଅନୁଚିତ ବୋଲି ଦର୍ଶାଇଥିଲେ। ସେଥିପାଇଁ ଗଣମାଧ୍ୟମ ସର୍ବଦା ସକରାତ୍ମକ ଭୂମିକା ଗ୍ରହଣ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ବିଷୟ ବିଷାରଦ ଭାବେ ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧ୍ୟକ୍ଷ ଡ଼ା. ସୁଦର୍ଶନ ବାରିକ୍ ପୋଷ୍ୟ ସନ୍ତାନ ଗ୍ରହଣ ବେଳେ ଅନୈତିକ ଉପାୟ ଅବଲମ୍ବନ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ଉପରେ ଦୃଷ୍ଟି ନିକ୍ଷେପ କରି ବିଭିନ୍ନ ଉଦାହରଣ ପ୍ରଦାନ କରିଥିଲେ। ଶିଶୁ ମୁଖରେ ଅଫୁରନ୍ତି ହସ ଫୁଟିବା ପାଇଁ ଚେଷ୍ଟା ରହିବା ଜରୁରୀ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଗଣମାଧ୍ୟମର ବରିଷ୍ଠ ସାମ୍ବାଦିକ ପ୍ରତାପ ଦାସ, ଅଶୋକ ନାୟକ, ଜ୍ଞାନରଂଜନ ପାଣି, ପ୍ରଭାତ ଦାସ, ଅଶ୍ୱିନି ପାଢ଼ୀ, ନରେନ୍ଦ୍ର ସାମଲ ପ୍ରମୁଖ ଶିଶୁମାନଙ୍କ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାକୁ ତ୍ୱରିତ ସାହାଯ୍ୟ, ଥଇଥାନ ଦିଗରେ ତ୍ୱରାନ୍ୱିତ କରିବାକୁ ମତବ୍ୟକ୍ତ କରିଥିଲେ। ବିଶେଷକରି ଜିଲ୍ଲାସ୍ତରରେ ବିଭିନ୍ନ ହୋଟେଲ, ଗ୍ୟାରେଜ, ଦୋକାନମାନଙ୍କରେ କାମ କରୁଥିବା ଶିଶୁମାନଙ୍କୁ ଉଦ୍ଧାରକରି ଥଇଥାନ ଦିଗରେ ଗୁରୁତ୍ୱ ଦେଲେ ସେମାନଙ୍କର ଅଧିକାର, ମର୍ଯ୍ୟାଦା ସୁରକ୍ଷିତ ହୋଇପାରିବ ବୋଲି ମତ ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଶିଶୁଙ୍କ ଚଳପ୍ରଚଳ ତଥା ଯୌନ ଶୋଷଣ ମାମଲାର ଖବର ପରିବେଷଣ ବେଳେ ଯଥେଷ୍ଟ ସାବଧାନ ରହିବାକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଦ୍ୱିବେଦୀ ମତ ଦେଇଥିଲେ। ଖୋଲାମଂଚ ଆଲୋଚନା ପରେ ଶିଶୁ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାପ୍ରତି ସମସ୍ତେ ଯତ୍ନବାନ ଓ ଶୂନ୍ୟ ସହନଶୀଳ ନୀତି ପ୍ରୟୋଗ ଫଳରେ ଶିଶୁ ସୁରକ୍ଷା ଫଳପ୍ରଦ ହୋଇପାରିବ ବୋଲି ଆଲୋଚନାରେ ନିଷ୍କର୍ଷ ଉପୁଜିଥିଲା।

# ବଦଳିବ ଇଂରାଜୀ ଅପଭ୍ରଂଶ ନାଁ

## ମୂଳ ଓଡ଼ିଆ ନାମର ହେବ ପୁନରୁଦ୍ଧାର

ଭୁବନେଶ୍ୱର: ଓଡ଼ିଶାର ଯେଉଁ ସ୍ଥାନଗୁଡ଼ିକରେ ସରକାରୀ ଭାବରେ ବ୍ୟବହୃତ ଇଂରାଜୀ ନାମଗୁଡ଼ିକ ସେମାନଙ୍କର ପ୍ରାମାଣିକ ଓଡ଼ିଆ ନାମର ଅପଭ୍ରଂଶ ଅଟେ, ସେହି ସ୍ଥାନଗୁଡ଼ିକର ମୂଳ ଓଡ଼ିଆ ନାମ ପୁନଃସ୍ଥାପନ ସଂପର୍କରେ ପ୍ରସ୍ତାବ ପଠାଇବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଜିଲ୍ଲାପାଳମାନଙ୍କୁ ଚିଠିଲେଖିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନ ଯଥା ଜିଲ୍ଲା, ଜିଲ୍ଲା ମୁଖ୍ୟାଳୟ, ଉପଖଣ୍ଡ, ବ୍ଲକ୍ ଏବଂ ତହସିଲ, ଯେଉଁଠି ବର୍ତ୍ତମାନ ସରକାରୀ ବ୍ୟବହାରରେ ଥିବା ଇଂରାଜୀ ନାମଗୁଡ଼ିକ ସେମାନଙ୍କର ପ୍ରାମାଣିକ ଓଡ଼ିଆ ନାମକରଣର ଅପଭ୍ରଂଶ ରୂପ ଅଟେ, ସେ ସବୁ ସ୍ଥାନର ମୂଳ ଓଡ଼ିଆ ନାମଗୁଡ଼ିକୁ ଓଡ଼ିଶା ସରକାର ପୁନରୁଦ୍ଧାର କରିବାକୁ ଚାହୁଁଛନ୍ତି। ଏହିପରି ବିକୃତି, ଆମ ରାଜ୍ୟର ପ୍ରକୃତ ଭାଷାଗତ ଏବଂ ସାଂସ୍କୃତିକ ପରିଚୟକୁ ଭୁଲ୍ ଭାବରେ ପ୍ରତିପାଦନ କରୁଛି ଏବଂ ଓଡ଼ିଆ ଅସ୍ମିତାର ସାରକୁ ମଧ୍ୟ କ୍ଷୁର୍ଣ୍ଣ କରୁଛି। ଯେପରି 'ଆଳି' 'ତହସିଲର ସରକାରୀ ଇଂରାଜୀ ନାମ 'AUL' ଅଛି, ଯାହା ବ୍ରିଟିଶ ଶାସନ ସମୟରେ ଉଚ୍ଚାରଣ ଅସୁବିଧା ଯୋଗୁଁ ପ୍ରଚଳିତ ଏକ ଭୁଲ୍ ବନାନ ଏବଂ ଏହାକୁ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି ବୋଲି ରାଜସ୍ୱ ସଚିବ ଡ. ଅରବିନ୍ଦ ପାଢୀ ଚିଠିରେ ଉଲ୍ଲେଖ କରିଛନ୍ତି। ଏପର୍ଯ୍ୟନ୍ତ ୧୩ଟି ଜିଲ୍ଲାରୁ ଏହି ସଂପର୍କିତ ସୂଚନା ପ୍ରାପ୍ତ ହୋଇଅଛି। ପ୍ରାପ୍ତ ରିପୋର୍ଟଗୁଡ଼ିକର ତାଲିକା ଉପରେ, ମାନ୍ୟବର ବିଧାୟକ ଓ ମାନ୍ୟବର ସାଂସଦମାନଙ୍କର ଏବଂ ସାଧାରଣ ଜନତାଙ୍କର ମତ ନିଆଯାଇଥିଲା। ତଦନୁସାରେ, ଏହି ବିଷୟରେ ବିଭିନ୍ନ ନୂତନ ପ୍ରସ୍ତାବଗୁଡ଼ିକ ମଧ୍ୟ ପ୍ରାପ୍ତ ହୋଇଛି। ତେବେ ପୂର୍ବରୁ ପ୍ରଦାନ କରାଯାଇଥିବା ରିପୋର୍ଟକୁ ପୁନଃ ପରୀକ୍ଷଣ କରି, ନୂତନ ପ୍ରସ୍ତାବ ସହ ସାତ ଦିନ ଭିତରେ ବିଭାଗକୁ ପ୍ରେରଣ କରିବାକୁ ଏହି ପତ୍ରରେ ଜିଲ୍ଲାପାଳଙ୍କୁ ଜଣାଯାଇଛି। ଖୁବ୍ ଶୀଘ୍ର ଏ ସଂପର୍କିତ ରିପୋର୍ଟ୍ ପ୍ରସ୍ତୁତ କରାଯାଇ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ରାଜସ୍ୱ ସଚିବ ଡ. ପାଢୀ ସୂଚନା ଦେଇଛନ୍ତି।

# ମହାରାଷ୍ଟ୍ର ପାଇଁ ବିଜେପି ପକ୍ଷରୁ ୪ ରାଜ୍ୟସଭା ପ୍ରାର୍ଥୀ

ନୂଆଦିଲ୍ଲୀ: ରାଜ୍ୟସଭା ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ବିହାର ପରେ, ବିଜେପି ଏବେ ମହାରାଷ୍ଟ୍ରରୁ ରାଜ୍ୟସଭାରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ପ୍ରାର୍ଥୀଙ୍କ ନ୍ୟାୟ ଏବଂ ପ୍ରାଧିକରଣ ରାଷ୍ଟ୍ରମନ୍ତ୍ରୀ ଅଠାୱଲେ ଏନଡିଏର ଦୀର୍ଘ ସମୟର ସହଯୋଗୀ ରହିଆସିଛନ୍ତି। ସେ ବର୍ତ୍ତମାନ ରାଜ୍ୟସଭା ସାଂସଦ। ବିଜେପିର ଜାତୀୟ ସାଧାରଣ ସଂପାଦକ ବିନୋଦ ତାୱଡେ

ତାଲିକା ପ୍ରକାଶ କରିଛି। ବିଜେପି ରାଜ୍ୟସଭା ପାଇଁ ୪ ଜଣ ପ୍ରାର୍ଥୀଙ୍କୁ ମନୋନୀତ କରିଛି। ରାମଦାସ ଆଠୱଲେ, ବିନୋଦ ତାୱଡେ, ମାୟା ଚିନ୍ତାମଣ ଇଭନାତେ ଏବଂ ରାମରାଓ ଡକୁଟେଙ୍କୁ ବିଜେପି ରାଜ୍ୟସଭା ପ୍ରାର୍ଥୀ କରିଛି। ରାଜ୍ୟସଭାରେ ଖାଲି ଆସନ ପାଇଁ ନିର୍ବାଚନ ହେବ। ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ରାଜ୍ୟସଭା ନିର୍ବାଚନ ପାଇଁ କେନ୍ଦ୍ରମନ୍ତ୍ରୀ ରାମଦାସ ଆଠୱଲେ, ବିଜେପି ସାଧାରଣ ସଂପାଦକ ବିନୋଦ ତାୱଡେ, ମାୟା ଚିନ୍ତାମଣ ଇଭନାତେ ଏବଂ ରାମରାଓ ଡକୁଟେଙ୍କୁ ମନୋନୀତ କରିଛି। ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆ (ଆଠୱଲେ) ନେତା ଏବଂ ସାମାଜିକ ମହାରାଷ୍ଟ୍ର ସରକାରରେ ମନ୍ତ୍ରୀ ରହିସାରିଛନ୍ତି। ରାଜ୍ୟସଭା ପାଇଁ ବିଜେପିର ମାୟା ଚିନ୍ତାମଣ ଇଭନାତେ ଜଣେ ଶିକ୍ଷୟିତ୍ରୀ ଏବଂ ସମାଜସେବୀ। ପୂର୍ବରୁ ସେ ମାୟା ଜାତୀୟ ଅନୁସୂଚିତ ଜନଜାତି ଆୟୋଗର ସଦସ୍ୟ ଥିଲେ। ତାଙ୍କ ସଦସ୍ୟତା ସମୟରେ, ସେ ଆଦିବାସୀ ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ବହୁତ କାମ କରିଥିଲେ। ଗତ ନିର୍ବାଚନରେ ମାୟା ନାଗପୁର ମହାନଗର ପୌରପାଳିକାର ନିର୍ବାଚିତ ପୌର ପରିଷଦ ହୋଇଥିଲେ। ମହାରାଷ୍ଟ୍ର ବିଜେପିର ମୁଖ୍ୟ ଏବଂ ବରିଷ୍ଠ ନେତାମାନଙ୍କ ମଧ୍ୟରେ ରାମରାଓ ୱାଡକୁଟେଙ୍କ ନାମ ଅଛି। ରାମରାଓ ସଂଗଠନରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଛନ୍ତି।

# କମୁଛି ଆଖୁ ଉତ୍ପାଦନ, ଆଖୁ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

ଭୁବନେଶ୍ୱର: ଅଂଚଳର ବିକାଶ ଓ ଆର୍ଥିକ ଉନ୍ନତି ପାଇଁ ଗଞ୍ଜାମ ଜିଲ୍ଲା ଆସିକାରେ ପ୍ରତିଷ୍ଠା ହୋଇଥିଲା ଚିନିଶିଳ୍ପ। ଶିଳ୍ପ ପ୍ରତିଷ୍ଠା ପରେ ଅଂଚଳର ଚାଷୀ ଧୀରେ ଧୀରେ ଅନ୍ୟ ଚାଷକୁ ଛାଡି ଅର୍ଥକାରୀ ଫସଲ ଆଖୁକୁ ଆପଣାଇଥିଲେ।। ଫଳରେ ଗଞ୍ଜାମରେ ହଜାର ହଜାର ହେକ୍ଟର ଜମିରେ ଆଖୁ ଚାଷ ହେଉଥିଲା। ହେଲେ ଗତ କିଛି ବର୍ଷ ହେବ ବିଭିନ୍ନ କାରଣରୁ ଆଖୁ ଚାଷରୁ ମୁହଁ

ଫେରାଉଛନ୍ତି ଚାଷୀ। ଏକଦା ଆଖୁରୁ ଚିନି, ଗୁଡ଼, ନବାତ ଉତ୍ପାଦନ କରି ସମଗ୍ର ଏସିଆ ମହାଦେଶ ସ୍ୱତନ୍ତ୍ର ପରିଚୟ ପାଇଥିଲା ଆସିକା। ଯାହାକୁ ନିର୍ଭର କରି ୧୯୬୦ରେ ଗଢ଼ିଉଠିଥିଲା ଆସିକା ଚିନିକଳ। ଏବେ ଧୀରେ ଧୀରେ ନିଜର ପରିଚୟ ହରାଇବାକୁ ବସିଲାଣି। କାରଣ ଆଉ ଆଗ ଭଳି ଆଖୁ ଚାଷ ହେଉନି। ସରକାରୀ ପ୍ରୋତ୍ସାହନର ଅଭାବ, ବନ୍ୟ ପ୍ରାଣୀ ଉପଦ୍ରବ, ଶ୍ରମିକ ସମସ୍ୟା ଆଦି କାରଣରୁ ଆଖୁ ଚାଷ ପ୍ରତି ବିମୁଖ ହେଲେଣି ଚାଷୀ। ଏହା ବଦଳରେ ମକା, କୋଳଥ, ଭୂଇଁ ଚଣା ଆଦି ଅନ୍ୟ ଫସଲକୁ ଆପଣାଇଲେଣି। ବର୍ଷକୁ ୬ ମାସ ଆଖୁ ପେଡୁଥିବା ଚିନି ଶିଳ୍ପ ଏବେ ମାତ୍ର ଏକ ମାସ ଚାଲୁଛି। ତଥ୍ୟ ଅନୁସାରେ, ଗତ ୨୦୨୪-୨୫ରେ ଗଞ୍ଜାମର ୧୦ ଡିଭିଜନରେ ୧ ହଜାର ୪୫୬ ଚାଷୀ ଆଖୁ ଚାଷ ପାଇଁ ପଞ୍ଜୀକରଣ କରିଥିଲେ। ମୋଟ ୨ ହଜାର ୨୭ ଏକର ଜମିରେ ଆଖୁ ହୋଇଥିଲା। ଆସିକା ଚିନି କଳରେ ୩୪ ହଜାର ୩୦୮ ମେଟ୍ରିକ୍ ଟନ୍ ଆଖୁ ପେଡ଼ାଯାଇଥିଲା। ୨୦୨୫-୨୬ରେ ଏହି ସଂଖ୍ୟା କମି ପଞ୍ଜୀକୃତ ଚାଷୀଙ୍କ ସଂଖ୍ୟା ୮୬୬କୁ ଆସିଛି। ୧୨ ଶହ ୧୯ ଏକର ଜମିରେ ଚାଷ ହୋଇଛି। ତେଣୁ ଚଳିତ ବର୍ଷ କାରଖାନା କେବଳ ୨୩ ହଜାର ୮ ଶହ ମେଟ୍ରିକ ଟନ ଆଖୁ ପେଡ଼ିବ। ବର୍ଷକୁ ବର୍ଷ କମୁଥିବା ଚାଷର ପରିମାଣ ଚିନି ଶିଳ୍ପ ପାଇଁ ଶୁଭଙ୍କର ନୁହେଁ। ଶିଳ୍ପ କର୍ତ୍ତୃପକ୍ଷଙ୍କ ମତରେ ଧାନର ମୂଲ୍ୟ ବୃଦ୍ଧି ପାଇଁ ଚାଷୀ ଆଖୁ ଛାଡ଼ି ଧାନ ଚାଷ କରୁଛନ୍ତି।

# ନିଶା କବଳରେ ଓଡ଼ିଶା, ରାଜ୍ୟରେ ବଢୁଛି ମଦ ବିକ୍ରି

ଭୁବନେଶ୍ୱର: ନିଶା କାରବାରର ହବ୍ ପାଲଟିଛି ଓଡ଼ିଶା। ନିଶା କବଳରେ ପଡ଼ିଲେଣି ଯୁବ ଗୋଷ୍ଠୀ। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିଶା ଖାଉଛନ୍ତି। ଅନେକ ଯୁବକ ଏବେ ଡ୍ରଗ୍ସ ବେପାରରେ ମାତିଛନ୍ତି। ଏହାରି ଭିତରେ ବିଧାନସଭାରେ ମନ୍ତ୍ରୀ ଦେଇଥିବା ଉତ୍ତର ସମସ୍ତଙ୍କୁ ଚମକାଇ ଦେଇଛି। ଡ୍ରଗ୍ସ, ବ୍ରାଉନ୍ ସୁଗାରଠାରୁ ଆରମ୍ଭ କରି ବିଦେଶୀ ମଦର ମାୟାରେ ପଡ଼ିଛନ୍ତି ଲୋକେ। ୧୦ ମାସରେ ବିକ୍ରି ହୋଇଛି ୬୨୦ ଲକ୍ଷ ଲିଟର ଲଣ୍ଡନ ପ୍ରୁଫ୍ ବିଦେଶୀ ମଦ। ୧୦୯୨ ଲକ୍ଷ ବଲ୍କ ଲିଟର ବିଅର ଓ ୯୭ ଲକ୍ଷ ଲିଟର ଲଣ୍ଡନ ପ୍ରୁଫ୍ ଦେଶୀ ମଦ। ସେହିପରି ୧୦ ମାସରେ ୬ ହଜାର ୫୬୯ କୋଟି ଟଙ୍କାର ମଦ ପିଇ ଦେଇଛନ୍ତି ରାଜ୍ୟବାସୀ। ବିଧାନସଭାରେ ଅବକାରୀ ମନ୍ତ୍ରୀ ରଖିଥିବା ଉତ୍ତର କହୁଛି ପ୍ରତିବର୍ଷ କ୍ରମାଗତ ଭାବେ ବଢି ଚାଲିଛି ମଦ ବିକ୍ରି। ୨୦୨୩-୨୪ରେ ମଦ ବିକ୍ରିରୁ ୭ ହଜାର ୨୧୬ କୋଟି ରାଜସ୍ୱ ଆଦାୟ ହୋଇଥିବା ବେଳେ ୨୦୨୪-୨୫ରେ ୮ ହଜାର ୧୯୫ କୋଟିର ରାଜସ୍ୱ ଆଦାୟ କରାଯାଇଛି। କେବଳ ମଦ କାରବାର ନୁହେଁ ବ୍ରାଉନ୍ ସୁଗାର କାରବାରର ହବ ପାଲଟିଲାଣି ବାଲେଶ୍ୱର, ପୁରୀ, ଭୁବନେଶ୍ୱର ଏବଂ ଜଗତସିଂହପୁର ଜିଲ୍ଲା। ବିଜେଡ଼ି ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନରେ ଉତ୍ତରରେ ଅବକାରୀ ମନ୍ତ୍ରୀ ଦେଇଥିବା ତଥ୍ୟ ଉପରେ ନଜର ପକାନ୍ତୁ। ଚଳିତ ମାସ ସୁଦ୍ଧା ଜବତ ହୋଇଛି ୪୦ କେଜି ୨୭୮ ଗ୍ରାମ୍, ଗିରଫ ହୋଇଛନ୍ତି ୪୮୧ ଜଣ। ୨୦୨୪-୨୫ରେ ଜବତ ହୋଇଛି ୨୮ କେଜି ୫୭୫ ଗ୍ରାମ, ଗିରଫ ହୋଇଥିଲେ ୩୬୧ ଜଣ। ୨୦୨୩-୨୪ ବର୍ଷରେ ଜବତ ୩୪ କେଜି ୪୨୬ ଗ୍ରାମ୍, ଗିରଫ ହୋଇଛନ୍ତି ୪୪୮ ଜଣ। ୨୦୨୨-୨୩ରେ ୩୨ କେଜି ୮୨୬ ଗ୍ରାମ ବ୍ରାଉନ ସୁଗାର ଜବତ, ଗିରଫ ହୋଇଛନ୍ତି ୩୮୨ ଜଣ। ବିଶେଷ କରି ଯୁବପିଢ଼ିଙ୍କ ଭିତରେ ବଢୁଛି ନିଶା ପ୍ରତି ଦୁର୍ବଳତା। ମଦ, ଗଞ୍ଜେଇ, ଡ୍ରଗ୍ସ ଭଳି ନିଶାରେ ବୁଡ଼ି ରହୁଛନ୍ତି ଯୁବପିଢ଼ି। ଏଠି ପ୍ରଶ୍ନ ଉଠୁଛି, ଅବକାରୀ ବିଭାଗ କରୁଛି କ'ଣ ? ନିଶା କାରବାର ପଛରେ କିଏ ? କାରବାର କରୁଥିବା ବଡ଼ ବେପାରୀଙ୍କୁ ଧରିବ କିଏ ?

# ରାସାୟନିକ ସାର ପ୍ରୟୋଗ ଯୋଗୁଁ ପୋଷକରେ ଅସନ୍ତୁଳନ: ମାଟିରେ ଖସୁଛି ଜୈବିକ କାର୍ବନ

ପୁରୀ: ମାଟିରେ ଜୈବିକ କାର୍ବନ ସ୍ତର ୦.୩୧ - ୦.୩୬%କୁ ଖସି ଆସିଲାଣି। ଯବକ୍ଷାରଜାନ ନିଅଂଟ ହେଲାଣି। ଦୀର୍ଘକାଳ ରାସାୟନିକ ସାର ପ୍ରୟୋଗ ଯୋଗୁଁ ପୋଷକରେ ଅସନ୍ତୁଳନ ଦେଖାଦେଲାଣି। ପୁରୀରେ ଆୟୋଜିତ

ସମନ୍ୱିତ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା କର୍ମଶାଳାରେ ଏହି ତଥ୍ୟ ରଖିଛନ୍ତି ବିଶେଷଜ୍ଞ ଓ ଅଧିକାରୀ। ବିଶେଷକରି ଖାଲୁଆ ଡେଲ୍‌ଟା ଅଂଚଳରେ ମାଟିରେ ଲୁଣି ଅଂଶ ଯୋଗୁଁ ସମସ୍ୟା ଉପୁଜୁଛି। ଅତିରିକ୍ତ ବୋରନ୍ ଓ ଜିଙ୍କ ଅଣୁପୋଷକ ରହିଛି। 'ଜଳବାୟୁ ପରିବର୍ତ୍ତନ ଗ୍ରହଣୀୟତା ପାଇଁ ଡାଟା ସାଇନ୍ସର ସ୍ଥାନୀୟକରଣ' ପ୍ରକଳ୍ପ ଅଧୀନରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ହମାରା ବଚପନ ଟ୍ରଷ୍ଟ ପକ୍ଷରୁ ୟୁଏନ୍‌ଡିପି ଇଣ୍ଡିଆ ସହଭାଗିତାରେ ପୁରୀ ସିଡିଏଓ ସମ୍ମିଳନୀ କକ୍ଷରେ ମାଟିରେ ଲୁଣି ଅଂଶ ହ୍ରାସ ପାଇଁ ସମନ୍ୱିତ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଉପରେ ଆଲୋଚନା ହୋଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, ମୃତ୍ତିକା ସଂରକ୍ଷଣ ଅତିରିକ୍ତ ନିର୍ଦ୍ଦେଶକ ଜ୍ୟୋତିରଂଜନ ମିଶ୍ର, କେଭିକେ ଆଗ୍ରୋନୋମିର ଡ. ସାର୍ଥକ ପଟ୍ଟନାୟକ, ଜି. ଶ୍ୱେତା, ଭାରତୀ ମଲ୍ଲ, ବିଜୟଲକ୍ଷ୍ମୀ ସାହୁ, ରାଧାକାନ୍ତ ମିଶ୍ର ପ୍ରମୁଖ କର୍ମଶାଳାରେ ଉପସ୍ଥିତ ଥିଲେ। ଜିଆଇଏସ୍ ସଏଲ୍ ଟାଇପୋଲୋଜି, ରିମୋଟ ସେନସିଂ ଆନାଲିସିସ୍, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ତଥ୍ୟ ଆଧାରରେ ବୈଷୟିକ ଉପସ୍ଥାପନା କରାଯାଇଥିଲା। ବିଶେଷକରି ଗୋପ ବ୍ଲକରେ ଜଟିଳ ମୃତ୍ତିକା ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା। ମାଟିରେ ଜୈବିକ କାର୍ବନ ପରିମାଣ ହ୍ରାସ ଏବଂ ନିମ୍ନମାନର ଜଳ ନିଷ୍କାସନ ବ୍ୟବସ୍ଥା କାରଣରୁ ମାଟିର ଅଧଃପତନ ହେଉଛି ବୋଲି ବିଶାରଦମାନେ କହିଥିଲେ। ଏହାଦ୍ୱାରା ଜଳବାୟୁରେ ବୈଷମ୍ୟ ପରିଲକ୍ଷିତ ହେଉଛି ବୋଲି ସୂଚାଇଥିଲେ। ତେଣୁ କଂପୋଷ୍ଟ ଏବଂ ଏଫ୍‌ୱାଇଏମ୍ ପ୍ରୟୋଗ, ପୋଖରୀ ପଙ୍କ ବ୍ୟବହାର, ଗ୍ରୀଷ୍ମକାଳରେ ହଳ କରିବା ଏବଂ ଧାନ ଡାଲି ଅଦଳ ବଦଳ ଭିତ୍ତିରେ ପାରଂପରିକ ଚାଷ ପଦ୍ଧତି ଆପଣାଇବାକୁ ପରାମର୍ଶ ଦେଇଥିଲେ। ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଯୋଜନା ଆପଣାଇବା, ପୋଷକରେ ସଂଶୋଧନ ଆଣିବା, ଜୈବିକ କାର୍ବନ ପରିମାଣରେ ବୃଦ୍ଧି ଘଟାଇବା, ମଧ୍ୟମ ସୂତ୍ରୀ ଅନୁଯାୟୀ ମୃତ୍ତିକା ସଂରଚନାରେ ସ୍ଥିରତା ଓ ଦୀର୍ଘସୂତ୍ରୀ ସଂରକ୍ଷଣ ବାବଦରେ ଆଲୋଚନା କରାଯାଇଥିଲା।

# ନଷ୍ଟ ହେବାରେ ଲାଗିଛି ଜଙ୍ଗଲ; ବଢ଼ି ଚାଲିଛି ମଣିଷ-ବନ୍ୟଜନ୍ତୁ ଲଢ଼େଇ

ଭୁବନେଶ୍ୱର: ନଷ୍ଟ ହେଉଛି ଜଙ୍ଗଲ, ବିପଦରେ ବନ୍ୟଜନ୍ତୁ ଓ ମଣିଷ। ଓଡ଼ିଶାରେ ଜଙ୍ଗଲ ନଷ୍ଟ ଓ ମଣିଷ-ବନ୍ୟଜନ୍ତୁ ସଂଘର୍ଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରୀ ତଥ୍ୟ ଓ ବିଧାନସଭାରେ ତଥ୍ୟ କହୁଛି ଯେ, ଗତ ୧୦ ବର୍ଷରେ

ଏହି ସଂଘର୍ଷ ଭୟାବହ ରୂପ ନେଇଛି। ଦିନକୁ ଦିନ ନଷ୍ଟ ହୋଇଚାଲିଛି ଜଙ୍ଗଲ। ରାଜ୍ୟର ବିଭିନ୍ନ ସ୍ଥାନରେ ଜଙ୍ଗଲ ଅଗ୍ନିକାଣ୍ଡ, ଅବୈଧ ଗଛକାଟ, ଖଣିଜ ଉତ୍ତୋଳନ ଓ ଅନ୍ୟାନ୍ୟ ମାନବ କାର୍ଯ୍ୟକଳାପ ଯୋଗୁଁ ଜଙ୍ଗଲ ହ୍ରାସ ଘଟୁଛି। ଗତ କିଛି ବର୍ଷରେ ହଜାର ହଜାର ଜଙ୍ଗଲ ନିଆଁ ଘଟଣା ରେକର୍ଡ ହୋଇଛି। ବିଶେଷକରି ମହୁଲ ଫୁଲ ସଂଗ୍ରହ ପାଇଁ ଜାଣିଶୁଣି ନିଆଁ ଲଗାଇବା, ଜମି ପରିଷ୍କାର କରିବା ପ୍ରୟାସ ଓ ସଚେତନତାର ଅଭାବ ଏହାର ମୁଖ୍ୟ କାରଣ ବୋଲି ବିଶେଷଜ୍ଞ କହିଛନ୍ତି। ଅନେକ ସମୟରେ ଜଙ୍ଗଲ ବିଭାଗ ଓ ଜଙ୍ଗଲ ଉପରେ ନିର୍ଭର ରହୁଥିବା ଲୋକଙ୍କ ମଧ୍ୟରେ ସମନ୍ୱୟ ରହୁନଥିବାରୁ ଉଭୟ ଜଙ୍ଗଲ ଓ ବନ୍ୟପ୍ରାଣୀ ବିପଦରେ ରହିଛି ବୋଲି ବିଶେଷଜ୍ଞ କହିଛନ୍ତି। ଗତ ୧୦ବର୍ଷ ମଧ୍ୟରେ ଓଡିଶାରେ ମଣିଷ-ବନ୍ୟପ୍ରାଣୀ ସଂଘର୍ଷରେ ୧୩୯୮ ଜଣଙ୍କର ମୃତ୍ୟୁ ହୋଇଛି। ବିଧାନସଭାରେ ପ୍ରକାଶିତ ତଥ୍ୟ ଅନୁସାରେ ଗତ ୧୦ ବର୍ଷରେ ଓଡ଼ିଶାରେ ପ୍ରାୟ ୫,୬୦୦ରୁ ଅଧିକ ବନ୍ୟଜନ୍ତୁ ପ୍ରାଣ ହରାଇଛନ୍ତି। ଏଥିରେ ହାତୀ, ହରିଣ, ଚିତା, ଅନ୍ୟାନ୍ୟ ଜଙ୍ଗଲୀ ପ୍ରାଣୀ ଅନ୍ତର୍ଭୁକ୍ତ। ଜଙ୍ଗଲ ନିଆଁ ବଡ ସମସ୍ୟା ହେଉଥିବାବେଳେ ଏହାକୁ ରୋକିବା ପାଇଁ ରାଜ୍ୟ ସରକାର ବଡ ପଦକ୍ଷେପ ନେଉଛନ୍ତି। ଜଙ୍ଗଲ ନିଆଁ ରୋକିବା ଦିଗରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ନିଜେ ମନିଟରିଂ କରୁଥିବା କହିଛନ୍ତି। ୫୧ଟି ସବଡିଭିଜନ ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି। ଏନେଇ ଡିଏଫଓମାନଙ୍କ ସହ ନିୟମିତ ବୈଠକ ହେଉଥିବା ମନ୍ତ୍ରୀ କହିଛନ୍ତି। ଲୋକଙ୍କ ମଧ୍ୟରେ ସଚେତନା ଅଭାବ ଥିବାରୁ ଜଙ୍ଗଲରେ ନିଆଁ ଲଗାଇଦେଉଥିବା କହିଛନ୍ତି। ତେବେ ଏଆଇ ସାହାଯ୍ୟରେ ଜଙ୍ଗଲ ନିଆଁକୁ ରୋକିବା ପାଇଁ ବି ବିଭାଗ ପ୍ରୟାସ କରିଛି ଜଙ୍ଗଲ ବଂଚିଲେ ହିଁ ବନ୍ୟଜନ୍ତୁ ବଂଚିବେ, ଆଉ ବନ୍ୟଜନ୍ତୁ ବଂଚିଲେ ପ୍ରାକୃତିକ ସନ୍ତୁଳନ ରହିବ। ସଚେତନତା, କଠୋର ଆଇନ ଲାଗୁକରଣ ଓ ସ୍ଥାନୀୟ ସମୁଦାୟଙ୍କ ସହଯୋଗ ବିନା ଏହି ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବପର ନୁହଁ ବୋଲି ସୂଚାଇ ଦେଇଛନ୍ତି ବିଶେଷଜ୍ଞ।

# ଭାରତୀୟ ନୌସେନାରେ ସାମିଲ ହେବ ଆଇଏନ୍‌ଏସ୍ ଅଞ୍ଜଦୀପ

ନୂଆଦିଲ୍ଲୀ: ଭାରତ ଏହାର ଉପକୂଳ ପ୍ରତିରକ୍ଷା କ୍ଷମତା ବୃଦ୍ଧି କରିବା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଗୁରୁତ୍ୱ ଦେଇ ବୁଡ଼ାଜାହାଜ ବିରୋଧୀ 'ଆଇଏନ୍‌ଏସ୍ ଅଞ୍ଜଦୀପ'କୁ ନୌସେନାରେ ସାମିଲ କରିବାକୁ ଯାଉଛି। ଚେନ୍ନାଇଠାରେ ଆଇଏନ୍‌ଏସ୍ ଅଞ୍ଜଦୀପକୁ ନୌସେନାରେ ସାମିଲ କରାଯିବ। ଶତ୍ରୁ ପକ୍ଷର ବୁଡ଼ାଜାହାଜକୁ ସମୁଦ୍ର ଭିତରେ ଧ୍ୱଂସ କରିବାର କ୍ଷମତା ରଖିଥିବା ଏହି ଯୁଦ୍ଧ ଜାହାଜ ଭାରତର 'ମେକ୍ ଇନ୍ ଇଣ୍ଡିଆ'ର ଅଂଶବିଶେଷ ଓ ଏହାର ନିର୍ମାଣ ସଂପୂର୍ଣ୍ଣ ଭାବେ ଭାରତୀୟ ଷ୍ଟିଲରେ କରାଯାଇଛି। ଗାର୍ଡେନରିଚ୍ ସିପ୍‌ବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ ଲିମିଟେଡ (ଜିଆରଏସ୍‌ଇ) ଦ୍ୱାରା ନିର୍ମିତ ଆଇଏନ୍‌ଏସ୍ ଅଞ୍ଜଦୀପ ପାଇଁ ଆବଶ୍ୟକ ବିଶେଷ ଗ୍ରେଡ୍ ଷ୍ଟିଲ ମହାରତ୍ନ କଂପାନିଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ସେଲ୍) ପକ୍ଷରୁ ପ୍ରଦାନ କରାଯାଇଥିଲା। ଗତବର୍ଷ ଆଇଏନ୍‌ଏସ୍ ଅର୍ନାଲା ଓ ଆଇଏନ୍‌ଏସ୍ ଆଣ୍ଡ୍ରୋଥ ହୋଇଥିଲା ସାମିଲ ନୌସେନା ଗ୍ରହଣ କରିବାକୁ ଥିବା ଆଠଟି ଏପରି ଜାହାଜ ମଧ୍ୟରୁ ଅଞ୍ଜଦୀପ ହେଉଛି ତୃତୀୟ ଯୁଦ୍ଧଜାହାଜ ଯାହା ଅଗଭୀର ଜଳରେ ଶତ୍ରୁ ବୁଡ଼ାଜାହାଜ ଗୁଡ଼ିକୁ ଚିହ୍ନଟ ଏବଂ ନିଷ୍କ୍ରିୟ କରି ନୌସେନାର କ୍ଷମତାକୁ ବୃଦ୍ଧି କରିବ। ଗତବର୍ଷ ଆଇଏନ୍‌ଏସ୍ ଅର୍ନାଲା ଓ ଆଇଏନ୍‌ଏସ୍ ଆଣ୍ଡ୍ରୋଥକୁ ସାମିଲ କରାଯାଇଥିଲା। ଏହିସବୁ ଯୁଦ୍ଧଜାହାଜ ପାଇଁ ସେଲ୍‌ର ବୋକାରୋ, ଭିଲାଇ ଏବଂ ରାଉରକେଲାରେ ଥିବା ସମନ୍ୱିତ ଇସ୍ପାତ କାରଖାନାରୁ ସମୁଦାୟ ୩,୫୦୦ ଟନ୍ ସ୍ୱତନ୍ତ୍ର-ଗ୍ରେଡ୍ ଇସ୍ପାତ ଯୋଗାଣ କରାଯାଇଥିଲା। ଏହି ସଫଳତା ପ୍ରତିରକ୍ଷା ଉତ୍ପାଦନରେ ଭାରତର ଆତ୍ମନିର୍ଭରଶୀଳତାକୁ ଆହୁରି ବୃଦ୍ଧି କରିବା, ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ଦୃଢ଼ କରିବା ପ୍ରତି ସେଲ୍‌ର ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିଥାଏ। ବର୍ଷ ବର୍ଷ ଧରି ସେଲ୍ ପ୍ରତିରକ୍ଷା ସ୍ୱଦେଶୀକରଣରେ ଦେଶର ସ୍ୱତନ୍ତ୍ର-ଗ୍ରେଡ୍ ଇସ୍ପାତ ଆବଶ୍ୟକତାକୁ ନିରନ୍ତର ପୂରଣ କରିଆସିଛି ଏବଂ ଆଇଏନ୍?ଏସ୍ ବିକ୍ରାନ୍ତ, ଆଇଏନ୍‌ଏସ୍ ଉଦୟଗିରି, ଆଇଏନ୍‌ଏସ୍ ନୀଳଗିରି, ଆଇଏନ୍‌ଏସ୍ ସୁରତ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଇସ୍ପାତ ଯୋଗାଇଛି। ରିପୋର୍ଟ ଅନୁଯାୟୀ, ୭୭ ମିଟର ଲମ୍ବା ଏବଂ ଏକ ହାଇ-ସ୍ପିଡ୍ ୱାଟର-ଜେଟ୍ ପ୍ରପଲ୍ସନ ସିଷ୍ଟମ ଦ୍ୱାରା ଚାଳିତ, ଏହି ଜାହାଜଟି ୨୫ ନଟ୍ ପର୍ଯ୍ୟନ୍ତ ବେଗ ହାସଲ କରିପାରିବ। ତାମିଲନାଡୁ ଓ ପୁଡୁଚେରୀ ପରି ସମ୍ବେଦନଶୀଳ ଉପକୂଳବର୍ତ୍ତୀ ଅଂଚଳରେ ଶତ୍ରୁପକ୍ଷକୁ ଦୃଢ଼ ଜବାବ ଦେବାରେ ସକ୍ଷମ ହେବ।

# ପାରାଦୀପ ବନ୍ଦରରେ ହେବ ସବୁଜ ହାଇଡ୍ରୋଜେନ୍ ଜେଟି

ପାରାଦ୍ୱୀପ: ସ୍ୱଚ୍ଛ ଶକ୍ତି ଭିତ୍ତିଭୂମିକୁ ଆଗକୁ ନେବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ଶ୍ରେୟ ଦେଲେ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନାଲ। ୪ ଏମଟିପିଏ ସମର୍ପିତ ଜେଟି ପ୍ରକଳ୍ପ ସହିତ ପାରାଦୀପ ବନ୍ଦର ଜାତୀୟ ସବୁଜ ହାଇଡ୍ରୋଜେନ ମିଶନକୁ ସାକାର ରୂପ ଦେବ। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ପାରାଦୀପ ବନ୍ଦରରେ ସବୁଜ ହାଇଡ୍ରୋଜେନ, ଆମୋନିଆ ଏବଂ ଅନ୍ୟାନ୍ୟ ତରଳ କାର୍ଗୋ ପରିବହନ ପାଇଁ ଆବଶ୍ୟକ ସୁବିଧା ସହିତ ଏକ ସ୍ୱତନ୍ତ୍ର ଜେଟି ବିକଶିତ କରିବ। ଏଥିପାଇଁ ୭୯୭ କୋଟି ୧୭ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଦ୍ୱାରା ବିଲ୍ଡ-ଅପରେଟ-ଟ୍ରାନ୍ସଫର (ବିଓଟି) ଆଧାରରେ କାର୍ଯ୍ୟକାରୀ କରାଯିବ। ପ୍ରସ୍ତାବିତ ପ୍ରକଳ୍ପରେ ବାର୍ଷିକ ୪ ନିୟୁତ ଟନ୍ ମାଲ ପରିଚାଳନା କ୍ଷମତା ରହିବ। ପାରାଦୀପ ବନ୍ଦରକୁ ଏକ ସବୁଜ ଶକ୍ତି କାର୍ଗୋ କେନ୍ଦ୍ର ଭାବରେ ବିକଶିତ କରିବା ଲାଗି ଏହି ପ୍ରକଳ୍ପକୁ ଡିଜାଇନ୍ କରାଯାଇଛି। ପ୍ରସ୍ତାବିତ ଭିତ୍ତିଭୂମିରେ ଏକ ସ୍ୱତନ୍ତ୍ର ଜେଟି, ସଂରକ୍ଷଣ ପ୍ରଣାଳୀ, ପାଇପଲାଇନ, ପରିଚାଳନା ଉପକରଣ ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଅନ୍ତର୍ଭୁକ୍ତ ହେବ। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନାଲ କହିଛନ୍ତି, ଏହି ମଞ୍ଜୁରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ସବୁଜ ଭିତ୍ତିଭୂମି ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଶ୍ରୀ ସୋନାଲ କହିଛନ୍ତି, ଏହି ଅନୁମୋଦନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ ଏବଂ ନିର୍ଣ୍ଣାୟକ ନେତୃତ୍ୱର ପ୍ରତ୍ୟକ୍ଷ ପରିଣାମ ଯାହା ଭାରତକୁ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ବିଶ୍ୱସ୍ତରୀୟ ଅଗ୍ରଣୀ ରାଷ୍ଟ୍ର ଭାବରେ ସ୍ଥାନିତ କରିଥାଏ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ, ଆମର ବନ୍ଦରଗୁଡ଼ିକୁ ସବୁଜ ଅଭିବୃଦ୍ଧି, ନବସୃଜନ ଏବଂ ସ୍ଥାୟୀ ଲଜିଷ୍ଟିକ୍ସ ପାଇଁ ପ୍ରବେଶପଥରେ ପରିଣତ କରାଯାଉଛି। ଜେଟିର ଏକ୍ସଟ୍ରିମ୍ ଏଣ୍ଡ ଡଲଫିନ୍ ମଧ୍ୟରେ କେନ୍ଦ୍ରରୁ କେନ୍ଦ୍ର ଦୂରତା ୨୭୯ ମିଟର ଏବଂ ବର୍ଥ ସମ୍ମୁଖରେ ୧୪.୩ ମିଟର ଡ୍ରେଜ୍ ଗଭୀରତା ରହିବ ଯାହାଦ୍ୱାରା ତରଳ କାର୍ଗୋ ଜାହାଜର ସୁରକ୍ଷିତ ପରିଚାଳନା ସମ୍ଭବ ହେବ। ନିର୍ମାଣ ପର୍ଯ୍ୟାୟରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ



ପ୍ରକଳ୍ପ ମୂଲ୍ୟର ୨୦% ସମତୁଲ୍ୟ ପୁଞ୍ଜି ସହାୟତା ପ୍ରଦାନ କରିବେ, ଯାହାର ପରିମାଣ ୧୫୯.୪୩ କୋଟି ଟଙ୍କା। ପ୍ରକଳ୍ପଟି ୨୪ ମାସ ମଧ୍ୟରେ ସଂପୂର୍ଣ୍ଣ ହେବାର ଆଶା କରାଯାଉଛି। କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନାଲ କହିଛନ୍ତି, ଉତ୍ସର୍ଗୀକୃତ ସବୁଜ ହାଇଡ୍ରୋଜେନ୍ ଜେଟି ରପ୍ତାନି ଲଜିଷ୍ଟିକ୍ସକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଉଦୀୟମାନ ସବୁଜ ହାଇଡ୍ରୋଜେନ୍ ଉତ୍ପାଦନ କ୍ଲଷ୍ଟରଗୁଡ଼ିକୁ ବିଶ୍ୱ ବଜାର ସହିତ ଯୋଡ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆତ୍ମନିର୍ଭର ଏବଂ ପରିବେଶଗତ ଭାବରେ ଉତ୍ତରଦାୟୀ ଭାରତ ନିର୍ମାଣର ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହୋଇ, ଆମେ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନକୁ ସମର୍ଥନ କରୁଥିବା ବିଶ୍ୱସ୍ତରୀୟ ବନ୍ଦର ଭିତ୍ତିଭୂମି ନିର୍ମାଣ କରୁଛୁ। ପାରାଦୀପ ପ୍ରକଳ୍ପ କେବଳ କାର୍ଗୋ କ୍ଷମତା ବୃଦ୍ଧି କରିବ ନାହିଁ ବରଂ ପୂର୍ବ ଭାରତରେ ନିବେଶକୁ ଗତିଶୀଳ କରିବ। ଏହା ମଧ୍ୟ ନିଯୁକ୍ତି ସୃଷ୍ଟି କରିବ ଏବଂ ଏକ ଦୃଢ଼ ସବୁଜ ଶକ୍ତି ଇକୋସିଷ୍ଟମ ସୃଷ୍ଟି କରିବ। ଏହି ସୁବିଧାରେ ସବୁଜ ହାଇଡ୍ରୋଜେନ୍ କ୍ଷେତ୍ରର ପ୍ରାରମ୍ଭିକ ଅଭିବୃଦ୍ଧି ପର୍ଯ୍ୟାୟରେ ସର୍ବୋତ୍ତମ ବ୍ୟବହାର ସୁନିଶ୍ଚିତ କରିବା ଏବଂ ପାରାଦୀପ ବନ୍ଦରର କାର୍ଗୋ ପ୍ରୋଫାଇଲକୁ ବିବିଧ କରିବା ପାଇଁ ଅନ୍ୟ ତରଳ କାର୍ଗୋ ପରିଚାଳନା ପାଇଁ ବ୍ୟବସ୍ଥା ମଧ୍ୟ ଅନ୍ତର୍ଭୁକ୍ତ ହେବ। ଏହି ପ୍ରକଳ୍ପ ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନର ଉଦ୍ଦେଶ୍ୟ ସହିତ ସମନ୍ୱିତ। ଏହା ସ୍ୱଚ୍ଛ ଶକ୍ତି ସାମଗ୍ରୀ ପାଇଁ ବନ୍ଦର-ଆଧାରିତ ଲଜିଷ୍ଟିକ୍ସକୁ ସୁଦୃଢ଼ କରିବା ସହିତ ଓଡ଼ିଶାରେ ସବୁଜ ଶକ୍ତି ଭିତ୍ତିଭୂମିରେ ନିବେଶକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି। ପ୍ରସ୍ତାବିତ ଜେଟି ପାରାଦୀପ ବନ୍ଦର ଚାରିପାଖରେ ଏକ ସମନ୍ୱିତ ସବୁଜ ହାଇଡ୍ରୋଜେନ୍ ଇକୋସିଷ୍ଟମ ବିକାଶକୁ ସମର୍ଥନ କରିବା ସହିତ ସବୁଜ ଶକ୍ତି ଡେରିଭେଟିଭ୍ସ ଏବଂ ଅନ୍ୟାନ୍ୟ ତରଳ କାର୍ଗୋ ପରିଚାଳନା ତଥା ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଭିତ୍ତିଭୂମି ଏବଂ ଉନ୍ନତ ସୁରକ୍ଷା ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରିବ।

# ଆରାବଳୀରେ ସୁପ୍ରିମ୍ ଝଟକା:

## 'ଅନୁମତି ଥାଉ କି ନଥାଉ, ପାହାଡ଼ ଖନନ ବନ୍ଦ କର'

ନୂଆଦିଲ୍ଲୀ: ଉତ୍ତର ଭାରତରେ ପରିବେଶ ସୁରକ୍ଷା ପାଇଁ ସୁପ୍ରିମ୍‌କୋର୍ଟ ଆରାବଳୀ ପର୍ବତମାଳାରେ ଚାଲିଥିବା ସମସ୍ତ ପ୍ରକାର ଖନନ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ଯେ କେନ୍ଦ୍ର ସରକାର ଓ ପରିବେଶ ବିଶେଷଜ୍ଞମାନେ ଆରାବଳୀର ଠିକ୍ ଭୌଗୋଳିକ ସୀମା ନିର୍ଦ୍ଧାରଣ ନ କରିବା ପର୍ଯ୍ୟନ୍ତ ଏହି ଅଂଚଳରେ ଯଥାସ୍ଥିତି ବଜାୟ ରହିବ। ଶୁଣାଣି ସମୟରେ କିଛି ଖଣି ମାଲିକ ପୂର୍ବରୁ ମିଳିଥିବା ଅନୁମତିପତ୍ର ବଳରେ ଖନନ ଜାରି ରଖିବାକୁ ଯୁକ୍ତି କରିଥିଲେ, ଯାହାର କଡ଼ା ଜବାବ ଦେଇ ପ୍ରଧାନ ବିଚାରପତି କହିଥିଲେ, ଏସବୁ ଅନୁମତିର କୌଣସି ମୂଲ୍ୟ ନାହିଁ। ଆମେ କହୁଛୁ ଆରାବଳୀରେ ଖନନ ବନ୍ଦ କର, ତେଣୁ ତୁରନ୍ତ ଏହାକୁ ବନ୍ଦ କରିବାକୁ ହେବ। ଆରାବଳୀର ସଂଜ୍ଞା ଓ ଏହାର ପରିସୀମାକୁ ନେଇ ରହିଥିବା ଅସ୍ପଷ୍ଟତା ଦୂର କରିବା ପାଇଁ କୋର୍ଟ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ମଧ୍ୟ ଗଠନ କରିଛନ୍ତି। ଏହି କମିଟି ଆରାବଳୀ ପାହାଡ଼ର ସୀମା ନିର୍ଦ୍ଧାରଣ କରିବା ସହ ଏହାର ଜୈବ ବିବିଧତା ଉପରେ ରିପୋର୍ଟ ପ୍ରଦାନ କରିବ। ପରିବେଶବିତ୍‌ଙ୍କ ମତରେ, ଆରାବଳୀ କେବଳ ଏକ ପାହାଡ଼ ନୁହେଁ, ବରଂ ଥର ଭଳି ମରୁଭୂମିକୁ ଅଟକାଉଥିବା ଏକ ପ୍ରାକୃତିକ ପ୍ରାଚୀର। ପ୍ରାକୃତିକ ବିପର୍ଯ୍ୟୟ ପ୍ରତିରୋଧ ସାଙ୍ଗକୁ ଭୂତଳ ଜଳସ୍ତର ବୃଦ୍ଧିରେ ମଧ୍ୟ ଏହାର ପ୍ରମୁଖ ଭୂମିକା ରହିଛି। ସୁପ୍ରିମକୋର୍ଟ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟକୁ ବିଶେଷଜ୍ଞଙ୍କ ନାମ ପ୍ରସ୍ତାବ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଆରାବଳୀ ଅଂଚଳରେ କୌଣସି ଖନନ ହୋଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି।

# ୧୬୦ ବର୍ଷ ପରେ ଇଷ୍ଟ୍ ଇଣ୍ଡିଆ କଂପାନିରେ ପୁଣି ତାଲା ପଡ଼ିଲା

ଲଣ୍ଡନ: ଇଷ୍ଟ୍ ଇଣ୍ଡିଆ କଂପାନି ଭାରତକୁ ବ୍ୟବସାୟ କରିବାକୁ ଆସିଥିଲା। ସେହି କଂପାନି ଜରିଆରେ ବ୍ରିଟିଶମାନେ ଭାରତକୁ ଶାସନ କରିଥିଲେ। ୧୮୫୭ର ସିପାହୀ ବିଦ୍ରୋହ ପରେ କଂପାନିରେ ପ୍ରଥମ ଥର ପାଇଁ ତାଲା ପଡ଼ିଥିଲା। ଏହାର ୧୬୦ ବର୍ଷରୁ ଅଧିକ ସମୟ ପରେ ପୁଣି ଥରେ ସେହି କଂପାନି ବନ୍ଦ ହୋଇଛି। ଇଷ୍ଟ୍ ଇଣ୍ଡିଆ କଂପାନିର ପୁନରୁଦ୍ଧାର କରିବା ଲାଗି ଭାରତୀୟ ଉଦ୍ୟୋଗୀ ସଞ୍ଜୀବ ମେହେଟ୍ଟା କିଛି ଅଂଶଧନକାରୀଙ୍କଠାରୁ କଂପାନିକୁ କିଣିଥିଲେ। ୨୦୧୦ରେ ସେ ଲଣ୍ଡନରେ ତାହାକୁ ଏକ ବିଳାସପୂର୍ଣ୍ଣ ଖାଦ୍ୟ ଓ ପାନୀୟ ବ୍ରାଣ୍ଡ୍ ଭାବେ ଉପସ୍ଥାପନ କରିଥିଲେ। କଂପାନି ଷ୍ଟୋରରେ ଚା, ଚକୋଲେଟ୍ ଓ ଅନ୍ୟାନ୍ୟ ବିଳାସପୂର୍ଣ୍ଣ ସାମଗ୍ରୀ ବିକ୍ରି ହେଉଥିଲା। ତେବେ କଂପାନି ଗ୍ରାହକଙ୍କ ଦ୍ୱାରା ବିଶେଷ ଆଦୃତ ହୋଇନଥିଲା। ଏହାର ଷ୍ଟୋରରୁ ଜିନିଷ ଶେଷ ହୋଇଯାଇଥିଲା। ଇଷ୍ଟ ଇଣ୍ଡିଆ କଂପାନି ସମେତ ମେହେଟ୍ଟାଙ୍କ ଅନ୍ୟ କଂପାନିଗୁଡ଼ିକ ବନ୍ଦ ବନ୍ଦ ହୋଇଛି। କଂପାନିଗୁଡ଼ିକୁ ବନ୍ଦ କରିବାକୁ ଗତବର୍ଷ ଅକ୍ଟୋବରରେ ଲିକ୍ୱିଡେଟର ନିଯୁକ୍ତ କରାଯାଇଥିଲା। ଏହି ସଂସ୍ଥାକୁ ବ୍ରିଟିଶ ଭର୍ଜିନ ଆଇଲ୍ୟାଣ୍ଡ୍‌ରେ ପଞ୍ଜିକୃତ କରାଯାଇଥିଲା। ମୁମ୍ବାଇର ଏକ ଗୁଜରାଟୀ ପରିବାରରେ ଜନ୍ମ ହୋଇଥିବା ସଞ୍ଜୀବଙ୍କ ଜେଜେବାପା ବେଲଜିୟମରେ ହୀରା ବ୍ୟବସାୟ କରୁଥିଲେ। ମୁମ୍ବାଇରେ ପାଠପଢ଼ା ଶେଷ କରିବା ପରେ ସେ ଆମେରିକା ପଢ଼ିବାକୁ ଯାଇଥିଲେ। ସେଠାରେ ସେ ନିଜ ବାପାଙ୍କ ହୀରା ବ୍ୟବସାୟରେ ଯୋଗଦେଇଥିଲେ। ୧୯୮୯ରେ ସେ ଲଣ୍ଡନ ଚାଲିଯାଇଥିଲେ। ସୋଭିଏତ ୟୁନିୟନରେ ଔଷଧ ବିକ୍ରି କରୁଥିବା ତାଙ୍କ ଶ୍ୱଶୁର ୨୦୦୦ ମସିହା ବେଳକୁ ତାଙ୍କୁ ନିଜ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥିଲେ। ଅତୀତରେ ଇଷ୍ଟ ଇଣ୍ଡିଆ କଂପାନି ଭାରତୀୟଙ୍କୁ ଅକଥନୀୟ ନିର୍ଯ୍ୟାତନା ଓ ଶୋଷଣ ଲାଗି କୁଖ୍ୟାତି ହାସଲ କରିଥିଲା। ବିଦ୍ରୋହ ପରେ କଂପାନି ନିଜର ଅସ୍ତିତ୍ୱ ହରାଇଥିଲା। ଉନବିଂଶ ଶତାବ୍ଦୀ ଆରମ୍ଭ ବେଳକୁ ଭାରତରେ ଇଷ୍ଟ୍ ଇଣ୍ଡିଆ କଂପାନିର ୨,୫୦,୦୦୦ରୁ ଅଧିକ ନିଜସ୍ୱ ସୈନିକ ଥିଲେ। ଅତୀତର ଇଷ୍ଟ୍ ଇଣ୍ଡିଆ କଂପାନି ଭାରତୀୟ ଇତିହାସରେ ଏକ ବଡ଼ କଳାଦାଗ ହୋଇରହିଛି। କଂପାନି କ୍ରୀତଦାସ ବିନିମୟରେ ଲିପ୍ତ ଥିବା ଅଭିଯୋଗ ରହିଛି। କିନ୍ତୁ ଦେଢ଼ ଶତାବ୍ଦୀ ପରେ ଉକ୍ତ କଂପାନିକୁ କିଣି ତାହାକୁ ପୁନରୁଦ୍ଧାର କରିବାକୁ ସଞ୍ଜୀବ କରିଥିବା ଉଦ୍ୟମ ବିଫଳ ହୋଇଛି। ଏଥର ନିରବରେ କଂପାନିରେ ତାଲା ପଡ଼ିଯାଇଛି। ତୃତୀୟ ଥର ପୁନରୁଦ୍ଧାରର କୌଣସି ସମ୍ଭାବନା ବି ଦେଖାଯାଉନାହିଁ।

# ସିରାଜୁଦ୍ଦିନ ହକ୍କାନିଙ୍କ ଚରମବାଣୀ:

## ଗୋଟିଏ ଦିନ ଯୁଦ୍ଧରେ ବଦଳିଯିବ ପାକିସ୍ତାନର ମାନଚିତ୍ର

ଆଫଗାନିସ୍ତାନ: ଆଫଗାନିସ୍ତାନର ଗୃହମନ୍ତ୍ରୀ ସିରାଜୁଦ୍ଦିନ ହକ୍କାନି ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ଏହା ପାକିସ୍ତାନ-ଆଫଗାନିସ୍ତାନ ଯୁଦ୍ଧର ଏକ ବିପଜ୍ଜନକ ମୋଡ଼ରେ ପହଂଚିବାର ସମ୍ଭାବନାକୁ ସୂଚିତ କରୁଛି। ନାଟୋ ବିରୋଧରେ ତାଲିବାନର ଲଢେଇର ଉଲ୍ଲେଖ କରି ସିରାଜୁଦ୍ଦିନ ହକ୍କାନି କହିଛନ୍ତି, ଯଦି ପାକିସ୍ତାନ ସହିତ ତାଲିବାନ ଲଢ଼ିବ ତେବେ ଗୋଟିଏ ଦିନରେ ପାକିସ୍ତାନର ମାନଚିତ୍ର ବଦଳିଯିବ। ଯେତେବେଳେ ଆମେରିକା ଆଫଗାନିସ୍ତାନ ଯୁଦ୍ଧ ଲଢୁଥିଲା, ସେତେବେଳେ ତାଲିବାନ ଆତ୍ମଘାତୀ ଆକ୍ରମଣ କରୁଥିଲା। ସେମାନେ ଗରିଲା ଯୁଦ୍ଧରେ ପାରଙ୍ଗମ ଥିଲେ। ସେହି ସମୟରେ ଆଫଗାନିସ୍ତାନରେ ପ୍ରତିଦିନ ବୋମା ବିସ୍ଫୋରଣ ହେଉଥିଲା। ଆମେରିକୀୟ ସୈନ୍ୟମାନେ ଆଫଗାନିସ୍ତାନରୁ ପ୍ରତ୍ୟାହାର କରୁଥିବା ଶେଷ ଦିନରେ, କାବୁଲରେ ଏକ ଭୟଙ୍କର ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ୧୫୦ ରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା। ସିରାଜୁଦ୍ଦିନ ହକ୍କାନି ପାକିସ୍ତାନକୁ ସେଭଳି କରିବାକୁ ଧମକ ଦେଉଥିବା କୁହାଯାଉଛି। ସୂଚନାଯୋଗ୍ୟ, ହକ୍କାନି ନେଟୱାର୍କ ଓ ତାଲିବାନ ସଦସ୍ୟମାନେ ୨୦ ବର୍ଷ ଧରି ଆମେରିକୀୟ ସୈନ୍ୟଙ୍କୁ ହଇରାଣ କ୍ଲାନ୍ତ କରିଦେଇଥିଲେ। କୋଟି କୋଟି ଡଲାର ଖର୍ଚ୍ଚ କରିବା ପରେ, ଆମେରିକା ଆଫଗାନିସ୍ତାନରୁ କ୍ଲାନ୍ତ ହୋଇ ପ୍ରତ୍ୟାହାର କରିନେଇଥିଲା।

# ୧ ଏପ୍ରିଲରୁ ସାରା ଦେଶରେ ୨୦% ଇଥାନଲ୍ ମିଶ୍ରିତ ପେଟ୍ରୋଲ ବାଧ୍ୟତାମୂଳକ

ନୂଆଦିଲ୍ଲୀ: ୧ ଏପ୍ରିଲରୁ ପେଟ୍ରୋଲ ପଂପରେ ୨୦ପ୍ରତିଶତ ଇଥାନଲ୍ ମିଶ୍ରିତ ଇନ୍ଧନ ବାଧ୍ୟତାମୂଳକ, କେନ୍ଦ୍ର ସରକାରଙ୍କ ବଡ଼ ନିଷ୍ପତ୍ତି। ପ୍ରଦୂଷଣ ହ୍ରାସ କରିବା ଓ ତୈଳ ଆମଦାନୀ ଉପରେ



ନିର୍ଭରଶୀଳତା ହ୍ରାସ କରିବା ପାଇଁ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଇଥାନଲ୍ ମିଶ୍ରିତ ପେଟ୍ରୋଲ ବିକ୍ରୟ ପାଇଁ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଏକ ବିଜ୍ଞପ୍ତି ଜାରି କରି ତୈଳ କଂପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ଅନୁଯାୟୀ, ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ତୈଳ ଯୋଗାଣ କଂପାନୀଗୁଡ଼ିକୁ ସର୍ବାଧିକ ୨୦ ପ୍ରତିଶତ ଇଥାନଲ୍ ଯୁକ୍ତ ପେଟ୍ରୋଲ ବିକ୍ରୟ କରିବାକୁ ପଡିବ। ଏହି ଇନ୍ଧନରେ ସର୍ବନିମ୍ନ ୯୫ ଆରଓଏନ୍ ରହିବା ମଧ୍ୟ ଆବଶ୍ୟକ। ଆରଓଏନ୍ ହେଉଛି ଇନ୍ଧନ ଗୁଣବତ୍ତାର ଏକ ପ୍ରମୁଖ ମାପକ ଯାହା ଇଞ୍ଜିନର ସୁରକ୍ଷା ସୁନିଶ୍ଚିତ କରେ। ଇଥାନଲ୍ ଆଖୁ, ମକା ଓ ଅନ୍ୟାନ୍ୟ ଶସ୍ୟରୁ ଉତ୍ପାଦିତ ହୁଏ। ଏହା ଏକ ନବୀକରଣୀୟ ଇନ୍ଧନ ଏବଂ ନିୟମିତ ପେଟ୍ରୋଲ ତୁଳନାରେ କମ୍ ପ୍ରଦୂଷଣକାରୀ ସରକାର କହିଛନ୍ତି, ଇଥାନଲ୍ ମିଶ୍ରଣ ଅଶୋଧିତ ତୈଳ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ। ଯାହାଦ୍ୱାରା ପ୍ରଦୂଷଣ ହ୍ରାସ ପାଇବ।

# ସେମିକଣ୍ଡକ୍ଟର ଫ୍ୟାକ୍ଟ୍ରି ନିର୍ମାଣ କଲା ଇଣ୍ଡିଆ ଚିପ୍

ନୂଆଦିଲ୍ଲୀ: ଉତ୍ତର ପ୍ରଦେଶ ନୋଏଡ଼ାରେ ଚିପ୍ ତିଆରି କାରଖାନା ନିର୍ମାଣ ଆରମ୍ଭ କଲା ଇଣ୍ଡିଆ ଚିପ୍ କଂପାନୀ। ଏଚ୍‌ସିଏଲ୍ ଗ୍ରୁପ ଓ ଫକ୍ସକନର ମିଳିତ ଉଦ୍ୟମରେ ଇଣ୍ଡିଆ ଚିପ୍ ନାମକ ଜଏଂଟ ଭେଂଚର କଂପାନୀ ସ୍ଥାପନ କରାଯାଇଛି। ଇଣ୍ଡିଆ ଚିପ୍‌ରେ ଏହି ପ୍ଲାଂଟରେ ସ୍ମାର୍ଟଫୋନ୍, ଟିଭି, ଲାପଟପ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ଡିଭାଇସଗୁଡ଼ିକରେ ସ୍କ୍ରିନକୁ ଶକ୍ତି ପ୍ରଦାନ କରୁଥିବା ଡିସପ୍ଲେ ଡ୍ରାଇଭ ଚିପ୍ସକୁ ଆସେମ୍ବଲ(ଯୋଡ଼ିବା), ପ୍ୟାକେଜ୍ ଏବଂ ପରୀକ୍ଷା କରାଯିବ। ଯମୁନା ଏକ୍ସପ୍ରେସୱେର ଜେୱାର ନିକଟରେ ପ୍ରତିଷ୍ଠା ହେବାକୁ ଥିବା ଏହି ପ୍ଲାଂଟଟି ଏକ ଉନ୍ନତ ଆଉଟସୋର୍ସଡ୍ ସେମିକଣ୍ଡକ୍ଟର ଆସେମ୍ବଲି ଏବଂ ପରୀକ୍ଷଣ ୟୁନିଟ୍ ହେବ। ୨୦୨୮ରେ କଂପାନୀ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରତି ମାସରେ ଏଠାରେ ୨୦,୦୦୦ ଚିପ୍ ପ୍ରୋସେସ୍ କରିବାକୁ ଡିଜାଇନ୍ କରାଯାଇଛି। ଏଇଚ.ସି.ଏଲ୍. ଏବଂ ଫକ୍ସନର ମିଳିତ ଉଦ୍ୟମର ନିର୍ମିତ ହେଉଥିବା ଏହି ଫ୍ୟାକ୍ଟ୍ରିରେ ୩,୭୦୦ କୋଟି ଟଙ୍କା ନିବେଶ କରାଯାଇଛି। ୬୦-୪୦ ଅନୁପାତରେ କଂପାନୀର ଶେୟାର ରହିବ। ଚିପ୍ ପ୍ରୋସେସିଂ ବ୍ୟତୀତ, ଓ.ଏସ୍.ଏ.ଟି. ପ୍ଲାଂଟ ସେମିକଣ୍ଡକ୍ଟରଗୁଡ଼ିକୁ ଆସେମ୍ବଲ ଏବଂ ଟେଷ୍ଟିଂ କରିବ। ଚିପ୍ ଟେଷ୍ଟିଂ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। କଂପାନୀ କହିଛି ଯେ ଏହି ପ୍ଲାଂଟ ଭାରତର ଡିସପ୍ଲେ ଡ୍ରାଇଭର ଚିପ୍ସର ଘରୋଇ ଚାହିଦାର ପ୍ରାୟ ୨୫ ପ୍ରତିଶତ ପୂରଣ କରିପାରିବ। ବର୍ତ୍ତମାନ ଏହି ଡିସ୍ପ୍ଲେ ଡ୍ରାଇଭ ଚିପ୍‌କୁ ଭାରତ ସଂପୂର୍ଣ୍ଣ ଆମଦାନୀ କରୁଛି। ତେବେ ନୋଏଡ଼ାର ଏହି ପ୍ଲାଂଟ କେବଳ ଦେଶରେ ଚାହିଦା ପୂରଣ କରିବ ନାହିଁ ବରଂ ଏବଂ ବିଶ୍ୱ ବଜାରକୁ ୨୦-୩୦ ପ୍ରତିଶତ ଉତ୍ପାଦନ ମଧ୍ୟ ରପ୍ତାନି କରିପାରିବ। ଭାରତର ଇଲେକ୍ଟ୍ରୋନିକ୍ସ - ବିଶେଷକରି ମୋବାଇଲ୍ ଫୋନ୍,ଲ୍ୟାପଟପ, ଟିଭି, ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଉତ୍ପାଦନ ବୃଦ୍ଧି ପାଇବା ସହିତ ଏହାର ଚାହିଦା ବି ହୁ ହୁ ହୋଇ ବଢି ଚାଲିଛି। ଏହି କଂପାନୀ ପ୍ରତିଷ୍ଠା ହେବା ପରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ୩,୫୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିସହିତ ସପ୍ଲାଏ, ଲଜିଷ୍ଟିକ୍ସ ପାର୍ଟନର ଏବଂ ଆନୁଷଙ୍ଗିକ ୟୁନିଟ୍ ସମେତ ଏକ ସ୍ଥାନୀୟ ସେମିକଣ୍ଡକ୍ଟର ଇକୋସିଷ୍ଟମର ବିକାଶରେ ମଧ୍ୟ ସହାୟକ ହେବ।

# ଚୀନ୍‌ରେ ମୋୟା ମାନିଆ

ନୂଆଦିଲ୍ଲୀ: ଏବେ ସାରା ଦୁନିଆରେ ଏଆଇର ଚର୍ଚ୍ଚା। କଂପ୍ୟୁଟର ଠାରୁ ଆରମ୍ଭ କରି ମୋବାଇଲ ସବୁଥିରେ ଆସିଲାଣି ଏଆଇ। ଏହାରି ଭିତରେ ଚୀନର ଏକ ଏଆଇ ରୋବୋଟି ଅନ୍ୟ ସବୁ ରୋବୋଟ ଠାରୁ ଭିନ୍ନ। ଏହି ରୋବୋଟ ଦେଖିବାକୁ ପୂରା ମଣିଷ ଭଳି ନୁହେଁ, ବରଂ ଏହା ପୂରା ଜଣେ ଅବିକଳ ମଣିଷ ପରି ଚାଲୁଛି, ମୁଣ୍ଡ ହଲାଉଛି, କଥା କହୁଛି ଏମିତିକି ଆଖି ମଧ୍ୟ ଠାରି ପାରୁଛି। ତେବେ ଏହି ରୋବଟ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଯାହାକୁ ଦେଖି ଆଗକୁ ଦୈନନ୍ଦିନ ଜୀବନରେ ରୋବୋଟଙ୍କ ଭୂମିକା କ'ଣ ରହିବ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସାଉଥ ଚାଇନା ମର୍ଣ୍ଣିଂ ପୋଷ୍ଟର ରିପୋର୍ଟ ଅନୁସାରେ, ଚୀନର ଡ୍ରଏଡ ଅପ୍ ନାମକ କଂପାନି ତିଆରି କରିଛି ଦୁନିଆର ସବୁଠୁ ଉନ୍ନତ ଏଆଇ ରୋବୋଟ। ଯାହାର ନାଁ ରହିଛି ମୋୟା। ମୋୟା ଦେଖିବାକୁ ଅବିକଳ ମଣିଷ ପରି। ମୋୟାକୁ ଦୁନିଆର ପ୍ରଥମ ବାୟୋମିମେଟିକ୍ ଏମବୋଡିଡ୍ ଇଂଟେଲିଜେଂଟ ରୋବୋଟ ( ସଂପୂର୍ଣ୍ଣ ମାନବ ଅନୁରୂପ ବୁଦ୍ଧିମାନ ରୋବୋଟ) ବୋଲି କୁହାଯାଉଛି। ସାଉଥ ଚାଇନା ମର୍ଣ୍ଣିଂ ପୋଷ୍ଟ ପକ୍ଷରୁ ଜାରି ଭିଡିଓରେ ମଧ୍ୟ ମୋୟାକୁ ମଣିଷ ଭଳି ହସୁଥିବା,

ଚାଲୁଥିବା, ମୁଣ୍ଡ ହଲାଇବା ଏବଂ ଆଖି ମାରୁଥିବାର ଦେଖାଯାଇଛି। ଏହାର ଉଚ୍ଚତା ୧.୬୫ ମିଟର ରହିଥିବାବେଳେ, ଓଜନ ୩୨ କେଜି ରହିଛି। ଉନ୍ନତ ୱାକର ୩ ଚେସିସରେ ନିର୍ମିତ ଏହି ରୋବୋଟରେ ଜାଲି ଭଳି ମାଂସପେଶୀ ରହିଛି। ଯାହା ରୋବୋଟର ଲୁକକୁ ଆହୁରି ବଢ଼ାଇଥାଏ। ଏହି ରୋବୋଟ ନିଜ ଶରୀରର ତାପମାତ୍ରାକୁ ୩୨ରୁ ୩୬ ଡିଗ୍ରୀ ସେଲସିୟସ ମଧ୍ୟରେ ସ୍ଥିର ରଖିପାରେ। ଏହା ସହ ମୋୟା ନିଜ ଚେହେରାରେ ମଣିଷ ଭଳି ସୂକ୍ଷ୍ମ ଭାବନାର ନକଲ ମଧ୍ୟ କରିପାରେ। ଯାହା ଦ୍ୱାରା କଥାବାର୍ତ୍ତା ସମୟରେ ଲାଗିବ ଯେ, ସତେ ଯେପରି ମୋୟା ଜଣେ ମନୁଷ୍ୟ। ମୋୟାର ଚାଲିବା ଶୈଳୀ ୯୨% ପର୍ଯ୍ୟନ୍ତ ମାନବ ଭଳି। ବିଶେଷଜ୍ଞଙ୍କ ମତରେ ଏହି ଡିଜାଇନର ବିଶେଷତା ମୋୟାକୁ, ଅନେକ ମଣିଷ ଭଳି ଦେଖାଯାଉଥିବା ରୋବୋଟ ଠାରୁ ଭିନ୍ନ କରୁଛି। ଡ୍ରଏଡଅପ୍ କଂପାନି ମୋୟାକୁ ସ୍ୱାସ୍ଥ୍ୟ ସେବା, ବରିଷ୍ଠଙ୍କ ଯତ୍ନ, ଶିକ୍ଷା ଏବଂ ବ୍ୟବସାୟିକ କ୍ଷେତ୍ରରେ ବ୍ୟବହାର ପାଇଁ ପ୍ରସ୍ତୁତ କରିଛି। ଅଧିକ ପରିଶ୍ରମ କରିପାରୁଥିବା ରୋବୋଟ ତୁଳନାରେ ମୋୟାକୁ ଅଧିକ କଥାବାର୍ତ୍ତା ଏବଂ ସାମାଜିକ ଚଳଣୀ ପାଇଁ ଡିଜାଇନ କରାଯାଇଛି। ଏହି ରୋବୋଟକୁ ମନୁଷ୍ୟ ସହ ଉତ୍ତମ ବ୍ୟବହାର କରିବା ପାଇଁ ଡିଜାଇନ ଉପରେ ଧ୍ୟାନ ଦିଆଯାଇଛି। ଯାହାଦ୍ୱାରା ଏହି ରେବୋଟ ଘରୋଇ କାମରେ ଭାବନାତ୍ମକ ଭାବରେ ଆବଶ୍ୟକତାକୁ ପୂରଣ କରିପାରିବ। ସାଉଥ ଚାଇନା ମର୍ଣ୍ଣିଂ ପୋଷ୍ଟର ଫୁଟେଜ ଅନୁସାରେ, ଏହି ରୋବୋଟ ୨୦୨୬ ଶେଷ ସୁଦ୍ଧା ବଜାରକୁ ଆସିପାରେ। ଏହାର ଦାମ୍ ପ୍ରାୟ ୧.୨ ମିଲିୟନ ୟେନ ରହିପାରେ।

# ଇଂଲଣ୍ଡକୁ ହରାଇ ଭାରତ ଫାଇନାଲରେ; ମାର୍ଚ୍ଚ ୮ରେ ନ୍ୟୁଜିଲାଣ୍ଡ ସହ ମହାଲଢ଼େଇ

ମୁମ୍ବାଇ: ଭାରତ ସେମିଫାଇନାଲରେ ଇଂଲଣ୍ଡକୁ ୭ ରନ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ଟିମ୍ ଇଣ୍ଡିଆ ଫାଇନାଲରେ ନିଜର ସ୍ଥାନ ପକ୍କା କରିଛି ଏବଂ ଏବେ ମାର୍ଚ୍ଚ ୮ ତାରିଖରେ ଖେଳାଯିବାକୁ ଥିବା ଟାଇଟଲ ପାଇଁ ମୁକାବିଲାରେ ଭାରତର ସାମ୍ନା ନ୍ୟୁଜିଲାଣ୍ଡ ସହିତ ହେବ । ଇଂଲଣ୍ଡ ପକ୍ଷରୁ ଜ୍ୟାକବ୍ ବେଥେଲ୍ ଏକ ଐତିହାସିକ ଶତକୀୟ ପାରି ଖେଳିଥିଲେ ମଧ୍ୟ ନିଜ ଦଳକୁ ଚତୁର୍ଥ ଥର ପାଇଁ ଫାଇନାଲକୁ ନେଇପାରିଲେ ନାହିଁ । ଟି-୨୦ ବିଶ୍ୱକପ୍ ଇତିହାସରେ ଭାରତ ଚତୁର୍ଥ ଥର ପାଇଁ ଫାଇନାଲରେ ପ୍ରବେଶ କରିଛି । ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଭାରତୀୟ ଦଳ ପ୍ରଥମେ ବ୍ୟାଟିଂ କରି ୨୫୩ ରନ୍‌ର ଏକ ବିଶାଳ ସ୍କୋର ଛିଡ଼ା କରିଥିଲା । ଏହାର ଜବାବରେ ଇଂଲଣ୍ଡ ଦଳ ୨୪୬ ରନ୍ କରିବାକୁ ସକ୍ଷମ ହୋଇଥିଲା ଏବଂ ମ୍ୟାଚକୁ ୭ ରନ୍‌ରେ ହାରିଯାଇଥିଲା । ଏହି ସଂପୂର୍ଣ୍ଣ ମ୍ୟାଚରେ ମୋଟ୍ ୪୯୯ ରନ୍ ସଂଗୃହିତ ହୋଇଛି । ୨୫୪ ରନର ରେକର୍ଡ ଲକ୍ଷ୍ୟକୁ ପିଛା କରୁଥିବା ଇଂଲଣ୍ଡ ଦଳ ୧୭ ଓଭର ସୁଦ୍ଧା ୨୦୯ ରନ୍ ସଂଗ୍ରହ କରିସାରିଥିଲା । ଶେଷ ୩ ଓଭରରେ ଦଳକୁ ଜିତିବା ପାଇଁ ୪୫ ରନର ଆବଶ୍ୟକତା ଥିଲା । ଜ୍ୟାକବ୍ ବେଥେଲ୍ ଏବଂ ସାମ୍ କରନ୍ କ୍ରିଜ୍‌ରେ ସେଟ୍ ହୋଇସାରିଥିଲେ ଏବଂ ଇଂଲଣ୍ଡର ବିଜୟ ସଂପୂର୍ଣ୍ଣ ଭାବେ ସମ୍ଭବ ମନେ ହେଉଥିଲା । ଏହି ସମୟରେ, ୧୮ତମ ଓଭରରେ ଜସପ୍ରୀତ ବୁମ୍ରା ନିଜ ସ୍ପେଲ୍‌ର ଶେଷ ଓଭର ବୋଲିଂ କରିବାକୁ ଆସିଥିଲେ । ଏହି ଓଭରରେ ସେ ମାତ୍ର ୬ ରନ୍ ଦେଇଥିଲେ ଏବଂ ଏହିଠାରୁ ହିଁ ମ୍ୟାଚ୍‌ର ମୋଡ଼ ଭାରତ ଆଡ଼କୁ ଢଳିଥିଲା । ୧୯ତମ ଓଭର ବୋଲିଂ କରିଥିଲେ ହାର୍ଦ୍ଦିକ ପାଣ୍ଡ୍ୟା । ସେ ମଧ୍ୟ ଏହି ଓଭରରେ ମାତ୍ର ୯ ରନ୍ ଦବା ସହ ସାମ୍ କରନ୍‌ଙ୍କ ୱିକେଟ୍ ମଧ୍ୟ ନେଇଥିଲେ । ଶେଷ ଓଭରରେ ବୋଲିଂ କରିଥିଲେ ଶିବମ ଦୁବେ । ପ୍ରଥମ ବଲ୍‌ରେ ହିଁ ଦୁଇ ରନ୍ ନେବା ପ୍ରୟାସ୍‌ରେ ଆଉଟ ହୋଇଥିଲେ ଜ୍ୟାକବ୍ ବେଥେଲ୍ । ଏହାପରେ ଜୋଫ୍ରା ଆର୍ଚର ଲଗାତାର ୩ଟି ଛକା ମାରିଥିଲେ ସୁଦ୍ଧା ଏହା ଇଂଲଣ୍ଡର ବିଜୟ ପାଇଁ ପର୍ଯ୍ୟାପ୍ତ ନଥିଲା । ଡିଫେଣ୍ଡିଂ ଚାମ୍ପିୟନ ଭାରତ ପୁଣିଥରେ ଫାଇନାଲରେ ପହଂଚିଛି । ଟ୍ରଫି ପାଇଁ ନ୍ୟୁଜିଲାଣ୍ଡ ସହ ହେବ ମହାଲଢ଼େଇ ।

## ମୁଖ୍ୟ ପ୍ରଶିକ୍ଷକ ଜୟସୁରିୟା ପଦ ଛାଡ଼ିଲେ

ନୂଆଦିଲ୍ଲୀ: ଚଳିତ ଆଇସିସି ଟ୍ୱେଂଟି-୨୦ ବିଶ୍ୱକପ୍‌ରେ ଦଳର ବିପର୍ଯ୍ୟୟ ପରେ ଶ୍ରୀଲଙ୍କା ମୁଖ୍ୟ ପ୍ରଶିକ୍ଷକ ପଦ ଛାଡି ଦେଇଛନ୍ତି ପୂର୍ବତନ କ୍ରିକେଟର ସନଥ ଜୟସୁରିୟା । ପାକିସ୍ତାନ ନିକଟରୁ ୫ ରନ୍‌ର ପରାଜୟ ପରେ ଘରୋଇ ଶ୍ରୀଲଙ୍କା ପ୍ରଶଂସକଙ୍କୁ ବିଜୟରେ ବିଦାୟ ଦେଇପାରିନଥିଲା । ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିଲେ ମଧ୍ୟ ଶ୍ରୀଲଙ୍କା ସୁପର-୮ ପର୍ଯ୍ୟାୟରେ ଅତି ନିରାଶାଜନକ ପ୍ରଦର୍ଶନ କରି ୪ରୁ ୩ଟି ମ୍ୟାଚ୍ ହାରିଯାଇଥିଲା । ଜୟସୁରିୟା ନିଜ ଇସ୍ତଫା ସଂପର୍କରେ ଆନୁଷ୍ଠାନିକ ଭାବେ ଶ୍ରୀଲଙ୍କା କ୍ରିକେଟ୍‌କୁ ଜଣାଇବେ ବୋଲି କହିଛନ୍ତି । 'ମୋ ଚୁକ୍ତି ଜୁନ୍ ମାସ ପର୍ଯ୍ୟନ୍ତ ରହିଛି । ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାଠାରୁ ମୁଁ ମନସ୍ଥ କରିଥିଲି ଲମ୍ବା ସମୟ ଦାୟିତ୍ୱରେ ରହିବି ନାହିଁ । ତେବେ ବିଜୟର ଉଚ୍ଚତା ସହ ବିଦାୟ ନେବାର ଆଶା ବି ପୂରଣ ହୋଇପାରିଲା ନାହିଁ' ବୋଲି ଜୟସୁରିୟା ପ୍ରକାଶ କରିଛନ୍ତି ।

## ପାକିସ୍ତାନ ଖେଳାଳିଙ୍କୁ ଜରିମାନା

ଲାହୋର: ବିଶ୍ୱକପ୍‌ରେ ଖରାପ ଖେଳିବାର ଫଳ ପାକିସ୍ତାନୀ ଖେଳାଳିଙ୍କୁ ମିଳିଛି । ସେମିଫାଇନାଲ୍ ଯାଇ ନପାରିବା ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ନିଜ ଦଳର ସବୁ ଖେଳାଳିଙ୍କୁ ୧୮,୦୦୦ ଡଲାର ବା ପାଖାପାଖି ୧୭ ଲକ୍ଷ ଭାରତୀୟ ଟଙ୍କାରେ ଦଣ୍ଡିତ କରିଛି । ପ୍ରକୃତରେ ପାରଂପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତଠାରୁ ଲଜ୍ଜାଜନକ ପରାଜୟ ବରଣ କରିଥିବାରୁ ପାକିସ୍ତାନ ଦଳକୁ ଦଣ୍ଡିତ କରିଥିଲା ପିସିବି । ତେବେ ସେମିଫାଇନାଲ୍‌କୁ ପ୍ରବେଶ କଲେ ଏହି ଜରିମାନାକୁ ବାତିଲ କରିଦିଆଯିବ ବୋଲି ଆଶ୍ୱାସନା ଦେଇଥିଲା । ନିର୍ଣ୍ଣାୟକ ସୁପର-୮ ମ୍ୟାଚ୍‌ରେ ଶ୍ରୀଲଙ୍କାଠାରୁ ଜିତିବା ସତ୍ତ୍ୱେ ପାକିସ୍ତାନ ସେମିଫାଇନାଲ୍‌ରେ ପ୍ରବେଶ କରିପାରି ନଥିଲା । ନ୍ୟୁଜିଲାଣ୍ଡ ସହ ସମାନ ପଏଂଟ୍ ପାଇଥିଲେ ବି ଖରାପ ନେଟ୍ ରେନ୍ ରେଟ୍ ଲାଗି ସୁପର-୮ ପର୍ଯ୍ୟାୟରୁ ବିଦାୟ ନେଇଥିଲା । ଯାହା ପିସିବି ମୁଖ୍ୟ ମୋହସିନ ନକଭୀଙ୍କୁ ଉତ୍‌କ୍ଷିପ୍ତ କରିଥିଲା । ଏଣୁ ସେ ପାକିସ୍ତାନ ଖେଳାଳି ଘରକୁ ଫେରିବା ପୂର୍ବରୁ ପୂର୍ବ ଘୋଷିତ ଜରିମାନାକୁ ପୁନଃ ଲାଗୁ କରି ଦେଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା ଚଳିତ ଟ୍ୱେଂଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନୀ ଓପନର ସାହିବଜାଦା ଫରହାନ୍ ବ୍ୟକ୍ତିଗତ ଭାବେ ସର୍ବାଧିକ ରନ୍ କରିଛନ୍ତି । ତଥାପି ସେ ମଧ୍ୟ ଜରିମାନା ଦେବାକୁ ବାଧ୍ୟ ହେବେ ।

## ଫୁଟବଲ କ୍ଲବ୍‌ର ମାଲିକ ହେଲେ କ୍ରିଷ୍ଟିଆନୋ ରୋନାଲ୍ଡୋ

ମାଦ୍ରିଦ: ପର୍ତ୍ତୁଗାଲର ଷ୍ଟାର ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋ ବିଶ୍ୱର ସବୁଠୁ ଦାମୀ ଫୁଟବଲ ପ୍ଲେୟାର । ତେବେ ସେ କେବଳ ଜଣେ ଖେଳାଳି ନୁହେଁ ବରଂ ଏକ କ୍ଲବର ମାଲିକ । ଏନେଇ ନିଜେ କହିଛନ୍ତି ଷ୍ଟାର ଫୁଟବଲର । ଏକ ଫୁଟବଲ କ୍ଲବର ଅଂଶ ଧନ ସେ କିଣିଥିବା ନେଇ ପ୍ରକାଶ କରିଛନ୍ତି । ସେସ୍ପେନର ଆଲମେରିଆ କ୍ଲବର ୨୫ ପ୍ରତିଶତ ଅଂଶଧନ କ୍ରୟ କରିଛନ୍ତି । ଯାହା ସାଉଦି କଂପାନୀ ଏସଏମସିର ନିୟନ୍ତ୍ରଣରେ ରହିଛି । ଆଲମେରିଆ ୨୦୨୪ରେ ଲା ଲିଗା ଟୁର୍ଣ୍ଣାମେଂଟ ଖେଳିଥିଲା । ଏବେ ସେ ଗୁନ୍ଦା ଲିଗରେ କ୍ଲବର ରାଙ୍କ୍ ତିନି ନମ୍ବରରେ ରହିଛି ।୨୦୨୪ରେ ଏହା ସେଗୁନ୍ଦା ଟୁର୍ଣ୍ଣାମେଂଟରେ ଦୁଇ ନମ୍ବରରେ ରହି ଲା ଲିଗା ଖେଳିବା ପାଇଁ ସୁଯୋଗ ପାଇଥିଲା । ଲା ଲିଗାର ନିୟମ ଅନୁସାରେ ସେଗୁନ୍ଦାରେ ଯେଉଁ ଟିମ୍ ପ୍ରଥମ ଦୁଇଟି ସ୍ଥାନରେ ରହିଥାଏ ତାକୁ ହିଁ ଲା ଲିଗା ଖେଳିବାକୁ ସୁଯୋଗ ମିଳେ । ନିଜ କଂପାନୀ ସିଆର-୭'ର ଏକ କାର୍ଯ୍ୟକ୍ରମରେ ରୋନାଲ୍ଡୋ କହିଛନ୍ତି ଯେ, ସେ ଆଲମେରିଆରେ ସେ ନିବେଶ କରିଛନ୍ତି । କ୍ଲବର ୨୫ ପ୍ରତିଶତ ମାଲିକାନା ତାଙ୍କ ପାଖରେ ରହିଛି । ଏହାଦ୍ୱାରା ସେ ଖେଳାଳିଙ୍କ ପ୍ରଦର୍ଶନକୁ ନୂଆ ଶିଖରରେ ପହଁଚାଇବେ । ଦୀର୍ଘଦିନ ହେବ ଫୁଟବଲ ପ୍ରତି କିଛି କରିବାକୁ ତାଙ୍କର ଇଚ୍ଛା ରହିଥିଲା । ଯାହା ଏବେ ବାସ୍ତବତାର ରୂପ ନେଇଛି । କିପରି କ୍ଲବର ଖେଳାଳି ଅଧିକରୁ ଅଧିକ ଭଲ ଖେଳିବେ ସେନେଇ ସେ କ୍ଲବର ସହ ମାଲିକଙ୍କ ସହ ମିଶି କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି । ଆଲମେରିଆ କ୍ଲବ୍‌ର ସଭାପତି ମହମ୍ମଦ ଅଲ୍ ଖେରେଇଜି କହିଛନ୍ତି ଯେ, ଭବିଷ୍ୟତରେ କ୍ଲବ୍ ପାଇଁ ରୋନାଲ୍ଡ ବଡ ଭୂମିକା ଗ୍ରହଣ କରିବେ । ପଡିଆରେ ରୋନାଲ୍ଡୋ ଖୁବ୍ ଭଲ ଖେଳନ୍ତି । ସ୍ପେନର ବିଭିନ୍ନ ଲିଗ୍ ବାବଦରେ ତାଙ୍କୁ ଭଲଭାବେ ଜଣା । ଏଠାକାର ଖେଳାଳିଙ୍କ ଦକ୍ଷତାକୁ ସେ ଭଲ ଭାବେ ଜାଣିଛନ୍ତି । ରୋନାଲ୍ଡୋ ଏବେ ସାଉଦି ପ୍ରୋ ଲିଗରେ ଅଲ ନସର ପାଇଁ ଖେଳୁଛନ୍ତି । ପୂର୍ବରୁ ସେ ରିଅଲ ମାଦ୍ରିଦରେ ୯ବର୍ଷ ଖେଳିଥିଲେ । ତାଙ୍କ ନେତୃତ୍ୱରେ ଦଳ ଦୁଇଟି ଲିଗ୍ ଟ୍ରଫି ଏବଂ ଚାରୋଟି ଚାଂପିଅନ୍ ଟ୍ରଫି ହାତେଇଛି । ୨୦୧୪-୧୫ରେ ରିଅଲ ମାଦ୍ରିଦ ପକ୍ଷରୁ ସେ ୩୫ଟି ମ୍ୟାଚ୍ ଖେଳି ୪୮ ଗୋଲ୍ କରିଥିଲେ । ଏହାପରେ ସେ ମାଂଚେଷ୍ଟର ୟୁନାଇଟେଡ୍ ପକ୍ଷରୁ ମଧ୍ୟ କିଛି ମ୍ୟାଚ୍ ଖେଳିଥିଲେ । ଯାହାପରେ ରୋନାଲ୍ଡୋ ଜୁଭେଂଟସରେ ଯୋଗ ଦେଇଥିଲେ ।

## ୬୭ ବର୍ଷ ପରେ ଜମ୍ମୁକାଶ୍ମୀର ଜିତିଲା ପ୍ରଥମ ରଣଜୀ ଟ୍ରଫି

ଶ୍ରୀନଗର: ଜମ୍ମୁକାଶ୍ମୀର ଘରୋଇ କ୍ରିକେଟର ରଣଜୀ ଟ୍ରଫି ଫାଇନାଲରେ ଦଳ ଦୃଢ଼ ପ୍ରଦର୍ଶନ କରି ପ୍ରଥମ ଥର ପାଇଁ ଟାଇଟଲ୍ ଜିତିଛି । ଶକ୍ତିଶାଳୀ କର୍ଣ୍ଣାଟକ ଦଳକୁ ପରାସ୍ତ କରିଛି ଜମ୍ମୁକାଶ୍ମୀର । ପ୍ରଥମ ଥର ରଣଜୀ ଟ୍ରଫିରେ ୧୯୫୯-୬୦ରେ ଅଂଶଗ୍ରହଣ କରିଥିଲା । ସେବେଠାରୁ ୬୭ ବର୍ଷ ବିତିଗଲାଣି । ଦଳ ଏପର୍ଯ୍ୟନ୍ତ କୌଣସି ଟାଇଟଲ୍ ଜିତି ନଥିଲା । ରଣଜୀ ଟ୍ରଫିରେ ପ୍ରଥମ ଥର ପାଇଁ ଚାଂପିଅନ୍ ହୋଇଛି ଜମ୍ମୁକାଶ୍ମୀର । ମ୍ୟାଚେ ଜମ୍ମୁକାଶ୍ମୀର ପ୍ରଥମ ଇନିଂସରେ ୫୮୪ ରନ ବିଶାଳ ସ୍କୋର କରିଥିଲା । ଜବାବରେ କର୍ଣ୍ଣାଟକ ମାତ୍ର ୨୯୩ ରନ୍ ଅଲଆଉଟ୍ ହୋଇଯାଇଥିଲା । କାମରାନ୍ ଇକବାଲ୍ ୧୬୦ ରନ୍ ଏକ ଚମତ୍କାର ଇନିଂସ ଖେଳିଥିଲେ । ସାହିଲ୍ ମଧ୍ୟ ଏକ ଶତକ ହାସଲ କରି ଦଳକୁ ଏକ ଦୃଢ଼ ଅଗ୍ରଣୀ ଦେଇଥିଲେ । ଦ୍ୱିତୀୟ ଇନିଂସ୍ ପରେ, ଦଳର ମୋଟ ଅଗ୍ରଣୀ ୬୩୦ ରନକୁ ଅତିକ୍ରମ କରିଥିଲା । ଫଳରେ ମ୍ୟାଚଟି ସଂପୂର୍ଣ୍ଣ ଏକପାଖିଆ ହୋଇଥିଲା । ଶେଷରେ ମ୍ୟାଚ ଡ୍ର' ହୋଇଥିଲା । ନିୟମ ଅନୁଯାୟୀ, ରଣଜୀ ଟ୍ରଫି ମ୍ୟାଚରେ ଯଦି କୌଣସି ମ୍ୟାଚ୍ ଡ୍ର ହୁଏ, ତେବେ ପ୍ରଥମ ଇନିଂସ ଆଧାରରେ ଫଳାଫଳ ନିର୍ଣ୍ଣୟ କରାଯାଏ । ପ୍ରଥମ ଇନିଂସରେ ଅଗ୍ରଣୀ ପାଇଥିବା ଦଳକୁ ବିଜେତା ଘୋଷିତ କରାଯାଏ । ଏହି ନିୟମ ଜମ୍ମୁକାଶ୍ମୀର ଦଳକୁ ମ୍ୟାଚ୍ ଜିତିବାକୁ ସହାୟକ ହୋଇଛି । ଏହି ଐତିହାସିକ ମୁହୂର୍ତ୍ତରେ ଜମ୍ମୁକାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଖେଳାଳିମାନଙ୍କୁ ସାକ୍ଷାତ କରି ଅଭିନନ୍ଦନ ଜଣାଇଛନ୍ତି ।

## ଜାତୀୟ କରାଟେ: ଓଡ଼ିଶାକୁ ୮ ପଦକ

ଭୁବନେଶ୍ୱର: ଦିଲ୍ଲୀର ତାଲକୋଟରା ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଜାତୀୟ ୨୧ ବର୍ଷରୁ କମ୍ ଓ ବରିଷ୍ଠ କରାଟେ ପ୍ରତିଯୋଗିତାରେ ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୩ କାଂସ୍ୟ ସହ ମୋଟ ୮ ପଦକ ମିଳିଛି । ଭାଲିନା ଭାଲେଂଟିନା, ସୁରୋମିତା ସିହ୍ନା, ଆଲିଶା ସୁବୁଦ୍ଧି ଓ ସୁପ୍ରିୟା ମହାନ୍ତିଙ୍କୁ ନେଇ ଗଠିତ ଓଡ଼ିଶା ମହିଳା ବରିଷ୍ଠ କାଟା ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା । ସେହିଭଳି ମହିଳା ଫାଇଟିଂ ଦଳ (ଅନୁପମା ସ୍ୱାଇଁ, ସୋନାଲୀ ପାଣିଗ୍ରାହୀ, ଲୋମା ସ୍ୱାଇଁ, ବ୍ରତତି ବିଶ୍ୱପ୍ରଭା ପତି, ମୋନାଲି ସାହୁ) ଏବଂ ପୁରୁଷ କାଟା ଦଳ (ଯୋଗେଶ ବେରିହା, କ୍ରୀଷ୍ଟା ଶିକାରୀ, ମହେଶ ଡୋରା, କାମେଶ ମହାପାତ୍ର) କାଂସ୍ୟ ପଦକ ଜିତିଥିଲା । ରାଜୀବ କୁମାର ସିଂହ (ରେଫରି), ଅବିନାଶ ପୁନ୍ଦିର (ପ୍ରବନ୍ଧକ), ଖାରବେଳ ମଲିକ, ଦୀପକ କୁମାର ସାମନ୍ତରା, ସନ୍ତୋଷ ମହାରଣା (ପ୍ରଶିକ୍ଷକ) ଓ ସିନ୍ଧୁ ତନୟା ଖୁଂଟିଆ (ମହିଳା ପ୍ରବନ୍ଧକ) ଦଳ ସହ ଯାତ୍ରା କରିଥିଲେ । ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘ ସଂପାଦକ ଗୌରି ମହାନ୍ତି, ସଭାପତି ହରିପ୍ରସାଦ ପଟ୍ଟନାୟକ, ସଞ୍ଜୟ ଦାସ, ବରିଷ୍ଠ ଆଇନଜୀବୀ କାଳିପ୍ରସାଦ ନନ୍ଦ, ସନତ ନାୟକ, ପ୍ରଶାନ୍ତ ଧଳ, ପ୍ରଦୀପ ସରକାର, ପ୍ରକାଶ ପଟ୍ଟନାୟକ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି ।

## ଏସୀୟ ମୁଷ୍ଟିଯୁଦ୍ଧରେ ଭାରତୀୟ ଦଳର ନେତୃତ୍ୱ ନେବେ ଲଭଲିନା: ନିଖତ୍

ନୂଆଦିଲ୍ଲୀ: ଅଲଂପିକ୍ସ ପଦକ ବିଜୟିନୀ ଲଭଲିନା ବୋର୍ଗୋହେଁ ଓ ଦୁଇ ଥର ବିଶ୍ୱ ଚାଂପିୟନ ହୋଇଥିବା ନିଖତ୍ ଜରିନ୍ ଏସୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ୨୦ ଜଣିଆ ଭାରତୀୟ ଦଳର ନେତୃତ୍ୱ ନେବେ । ଏହି ପ୍ରତିଯୋଗିତା ମାର୍ଚ୍ଚ ୨୮ରୁ ଏପ୍ରିଲ ୧୧ ପର୍ଯ୍ୟନ୍ତ ମଙ୍ଗୋଲିଆରେ ଅନୁଷ୍ଠିତ ହେବ । ଗତ ଜାନୁଆରିରେ ହୋଇଥିବା ଜାତୀୟ ପ୍ରତିଯୋଗିତା ଓ ତା'ପରେ ପଟିଆଲାରେ ଅନୁଷ୍ଠିତ ଜାତୀୟ ଶିବିରରେ ପ୍ରତିଯୋଗୀଙ୍କ ବ୍ୟାପକ ମୂଲ୍ୟାଙ୍କନ ପରେ ଏହି ୨୦ ଜଣିଆ ଦଳ ଚୟନ କରାଯାଇଛି । ଏସୀୟ ପ୍ରତିଯୋଗିତାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି କାରଣ ଏହାର ଫାଇନାଲିଷ୍ଟମାନେ ନିଜ ନିଜ ବର୍ଗରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସୀୟ କ୍ରୀଡ଼ା ପାଇଁ ସିଧାସଳଖ ପ୍ରବେଶ ପାଇବେ । ପ୍ରତିଯୋଗୀମାନଙ୍କ ମଧ୍ୟରୁ ଲଭଲିନା ୭୫ କିଲୋଗ୍ରାମ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବାବେଳେ ପ୍ରୀତି ୫୪ କିଲୋଗ୍ରାମ ବର୍ଗରେ, ଅରୁନ୍ଧତୀ ଚୌଧୁରୀ ୭୦ କିଲୋଗ୍ରାମ, ନିଖତ୍ ଜରିନ୍ ୫୧ କିଲୋଗ୍ରାମ ବର୍ଗରେ, ଅଙ୍କୁସିତା ବୋରୋ ୬୫ କିଲୋଗ୍ରାମ୍ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ସେହିପରି ପୁରୁଷ ଦଳରେ ନେତୃତ୍ୱ କରିବେ ବୋକ୍ସାମ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ବିଜୟୀ ସଚିନ । ସେ ୬୦ କିଲୋଗ୍ରାମ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ପୁରୁଷ ବର୍ଗରେ ଅନ୍ୟ ପ୍ରତିଯୋଗୀମାନେ ହେଲେ ଆକାଶ (୭୫ କିଲୋଗ୍ରାମ) ଦିପକ୍ (୭୦ କିଲୋଗ୍ରାମ) ଓ ଯଦୁମଣି ସିଂ ( ୫୫ କିଲୋଗ୍ରାମ୍) ।

## ଗୋଲ୍ ପିଛା ୧୦୦ ଗଛ: ହକି ବିଶ୍ୱକପ୍‌ରେ ବନୀକରଣ ବାର୍ତ୍ତା

ହାଇଦ୍ରାବାଦ: ସାମାଜିକ ଦାୟିତ୍ୱବୋଧ ତଥା ନିରନ୍ତର ପରିବେଶ ଅନୁକୂଳ ବିକାଶର ପ୍ରତିବଦ୍ଧତା ପରିପ୍ରେକ୍ଷୀରେ ହକି ଇଣ୍ଡିଆ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି । ତେଲେଙ୍ଗାନାର ହାଇଦ୍ରାବାଦଠାରେ ଆୟୋଜିତ ହେବାକୁ ଥିବା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଅବସରରେ ବନୀକରଣ ତଥା ପରିବେଶ ସୁରକ୍ଷାର ଜନହିତକର ବାର୍ତ୍ତା ଦେବାକୁ 'ଆଡପ୍‌ଟଟ୍ରୀ' ନାମକ ସ୍ୱେଚ୍ଛାସେବୀ ସଂଗଠନ ସହ ସହବନ୍ଧନ କରିଛି । ଏହି ପ୍ରତିଯୋଗିତା ମାର୍ଚ୍ଚ ୮ରୁ ଆରମ୍ଭ ହୋଇ ୧୪ ତାରିଖରେ ଶେଷ ହେବ । ୭ ଦିନର ଖେଳରେ ହେବାକୁ ଥିବା ପ୍ରତି ପେନାଲ୍‌ଟି କର୍ଣ୍ଣର ପାଇଁ 'ଆଡପ୍‌ଟଟ୍ରୀ' ୫୦ ଗଛ ଲଗାଇବ । ସେହିଭଳି ଗୋଟିଏ ଗୋଟିଏ ଗୋଲ୍ ପାଇଁ ୧୦୦ ଲେଖାଏଁ ବୃକ୍ଷ ରୋପଣ କରିବ । ଏହି ଅନନ୍ୟ ସବୁଜ ଅଭିଯାନ ମାଧ୍ୟମରେ ପରିବେଶ ସୁରକ୍ଷାରେ ଜଙ୍ଗଲ ତଥା ସବୁଜିମାର ସକାରାତ୍ମକ ପ୍ରଭାବ ଏବଂ ଏହାର ସୁଫଳକୁ ଲୋକଙ୍କ ପାଖରେ ପହଂଚାଇବେ 'ହକି ଇଣ୍ଡିଆ' ଓ 'ଆଡପ୍‌ଟଟ୍ରୀ' । ଏହି ଗଛଗୁଡ଼ିକ ତେଲେଙ୍ଗାନା, ନାଗାଲାଣ୍ଡ ଓ ଅରୁଣାଚଳପ୍ରଦେଶ ଲଗାଯିବ । ଯାହା ପରିବେଶଗତ ପୁନରୁଦ୍ଧାର ଏବଂ ସବୁଜ ଆଚ୍ଛାଦନ ବିସ୍ତାର ଦିଗରେ ଏକ ମାଇଲ୍‌ଖୁଂଟ ସାବ୍ୟସ୍ତ ହେବ । ଏଭଳି ପ୍ରୟାସର ମୂଳ ଲକ୍ଷ୍ୟ ହେଉଛି ଏକ ସ୍ଥାୟୀ ପରିବେଶଗତ ଐତିହ୍ୟ ସୃଷ୍ଟି କରିବା ସହିତ ଖେଳାଳି, ପ୍ରଶଂସକ ଓ ସଂପ୍ରଦାୟ ମଧ୍ୟରେ ପରିବେଶ ବିକାଶର ସଚେତନତାକୁ ପ୍ରୋତ୍ସାହିତ କରିବା । ଏହି ଅଭିଯାନ ମଧ୍ୟ ଅନ୍ତର୍ଜାତୀୟ ହକି ମହାସଂଘର 'ଜଙ୍ଗଲକୁ ଫେରାଇବା' ଅଭିଯାନକୁ ଆହୁରି ସୁଦୃଢ଼ କରିବ । ଏହି ଅଭିଯାନ ଅନ୍ତର୍ଗତ ଭାରତ, ଚୀନ, ଓମାନ, ପୋଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ଉରୁଗୁଏ ଭଳି ଦେଶରେ ଏଫ୍‌ଆଇଏଚ୍ ଭିନ୍ନ ଭିନ୍ନ ସ୍ୱେଚ୍ଛାସେବୀ ସଂଗଠନକୁ ସାଥୀ କରି ହଜାର ହଜାର ବୃକ୍ଷରୋପଣ କରିସାରିଲାଣି । ଏହି ବିଷୟରେ ପ୍ରତିକ୍ରିୟା ପ୍ରକାଶ କରି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି କହିଛନ୍ତି, ହକି ସବୁବେଳେ ଦଳଗତ ଭାବନା, ଦାୟିତ୍ୱବୋଧ, ସମ୍ମାନ ଓ ନାଗରିକ ମୂଲ୍ୟକୁ ଗୁରୁତ୍ୱ ଦେଇ ଆସିଛି । ଯାହା ହକି ପଡ଼ିଆ ବାହରକୁ ମଧ୍ୟ ପରିବର୍ଦ୍ଧିତ । ବିଶ୍ୱକପ୍‌ର ପରିବେଶ ବିକାଶ ସାଥୀ ଭାବେ 'ଆଡପ୍‌ଟଟ୍ରୀ'କୁ ପାଇ ଆମେ ବହୁତ ଉଲ୍ଲସିତ । ଗୋଲ୍ ଓ କର୍ଣ୍ଣର ସହ ବୃକ୍ଷରୋପଣକୁ ଯୋଡ଼ି ଏଫ୍‌ଆଇଏଚ୍ କ୍ରୀଡ଼ା ସଫଳତାକୁ ଏକ ସ୍ଥାୟୀ ପରିବେଶଗତ ଐତିହ୍ୟ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି । ସଂପାଦକ ଭୋଳାନାଥ ସିଂହ ମଧ୍ୟ ଏଫ୍‌ଆଇଏଚ୍‌ର ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ସୂଚନାଯୋଗ୍ୟ ଯେ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଆୟୋଜକ ଭାରତ ସହ ଇଂଲଣ୍ଡ, ସ୍କଟଲାଣ୍ଡ, କୋରିଆ, ଇଟାଲି, ଉରୁଗୁଏ, ୱେଲ୍‌ସ ଓ ଅଷ୍ଟ୍ରିଆ ଭଳି ଦେଶ ଅଂଶଗ୍ରହଣ କରିବେ । ଏଥିରୁ ବେଲଜିୟମ ଓ ନେଦରଲାଣ୍ଡ୍‌ସରେ ଚଳିତବର୍ଷ ଖେଳାଯିବାକୁ ଥିବା ହକି ବିଶ୍ୱକପ୍ ଲାଗି ତିନିଟି ଦଳ ଯୋଗ୍ୟତା ଅର୍ଜନ କରିବେ ।

ଯଦି ଆପଣ ଆମକୁ ଆପଣଙ୍କ ଲେଖା, ମତାମତ ଓ ବିଜ୍ଞାପନ ଦେବାକୁ ଚାହାନ୍ତି,
ତାହାହେଲେ ନିମ୍ନଲିଖିତ ମେଲ୍ ଆଇଡ଼ କିମ୍ବା ଫୋନ୍ ନମ୍ବରରେ ଯୋଗାଯୋଗ କରିପାରିବେ ।
Mail- thesalandisamachar@gmail.com
Mob- 9438525025, 7008962025
ଜିଲ୍ଲାସ୍ତରୀୟ ବ୍ଲକସ୍ତରୀୟ ସାମ୍ବାଦିକ ପାଇଁ ଉପର ନମ୍ବରରେ ଯୋଗାଯୋଗ କରନ୍ତୁ ।

This Periodical is Published by Rupak Bihari Ray from At- Mathasahi, Dist- Bhadrak, Odisha, Ph. No. (06784)240771, Mob: 9438525025, 7008962025, E-mail: thesalandisamachar@gmail.com on behalf of Rupak Bihari Ray edited by Rupak Bihari Ray and Printed by Alok Bihari Ray at Anasuya Printers, At- Mathasahi, Dist- Bhadrak, Odisha

Editor :Rupak Bihari Ray Sub-Editor :Manoranjan Mohanty Managing-Editor :Deepak Bihari Ray ସଂପାଦକ :ରୁପକ ବିହାରୀ ସହ-ସଂପାଦକ :ମନୋରଞ୍ଜନ ମହାନ୍ତି ପରିଚାଳନା ସଂପାଦକ : ଦୀପକ ବିହାରୀ ରାୟ